
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୨୭ ଏପ୍ରିଲ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 27 APRIL 2025

Vol.No. 36 ■ No.110 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ

ବିଷୁବ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


## ଇରାନ ବନ୍ଦରରେ ପ୍ରଚଣ୍ଡ ବିସ୍ଫୋରଣ: ୪୦୦ରୁ ଅଧିକ ଆହତ

ନୂଆଦିଲ୍ଲୀ, ୨୬/୪ : ଶନିବାର ଇରାନର ବନ୍ଦର ଆବାସ ସହରରେ ଏକ ବଡ଼ଧରଣର ବିସ୍ଫୋରଣ ହୋଇଛି । ଏଥିରେ ୪୦୦ ରୁ ଅଧିକ ଲୋକ ଆହତ ହୋଇଥିବା ସରକାରୀ ନ୍ୟୁଜ ଏଜେନ୍ସି ଇରନା କହିଛି। ଏହି ବିସ୍ଫୋରଣ ଏପରି ଏକ ସମୟରେ ଘଟିଛି ଯେତେବେଳେ ଓମାନରେ ଆମେରିକା ଏବଂ ଇରାନ ମଧ୍ୟରେ ତୃତୀୟ ପରମାଣୁ ଆଲୋଚନା ଚାଲିଛି। ତଥାପି, ବିସ୍ଫୋରଣର କାରଣ ତୁରନ୍ତ ସ୍ପଷ୍ଟ ହୋଇପାରି ନାହିଁ। ବନ୍ଦର ଆବାସ ସହରର



ସହିଦ ରାଜି ବନ୍ଦରରେ ଏହି ବିସ୍ଫୋରଣ ଘଟିଥିଲା। ଆହତମାନଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲା । ବିସ୍ଫୋରଣ ପରେ ବନ୍ଦରର କାର୍ଯ୍ୟକଳାପ ବନ୍ଦ କରାଯାଇଥିଲା। ବର୍ତ୍ତମାନ ନିଆଁ ଲିଭାଇବା ପାଇଁ ପ୍ରୟାସ ଚାଲିଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ତାହାର ପ୍ରଭାବରେ ଅନେକ କିଲୋମିଟର ଦୂରରେ ଝରକା ଭାଙ୍ଗି ଯାଇଥିଲା। ଇରାନର ତସନିମ ନ୍ୟୁଜ ଏଜେନ୍ସିର ସୂଚନା ଅନୁସାରେ ବିସ୍ଫୋରଣ ସମୟରେ ବନ୍ଦରରେ ଅନେକ କର୍ମଚାରୀ କାମ କରୁଥିଲେ । ସେମାନେ ହିଁ ଆହତ ହୋଇଛନ୍ତି ଓ କେତେକ ମୃତ୍ୟୁବରଣ କରିଥିବାର ଆଶଙ୍କା କରାଯାଉଛି ।

## ବୟାନ ଦେଲେ ପୁଣି କ୍ଷମା ମାଗିଲେ ବିଜେଡି ସାଂସଦ

ଭୁବନେଶ୍ୱର, ୨୬/୪ (ନି.ପ୍ର): ଜମ୍ମୁ କଶ୍ମୀରର ଅନନ୍ତନାଗ ଜିଲ୍ଲା ପହଲଗାମରେ ଗତ ୨୨ ତାରିଖ ଦିନ ଆତଙ୍କବାଦୀ ଆକ୍ରମଣ ନେଇ ବୟାନବାଜି କରିଥିବା ବିଜୁ ଜନତା ଦଳ (ବିଜେଡି)ର ରାଜ୍ୟସଭା ସାଂସଦ ସୁଲତା ଦେଓ କ୍ଷମା ମାଗିଛନ୍ତି । ତାଙ୍କର ବୟାନ ଗଣମାଧ୍ୟମରେ ପ୍ରକାଶିତ ହେବା ଏବଂ ନିଜ ଦଳର ନେତାଙ୍କ ସମେତ ରାଜ୍ୟ ସରକାରଙ୍କ ମନ୍ତ୍ରୀ ସମାଲୋଚନା କରିବା ପରେ ସୁଲତା ଦେଓ କ୍ଷମା ପ୍ରାର୍ଥନା




କରିଛନ୍ତି। ସେ କହିଛନ୍ତି, ଯଦି ମୋ ବୟାନ ଦେଶବାସୀଙ୍କୁ ଉପହାସିତ କରିଛି ଏଥି ପାଇଁ ମୁଁ ଦୁଃଖ ପ୍ରକାଶ କରୁଛି।

▶▶ପୃଷ୍ଠା ୭

## ପହଲଗାମ୍ ଆତଙ୍କୀ ହମଲା ଘଟଣାରେ ବାଲେଶ୍ୱରରେ ଏନଆଇଏ ଟିମର ତଦନ୍ତ

ବାଲେଶ୍ୱର, ୨୬/୪ (ନି.ପ୍ର): ଏହି ଘଟଣାର ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ଅଛନ୍ତି ପ୍ରଶାନ୍ତଙ୍କ ପତ୍ନୀ ଓ ନାବାଳକ ପୁଅ । କେଉଁ ସମୟରେ ଏହି ଘଟଣା ଘଟିଲା ? ଆତଙ୍କବାଦୀମାନେ ଆସିବା ସମୟରେ କେଉଁ ପ୍ରକାରର ପୋଷାକ ପିନ୍ଧିଥିଲେ ? କେଉଁ ଦିଗରୁ ଆସିଥିଲେ ? କେଉଁ ପ୍ରକାରର ଅସ୍ତ୍ରଶସ୍ତ୍ର ଧରିଥିଲେ ? ସେମାନେ ଲୋକଙ୍କୁ କଣ ସବୁ କହିଥିଲେ ? ଆକ୍ରମଣ ସମୟରେ କଣ କହି ମାରୁଥିଲେ ? ସେମାନଙ୍କ ଉଦ୍ଦେଶ୍ୟ କଣ ଥିଲା ? ବାଲେଶ୍ୱର ଇସାଣୀ ଗାଁରେ ପହଞ୍ଚିଛି ଏନଆଇଏ ଟିମ୍ । ପହଲଗାମ୍ ଘଟଣାରେ ପ୍ରାଣ ହରାଇଥିବା ବାଲେଶ୍ୱରର ପ୍ରଶାନ୍ତ ଶତପଥୀଙ୍କ ଘରେ ପହଞ୍ଚିଛନ୍ତି ଏକ




ଟିମ୍ । ପହଲଗାମ୍? ଆତଙ୍କୀ ହମଲାରେ ଅଧିକ ତଥ୍ୟ ସଂଗ୍ରହ କରୁଛି ଏନଆଇଏ । ଏହି ଘଟଣାର ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ଅଛନ୍ତି ପ୍ରଶାନ୍ତଙ୍କ ପତ୍ନୀ ଓ ନାବାଳକ ପୁଅ । କେଉଁ ସମୟରେ ଏହି ଘଟଣା ଘଟିଲା ? ଆତଙ୍କବାଦୀମାନେ ଆସିବା ସମୟରେ କେଉଁ ପ୍ରକାରର ପୋଷାକ ପିନ୍ଧିଥିଲେ ? କେଉଁ ଦିଗରୁ ଆସିଥିଲେ ? କେଉଁ ପ୍ରକାରର ଅସ୍ତ୍ରଶସ୍ତ୍ର ଧରିଥିଲେ ? ସେମାନେ ଲୋକଙ୍କୁ କଣ ସବୁ କହିଥିଲେ ? ଆକ୍ରମଣ ସମୟରେ କଣ କହି ମାରୁଥିଲେ ? ସେମାନଙ୍କ ଉଦ୍ଦେଶ୍ୟ କଣ ଥିଲା ?

▶▶ପୃଷ୍ଠା ୭

## ପୋପ୍ ଫ୍ରାନ୍ସିସ୍‌ଙ୍କ ଅନ୍ତିମ ସଂସ୍କାରରେ ଟ୍ରମ୍ପ୍-ଜେଲେନସ୍କି ଏକାଠି

ଭଟିକାନ ସିଟି , ୨୬/୪ ଶନିବାର ଦିନ ଭଟିକାନରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି ସାକ୍ଷାତ କରିଛନ୍ତି। ପୋପ୍ ଫ୍ରାନ୍ସିସ୍‌ଙ୍କ ଅନ୍ତିମ ସଂସ୍କାରରେ ଯୋଗଦେବା ପାଇଁ ଉଭୟ ନେତା ଭଟିକାନ୍ ପହଞ୍ଚିଥିଲେ । ଏଠାରେ ଦୁହେଁ କିଛି ସମୟ ବସି କଥାବାର୍ତ୍ତା କରିଥିଲେ। ହ୍ୱାଇଟ୍ ହାଉସରେ ପ୍ରବଳ ବିତର୍କ ପରେ ପ୍ରାୟ ଦୁଇ



ମାସ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ମଧ୍ୟରେ ଏହି ସାକ୍ଷାତ ହୋଇଛି । ଫେବୃଆରି ୨୮ ତାରିଖରେ ହ୍ୱାଇଟ୍ ହାଉସର ଓଭାଲ୍ ଅଫିସରେ ଉଭୟଙ୍କ ମଧ୍ୟରେ ହୋଇଥିବା ସାକ୍ଷାତ ଏକ ଉଷ୍ମ ବିତର୍କରେ ପରିଣତ ହୋଇଥିଲା। ଏହି ଦୃଷ୍ଟିରୁ, ଦୁଇ ନେତାଙ୍କ ମଧ୍ୟରେ ହୋଇଥିବା ବର୍ତ୍ତମାନର ସାକ୍ଷାତ ଏବଂ ଆଲୋଚନା ସ୍ୱତନ୍ତ୍ର ଥିଲା। ଶନିବାର ଟ୍ରମ୍ପ୍ ଏବଂ ଜେଲେନସ୍କିଙ୍କ ମଧ୍ୟରେ ହୋଇଥିବା ସାକ୍ଷାତର କିଛି ଫଟୋ ଭଟିକାନରୁ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି । ଏହି ଫଟୋଗୁଡ଼ିକରେ ଟ୍ରମ୍ପ୍ ଏବଂ ଜେଲେନ୍ସ୍କି ଚେୟାରରେ ବସି କଥାବାର୍ତ୍ତା କରୁଥିବାର ଦେଖିବାକୁ ମିଳୁଛି। ଏହି ବୈଠକ ବିଷୟରେ ହ୍ୱାଇଟ୍ ହାଉସ୍ ଯୋଗାଯୋଗ ନିର୍ଦ୍ଦେଶକ ଷ୍ଟିଭେନ୍ ଚେଙ୍ଗ୍ କହିଛନ୍ତି ଯେ, ଦୁଇ ନେତା ବ୍ୟକ୍ତିଗତ

▶▶ପୃଷ୍ଠା ୭

## ପ୍ରଚଣ୍ଡ ତାତିରୁ ମିଳିବ ଆଶ୍ୱସ୍ତି: ଆଜିଠୁ ୫ ଦିନ ଯାଏ ବର୍ଷା !

ଭୁବନେଶ୍ୱର, ୨୬/୪ (ନି.ପ୍ର): ତାତିରେ ଲାଗିବ ବ୍ରେକ୍ । ଅସହ୍ୟ ଗୁଳୁଗୁଳି ଓ ଗରମରୁ ମିଳିବ ତ୍ରାହି। ଆଜିଠୁ ରାଜ୍ୟରେ ବର୍ଷା ସମ୍ଭାବନା ରହିଛି । ଆଜିଠାରୁ ଆସନ୍ତା ୧ ତାରିଖ ଯାଏ ବିଭିନ୍ନ ଜିଲ୍ଲାରେ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ଆଜି ମୟୂରଭଞ୍ଜ ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି । ସେହିପରି ମାଲକାନଗିରି, କୋରାପୁଟ, ଗଞ୍ଜାମ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, କେତେକ ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି । ଏହାସହ ୩୦-୪୦ କିମି ବେଗରେ ପବନ ବହିପାରେ । ୨୭ ଓ ୨୮ ତାରିଖରେ ଝଡ଼ବର୍ଷାର ପ୍ରଭାବ ଅଧିକ ରହିପାରେ । ଏଥିପାଇଁ ବିଭିନ୍ନ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ବର୍ତ୍ତମାନ ରାଜ୍ୟରେ ପ୍ରଚଣ୍ଡ ତାତିରେ କଲବଲ ହେଉଛି ଜନଜୀବନ । ତତଲା କଡ଼େଇରେ ଭାଜି ହେଉଛି ସାରା ଓଡ଼ିଶା । ଉପକୂଳରୁ ଉତ୍ତର, ପୁଣି ପଶ୍ଚିମରୁ ଦକ୍ଷିଣ ସବୁଠି ଜାରି ରହିଛି ପ୍ରଚଣ୍ଡ ଗ୍ରୀଷ୍ମଲହରୀ । ବିଶେଷକରି ପଶ୍ଚିମ ଓଡ଼ିଶାର ତାପମାତ୍ରା ରେକର୍ଡ ଭାଙ୍ଗୁଛି । ଗତ ୨୨ ତାରିଖରେ ଝାରସୁଗୁଡ଼ାରେ ଏପ୍ରିଲ ମାସର ସର୍ବକାଳୀନ ତାତି ରେକର୍ଡ ହୋଇଥିଲା । ତେବେ ଆଜିଠୁ ବର୍ଷା ସମ୍ଭାବନା ଥିବାରୁ ପ୍ରଚଣ୍ଡ ତାତିରୁ ଆଶ୍ୱସ୍ତି ମିଳିବ ।

## ପାଣ୍ଡିଆନଙ୍କ ପାଖରେ ବିଜେଡି ପାଣ୍ଠି

ଭୁବନେଶ୍ୱର, ୨୬/୪ (ନି.ପ୍ର): ପାଣ୍ଡିଆନଙ୍କ ପାଖରେ ବିଜେଡି ପାଣ୍ଠି। ନବୀନ କେବେ ପାଣ୍ଡିଆନକୁ ଛାଡ଼ି ପାରିବେନି । ବିଜେପି ମୁହାଁ ବିଜେଡି ସାଂସଦ । ଏମିତି କିଛି ବୟାନ ରଖି ବିଜେଡିକୁ ଟାର୍ଗେଟ୍ କରିଛନ୍ତି ବରିଷ୍ଠ ବିଜେପି ବିଧାୟକ ପଦ୍ମଲୋଚନ ପଣ୍ଡା । ପଦ୍ମଲୋଚନ କହିଛନ୍ତି, ବିଜେଡରେ ଏକାନ୍ନ ଚକ୍ରବର୍ତ୍ତୀ ଥିଲେ ପାଣ୍ଡିଆନ । ନବୀନ ଖାଲି କା' ଥିଲେ । ପାଣ୍ଡିଆନଙ୍କ ପ୍ରତି ନବୀନଙ୍କ ଦୁର୍ବଳତା ଅଛି ତାକୁ କେବେ ଛାଡ଼ି ପାରିବେନି । ବିଜେଡିର ବେସରକାରୀ ରାଜକୋଷ ପାଣ୍ଡିଆନ କବଜାରେ । ପ୍ଲାଇଁ କିସ୍ ଏବେ ବନ୍ଦ ହେଇଯାଇଛି ସବୁ ଲୁଚେଇକି ଚାଲିଛି । ରାତିରେ ନବୀନ ପାଣ୍ଡିଆନ କଥା ବାର୍ତ୍ତା ହେଉଛନ୍ତି । ଯେଉଁ ବିଜେଡି ନେତା କହୁଛନ୍ତି ଆମେ ନବୀନଙ୍କୁ ଭେଟୁଛୁ।



ଏକଥା ମିଛ... ନବୀନ ସେମାନଙ୍କ ନାଁ ବି ଜାଣି ନଥିବେ । ବିଧାୟକ ଏବଂ ପୂର୍ବତନ ମନ୍ତ୍ରୀ ମାନଙ୍କୁ ନବୀନ ଚିହ୍ନି ନଥିବେ । ସବୁ ଡିଲ କରୁଛି ପାଣ୍ଡିଆନ । ବିଜେଡି ନେତାମାନେ ଆଶା ଶୂନ୍ୟ. ସେମାନେ ଦେଖୁଛନ୍ତି ବିଜେପି ହିଁ ଆଶା ସଂଚାର କରିପାରିବ । ବିଜେପି ପାଇଁ ଦୁର୍ବଳତା ରହିଛି ସେମାନେ ଯୋଗାଯୋଗ କରୁଥିବେ ବୋଲି ବିଜେପି ବିଧାୟକ ପଦ୍ମଲୋଚନ ପଣ୍ଡା କହିଛନ୍ତି । ପଦ୍ମଲୋଚନଙ୍କ ଏହି ବୟାନ ପରେ ବିଜେଡି କାଉଣ୍ଟର କରିଛି । ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି, ବିଜେପି ନେତାଙ୍କୁ କାହିଁକି ପାଣ୍ଡିଆନ ଭୂତ ଘାରିଛି । ସେମାନେ ନିଜ କଥା ବୁଝନ୍ତୁ । ବିଜେଡି ପାଖରେ ଯାହା ପାଣ୍ଠି ଅଛି ତାହାର ରିପୋର୍ଟ ନିର୍ବାଚନ କମିଶନଙ୍କୁ ଦିଆଯାଇଛି । ଲୋକ ଲୋଚନରେ ଅଛି । ଯେଉଁ ମାନେ ନୀଳ ଚଷମା ପିନ୍ଧନ୍ତି ତାଙ୍କୁ ସବୁ ନୀଳ ଦେଖାଯିବ ବୋଲି ଗଣେଶ୍ୱର କହିଛନ୍ତି । ଏହା ବ୍ୟତୀତ ସେ ଆହୁରି କହିଛନ୍ତି, ପାଣ୍ଠି ଖର୍ଚ୍ଚ ପାଇଁ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଅଛି । ପାଣ୍ଡିଆନଙ୍କ ପାଖରେ କିଛି ପାଣ୍ଠି ନାହିଁ । ପାଣ୍ଡିଆନ ଦଳର କର୍ମକର୍ତ୍ତା ବି ନୁହନ୍ତି । ବିଜେଡି କେନ୍ଦ୍ର ଓ ରାଜ୍ୟରେ ସରକାରରେ ଅଛି, ଲୋକଙ୍କ ସମସ୍ୟା ବୁଝି ଦୂର କରିବା ପାଇଁ ଚେଷ୍ଟା କରନ୍ତୁ । ପାଣ୍ଡିଆନ ଭୂତ ପଛରେ ଗୋଡାଇଲେ ଆଣ୍ଠୁ ଗଣ୍ଠି ଛିଡ଼ିବ । ତେବେ ରାଜ୍ୟ ରାଜନୀତିରେ ବେଶ କିଛି ଦିନ ହେବ ପାଣ୍ଡିଆନ୍ ଝଡ଼ ବହୁଛି । ସେ ୱକଫ୍ ବିଲ୍ ହେଉ କି ଦଳ ଭିତରର କିଛି କଥା ସବୁଥିରେ ଉଠୁଛି ପାଣ୍ଡିଆନ୍‌ଙ୍କ ନାଁ । ରାଜନୀତିରୁ ସନ୍ନ୍ୟାସ ଘୋଷଣା ପରେ ବି ଯେମିତି ପାଣ୍ଡିଆନ୍ ଏବେ ବି ବିଜେଡିରେ ସକ୍ରିୟ ରହିଛନ୍ତି ।

## ଓଡ଼ିଶାରେ ରହିଥିବା ପାକିସ୍ତାନୀଙ୍କୁ ବିଦା କରାଯିବ: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୨୬/୪ (ନି.ପ୍ର): ଯେଉଁ ପାକିସ୍ତାନୀ ଓଡ଼ିଶାରେ ଅଛନ୍ତି ତାଙ୍କୁ ବାହାର କରାଯିବ। ତାଙ୍କୁ ଚିହ୍ନଟ କରାଯାଇଛି। ତାଙ୍କୁ ବିଦା କରାଯିବ ବୋଲି ସୂଚନା ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ପାକିସ୍ତାନୀ ଦେଶରେ ରହି ଭାରତ ବିରୋଧୀ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ତେଣୁ ତାଙ୍କୁ ବାହାର କରାଯିବ। ଯେଉଁ ପାକିସ୍ତାନୀ ଓଡ଼ିଶାରେ ଅଛନ୍ତି ରାଜ୍ୟ ଗୃହ ବିଭାଗ ତାଙ୍କ ଉପରେ ନଜର ରଖିଛି। ତାଙ୍କ ବିଷୟରେ ଅନେକ ରିପୋର୍ଟ ଆସୁଛି। ଗୃହ ବିଭାଗ ବୁଝୁଛି। ଏଠି ରହି ଦେଶଦ୍ରୋହି କାମ କରିଛନ୍ତି। ତାସହିତ ବିନା ରେକର୍ଡ, ବିନା ଭିସାରେ ଯେଉଁ ବାଂଲାଦେଶୀ ଓଡ଼ିଶାରେ ଅଛନ୍ତି ତାଙ୍କୁ ବି ବିଦା କରାଯିବ।

## ଘାଟିରେ ଟେରରିଷ୍ଟ ନେଟୱର୍କକୁ ବଡ଼ ପ୍ରହାର: ୧୭୫ ସନ୍ଦିଗ୍ଧ ପୋଲିସ ହେପାଜତରେ

ଆକ୍ସନ ମୁଡରେ ସେନା। ଆତଙ୍କୀଙ୍କ ଖେଳ ଖତମ ପାଇଁ ଘାଟିରେ ମାରାଥନ୍ ଅପରେସନ୍। ଏକାଧିକ ସ୍ଥାନରେ ସେନା, ସିଆରପିଏଫ ଓ ପୋଲିସ ପକ୍ଷରୁ ଚାଲିଛି ମିଳିତ ଅପରେସନ୍। ପହଲଗାମ୍ ହମଲାରେ ଜମ୍ମୁ ଓ କଶ୍ମୀରରୁ ୧୪ ଜଣ ସ୍ଥାନୀୟ ଆତଙ୍କୀଙ୍କ ସଂପୃକ୍ତି ଥିବା ଗୁଇନ୍ଦା ସୂଚନା ମିଳିଛି। ସେପଟେ ଅନନ୍ତନାଗରେ ୧୭୫ ସନ୍ଦିଗ୍ଧଙ୍କୁ ହେପାଜତକୁ ନେଇଛି ପୋଲିସ। ଏବେ ଚାଲିଛି ଡୋର୍ ଟୁ ଡୋର୍ ସର୍ଚ୍ଚ ଅପରେସନ୍। ୪୮ ଘଣ୍ଟାରେ ୫ ଜଣ ଲସ୍କର ଆତଙ୍କୀଙ୍କ ଘରକୁ ଧ୍ୱଂସ ବି କରାଗଲାଣି। ସେପଟେ ସୀମାରେ ଉତ୍ତେଜନା ବଢୁଥିବାରୁ ଖଡ଼ଉରେ ପ୍ରସ୍ତୁତ ହେଲାଣି ବଙ୍କର। ଦୁର୍ଗମ ପାହାଡ଼ରୁ ସହର ପୁଣି ବସତି, ସବୁଠି ଆତଙ୍କୀ ନିପାତ ଅଭିଯାନ ଜୋରଦାର। ପହଲଗାମ୍ ବଦଲା ପାଇଁ ଘାଟିରେ ଏସଓଜି, ସିଆରପିଏଫ୍ ଓ ସ୍ଥାନୀୟ ପୋଲିସ ସହ ମିଶି ଏକାଧିକ ଅପରେସନ୍ ଚଳାଇଛି ସେନା। ଅହୋରାତ୍ର ଚାଲିଛି ଆଣ୍ଟି ଟେରର



ଅପରେସନ୍। ସୁରକ୍ଷାବାହିନୀ ଫୋକସରେ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଇଥିବା, ସହାୟତା କରିଥିବା ସ୍ଥାନୀୟ ନାଗରିକ। ଯେଉଁମାନେ ଦେଶ ଭିତରେ ରହି ଆତ୍ମଘାତୀ କାର୍ଯ୍ୟ କରୁଛନ୍ତି। ଆତଙ୍କୀଙ୍କ ଇକୋ-ସିଷ୍ଟମକୁ ଧ୍ୱଂସ କରିବା ପାଇଁ ଗଳିରୁ ଗଳି, ଡୋର୍ ଟୁ ଡୋର୍ ସର୍ଚ୍ଚ ଅପରେସନ୍। ଅନନ୍ତନାଗ, ରାଜୌରୀ, କଠୁଆ, ପୁଞ୍ଛ ଆଦି ଜିଲ୍ଲାର ଏକାଧିକ ସମ୍ବେଦନଶୀଳ ଅଞ୍ଚଳକୁ ଘେରାବନ୍ଦୀ କରି ଚଢ଼ାଉ ଚାଲିଛି। ସନ୍ଦିଗ୍ଧଙ୍କ ଘରକୁ ଅଣ୍ଡାଳି ତନ୍ନ ତନ୍ନ ଯାଞ୍ଚ କରୁଛନ୍ତି ସଶସ୍ତ୍ର ଯବାନ। ଛଡା ଯାଉନି କୌଣସି ଗୋଟିଏ ସ୍ଥାନ କି କୋଣ। ଚାରିଆଡ଼େ ଖେଦି ତଲାସୀ ଅଭିଯାନକୁ ଆହୁରି ଜୋରଦାର କରାଯାଇଛି। ଗାଡ଼ିମୋଟର ସହ ଯାଞ୍ଚ ହେଉଛି ଯାତ୍ରୀଙ୍କ ପ୍ରମାଣପତ୍ର। ଏହାରି ଭିତରେ ଅନନ୍ତନାଗରେ ୧୭୫ ସନ୍ଦିଗ୍ଧଙ୍କୁ ହେପାଜତକୁ ନେଇଛି ପୋଲିସ। ପହଲଗାମ୍ ହମଲାରେ ଜମ୍ମୁ ଓ କଶ୍ମୀରରୁ ୧୪ ଜଣ ସ୍ଥାନୀୟ ଆତଙ୍କୀଙ୍କ ସଂପୃକ୍ତି ରହିଛି। ଗୁଇନ୍ଦା ତଥ୍ୟ ଆଧାରରେ ପ୍ରକାଶ ପାଇଛି ସେମାନଙ୍କର ତାଲିକା। ସମସ୍ତଙ୍କର ବୟସ ୨୦ରୁ ୪୦ ବର୍ଷ ମଧ୍ୟରେ ହୋଇଥିବା ସୂଚନା ରହିଛି। ସେମାନେ ଅନୁପ୍ରବେଶକାରୀ ପାକିସ୍ତାନୀ ଆତଙ୍କୀଙ୍କୁ ସହଯୋଗ ସହ ଲୁଚି ରହିବା ବ୍ୟବସ୍ଥା କରିଥିଲେ। ସମସ୍ତେ ହିଜବୁଲ୍ ମୁଜାହିଦ୍ଦିନ, ଲସ୍କର-ଏ-ତୋଏବା, ଜେଇଏମ ପାଇଁ କାର୍ଯ୍ୟ କରୁଥିଲେ। ଗୋଟିଏ ପଟେ ଆତଙ୍କୀ ତଲାସୀ ଅଭିଯାନ ତୀବ୍ର ହୋଇଥିବା ବେଳେ ଅନ୍ୟପଟେ ଆତଙ୍କବାଦୀଙ୍କ ଘରକୁ ବିସ୍ଫୋରଣ କରି ଉଡ଼ାଇ ଦିଆଯାଉଛି। ଗତ ୪୮ ଘଣ୍ଟା ଭିତରେ ୫ ଆତଙ୍କୀଙ୍କ ଘରକୁ ମାଟିଲେ ମିଶାଇଛି ସେନା। ଆଜି ପହଲଗାମ୍ ହମଲାରେ ସଂପୃକ୍ତି ସନ୍ଦେହରେ ସୋପିଆନ ଓ କୁଲଗାମ ଜିଲ୍ଲାରେ ୩ ଲସ୍କର ଆତଙ୍କବାଦୀଙ୍କ ଘରକୁ ଆଇଡି ବିସ୍ଫୋରଣ କରି ଉଡାଯାଇଛି। ଏଥିରେ ରହିଛି ୨୦୨୩ରୁ ଏଲଇଟିରେ ସକ୍ରିୟ କ୍ୟାଡର ଆତଙ୍କବାଦୀ ଏହସାନ ଅହମ୍ମଦ ଶେଖ, ଜାକିର ଗନି ଓ ୨ ବର୍ଷ ତଳେ ଲସ୍କର କ୍ୟାମ୍ପରେ ନାଁ ଲେଖାଇଥିବା ସାହିଦ ଅହମ୍ମଦ ଓ ର ଘର। ଗତକାଲି ୨ ଜଣଙ୍କର ଘରକୁ ମାଟିରେ ମିଶାଇଥିଲେ ସୁରକ୍ଷାବାହିନୀ। ପହଲଗାମ୍ ପ୍ରତିଶୋଧ ଶାଣିତ ହୋଇଥିବା ବେଳେ

▶▶ପୃଷ୍ଠା ୭





## ॥ ଶୁଭଉନ୍ମୋଚନ ॥

ଆସନ୍ତା ୨୮ ତାରିଖ ସୋମବାର 'ଧ୍ୱନି ପ୍ରତିଧ୍ୱନି'ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ାଙ୍କ ଗଳ୍ପ ସଂକଳନ 'ମୁଠାଏ ସ୍ୱପ୍ନ' ଏବଂ 'ସାଗରିକା' ବିଷୁବ ସଂଖ୍ୟାର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ଉକ୍ତ ଉତ୍ସବରେ ସାହିତ୍ୟିକ ଓ ସାହିତ୍ୟାନୁରାଗୀଙ୍କୁ ଯୋଗଦାନ ପାଇଁ ସାଦର ନିମନ୍ତ୍ରଣ।

ସ୍ଥାନ : ଷ୍ଟେସନ କ୍ଲବ, ବାଲେଶ୍ୱର
ସମୟ : ଦିବା ୧୦ ଘଟିକା

ନିବେଦକ:
ଧ୍ୱନିପ୍ରତିଧ୍ୱନି ଓ ସାଗରିକା ପରିବାର
ଜେଲରୋଡ଼, ବାଲେଶ୍ୱର

# ସପ୍ତମ ବାସୁଦେବପୁର ସୌରଭ ସମ୍ମାନ ମହୋତ୍ସବ ଉଦ୍‌ଘାଟିତ



ବାସୁଦେବପୁର, ୨୬/୪ (ନି.ପ୍ର): ବାସୁଦେବପୁର ବାଲି ନଗର ଯାଦବ ପଡିଆ ଠାରେ ବାସୁଦେବପୁର ନବ ନିର୍ମାଣ ସେନା ପକ୍ଷରୁ ସପ୍ତମ ବାସୁଦେବପୁର ସୌରଭ ସମ୍ମାନ ମହୋତ୍ସବ ୨୦୨୫ ମହା ସମାରୋହରେ ଉଦଘାଟିତ ହୋଇ ଯାଇଛି। ଏହି ଉତ୍ସବରେ ଭଦ୍ରକ ଜିଲ୍ଲାର ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ଉତ୍ସବକୁ ଉଦଘାଟନ କରିଥିଲେ। ଜିଲ୍ଲାପାଳ ଶ୍ରୀ ରାଉତରାୟ ତାଙ୍କ ବକ୍ତବ୍ୟରେ କହିଲେ ଏହି ସ୍ୱାଧିନତା ସଂଗ୍ରାମର ପବିତ୍ର ମାଟି ରକ୍ତତୀର୍ଥ ଇରମ ଓ ବାସୁଦେବପୁରର ଇତିହାସ ସମଗ୍ର ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ମାଟିର କଳା ସାହିତ୍ୟ ସଂସ୍କୃତି ସବୁଠୁ ଶୀର୍ଷରେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ମହାପ୍ରସାଦ ସ୍ୱାମୀ, ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ମହାନ୍ତି, ପୌର ପାଳିକାର ଉପାଧ୍ୟକ୍ଷ ଉତ୍ତମ ବାରିକ, ରମାକାନ୍ତ ସେବା ଫାଉଣ୍ଡେସନର ଅଧ୍ୟକ୍ଷ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ, ନବ ନିର୍ମାଣ ସେନାର ସଭାପତି ଜୟ ପ୍ରକାଶ ମଲ୍ଲିକ ମଣ୍ଟୁ ଓ ସମ୍ପାଦକ କୃଷ୍ଣ ଚନ୍ଦ୍ର ମହାକୁଡ଼। ଅଧିବକ୍ତା ନୀରଦ କୁମାର ଦାଶ ମଞ୍ଚ ସଂଯୋଜନା କରିଥିଲେ। ଏହି ଉତ୍ସବରେ ସଫଳ ଚାଷୀ ଓ ପରିବେଶବିତ୍ ଉପେନ୍ଦ୍ର ପ୍ରସାଦ ବିଶ୍ୱାଳ, ଆଦର୍ଶ ସରପଞ୍ଚ ମାର୍କଣ୍ଡ ଚରଣ ତରାଇ, ସାମ୍ବାଦିକ ଦେବୀ ବନ୍ଦିତା ବାରିକ୍ ଓ ସବୁଜ ସୁନା ଯୁବକ ସଂଘକୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କୁନି କୁନି କଳାକାର ମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ ଓ ସେମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ କବି ବିକାଶ ଶତପଥୀ ବେଦ ପାଠ କରିଥିଲେ ଓ ସମାଜସେବୀ ଗଗନ ବିହାରୀ ସେଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ନବ ନିର୍ମାଣ ସେନାର ମୁଖ୍ୟ ସହଯୋଗୀ ସାମ୍ବାଦିକ ପ୍ରତାପ ପାଢ଼ୀ, ଅଲେଖ ମନୋରଞ୍ଜନ ଏକାଡେମୀ ତଥା ମେଜିକ୍ ଲାଇଫର ନିର୍ଦ୍ଦେଶକ ଅଲେଖ ପରିଡା, ପ୍ରଭାତ କୁମାର, ହେମନ୍ତ ମହାରଣା ଓ ଅନ୍ୟାନ୍ୟ ସଦସ୍ୟ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ଏହି ଉତ୍ସବରେ ବିଭିନ୍ନ ପ୍ରକାର ପୁସ୍ତକ ପ୍ରକାଶନ ସଂସ୍ଥା ଯଥା କାହାଣୀ, ସାଇନାଥ, ସ୍ୱାମୀ ବିବେକାନନ୍ଦ ସେବା ସଂଗଠନ ପ୍ରଭୃତି ଯୋଗ ଦେଇଛନ୍ତି। ଏହା ବ୍ୟତୀତ ମୀନା ବଜାର, ମନୋହରୀ ଦୋକାନ, ରାମ ଦୋଳି, ଲସି ଦୋକାନ, ଚାଟ୍ ଦୋକାନ, ପିଲା ମାନଙ୍କ ପାଇଁ କଣ୍ଢେଇ ଓ ଖେଳନା ଦୋକାନ ଓ ମ୍ୟାଜିକ ସର୍କସ ପ୍ରଭୃତି ଖୁବ୍ ଆକର୍ଷଣୀୟ ହୋଇଛି ଏବଂ ସମସ୍ତଙ୍କୁ ମନ୍ତ୍ର ମୁଗ୍ଧ କରିଛି। ଓଡ଼ିଶାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବାସୁଦେବପୁର ସୌରଭ ସମ୍ମାନ ମହୋତ୍ସବ ଏପ୍ରିଲ୍ ପଚିଶ ତାରିଖରେ ଆରମ୍ଭ ହୋଇଛି ଏବଂ ଆସନ୍ତା ମଇ ମାସ ଚାରି ତାରିଖରେ ଉଦଯାପନ ହେବ। ପ୍ରତ୍ୟେକ ସନ୍ଧ୍ୟାରେ ଅନେକ ନେତା,ମନ୍ତ୍ରୀ, ଚଳଚ୍ଚିତ୍ର ଅଭିନେତା ଅଭିନେତ୍ରୀ ପ୍ରଶାସନିକ ଅଧିକାରୀ,କଳାକାର, କବି, ସାହିତ୍ୟିକ, କଣ୍ଠଶିଳ୍ପୀ, ବୈଜ୍ଞାନିକ, ସମାଜସେବୀ ଯୋଗ ଦେଉଛନ୍ତି। ଏହି ଉତ୍ସବରେ ବହୁ ସଂଖ୍ୟାରେ ବିଭିନ୍ନ ବର୍ଗର ଜନ ସାଧାରଣଙ୍କୁ ଯୋଗ ଦେବା ପାଇଁ ଅନୁଷ୍ଠାନର ସଭାପତି ଜୟ ପ୍ରକାଶ ମଲ୍ଲିକ ନିବେଦନ କରିଛନ୍ତି।

# ହିନ୍ଦୁ ଜାଗରଣ ମଂଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ମାଲକାନଗିରି, ୨୬/୪ (ନି.ପ୍ର): ପଶ୍ଚିମବଙ୍ଗର ମୁରସିଦାବାଦ, ନଦିଆ ଓ ମାଲଦା ଜିଲ୍ଲା ତଥା ଉତରପ୍ରଦେଶରୁ ଅନେକ ମୁସଲମାନ ବ୍ୟକ୍ତି ଆସି ଆମ ଜିଲ୍ଲାରେ ବସ୍ତି ମାନଙ୍କରେ ରହୁଛନ୍ତି କ୍ଷ ସେମାନେ ଦିନ ମଜୁରିଆ, ଫେରିବାଲା ଓ ବିଭିନ୍ନ ହାଟବଜାରରେ ବ୍ୟବସାୟ କରିବା ତଥା ଦୋକାନ ମାନଙ୍କରେ ରହି କାମ କରିବା ବିଶେଷ କରି ନିର୍ମାଣ କାର୍ଯ୍ୟରେ (ସିମେଂଟ କାମ, ପ୍ଲାଇ ଓ ଆଲୁମିନିଅମ୍ କାମ, ଘରର ଭିତର ଡେକରେସନ୍ ଓ ମଜାଇ କାମ ପ୍ରଭୃତି) ନିଜର ଜୀବନ ଜୀବିକା କରି ରହୁଛନ୍ତି । ଏହି ଲୋକମାନେ ଜିଲ୍ଲାର ସମସ୍ତ ତଥ୍ୟ ସଂଗ୍ରହ କରୁଛନ୍ତି ଓ ପରବର୍ତି ସମୟରେ ନିଜ ଅନ୍ୟ ସମ୍ପର୍କୀୟଙ୍କୁ ଆଣି ଅସ୍ଥାୟୀ ଭାବେ ନିଜ ସହ ରଖୁଛନ୍ତି । ସେମାନଙ୍କ ଆଧାର କାର୍ଡ୍ ରେ ଅଧାନାମ ଥିବା ଅନେକ ଦେଖିବାକୁ ମିଳୁଛି (ଯେଉଁଥିରେ ସାଙ୍ଗିଆ ନଥାଏ, ବାପାଙ୍କ ନାମ ନଥାଏ) ସେମାନେ ଆତଙ୍କବାଦୀଙ୍କ ସ୍ଲିପିଂ ସେଲ୍ ପରି ମଧ କାମ କରୁଥିବା ସନ୍ଦେହ ହେଉଛି । ଲେମନ୍ ଟି / ତିନି କିଲୋ କପଡା ସଫା ପାଉଡର ୧୦୦ ଟଙ୍କାରେ ବିକ୍ରି କରିବା / ବିଭିନ୍ନ ପ୍ଲାଷ୍ଟିକ୍ ଚେଆ଼ର୍, ଡ୍ରମ୍, ବକେଟ୍ ଓ ଅନ୍ୟ ସାମଗ୍ରୀ / ପୋଲିଥିନ୍, ରେନ୍ କୋଟ୍, ଖଟ (ଲୁହାପାଇପ୍ ର), ଟିଣର ଥାକ (ଆଲମିରା), ମହିଳାଙ୍କ ପ୍ରସାଦନ ସାମଗ୍ରୀ, କପଡା ଓ ତୁଳା ଗଦି ପ୍ରଭୃତି ସହରମହକୁମା ଓ ଗାଁଗାଁ ବୁଲି ବିକ୍ରି କରୁଛନ୍ତି । ଗାଁର ସରଳ ନିରିହ ଝିଅଙ୍କୁ ପ୍ରଲୋଭନ ଦେଖାଇ ବିବାହ କରୁଛନ୍ତି ଓ ଅନ୍ୟତ୍ର ରଖୁଛନ୍ତି, ଯାହାର କୌଣସି ସମ୍ପର୍କ ସେମାନଙ୍କ ଅବିଭାବକଙ୍କୁ ଭବିଷ୍ୟତରେ ମିଳୁନାହିଁ କ୍ଷ ସେମାନେ ବ୍ୟବସାୟ ମଧମରେ ବିକ୍ରିକର ଠକୁଛନ୍ତି, ଭଲ କମ୍ପାନି ନାମରେ ନକଲ ବ୍ରାଣ୍ଡ କରି ନକଲି (ଡୁପ୍ଲିକେଟ୍) ଜିନିଷ ବିକି ଲୋକଙ୍କୁ ଠକୁଛନ୍ତି । ଏହି ବିଷୟରେ ବିଭିନ୍ନ ସଂଗଠନ ପୂର୍ବରୁ ଅନେକ ଥର ପୋଲିସ୍ ବିଭାଗକୁ ଅବଗତ କରିଆସୁଅଛି କ୍ଷ କିନ୍ତୁ, କୌଣସି ଆଶୁ ପଦକ୍ଷେପ ପୋଲିସ୍ ତଥା ଆଂଚଳିକ ପ୍ରଶାସନ ନେଉନାହାନ୍ତି । ଆଧାର କାର୍ଡ୍ ଯାଂଚ୍ କରି ଘରଭଡା ଦେବା, ସମସ୍ତ କାଗଜପତ୍ର ପୋଲିସ୍ ଦ୍ୱାରା ଯାଂଚ୍ କରାଇବା । ପୋଲିସ୍ ସବୁ ଖବର ରଖି ମଧ ଅଘଟଣକୁ ଜଗି ବସିଛି ଏପରିକି କିଛି ଦଙ୍ଗା, ଗଣହତ୍ୟା, ଧର୍ମଘଟ ପ୍ରଭୃତି (ବର୍ତମାନର ଏପ୍ରିଲ୍ ୨୨ ରେ ଜାମୁକାଶ୍ମୀରର ପହଲଗାମ ପରି) ହେଲେ ଯାଂଚ୍ କରିବ ଓ ପଦକ୍ଷେପ ନେବ ବୋଲି ଜଗିଛି କ୍ଷ ସେତେବେଳକୁ ଅନେକ ନିରିହ ମୂଲ୍ୟବାନ ଜୀବନ ଚାଲିଯାଇଥିବ, ଅନେକ ସୁଖର ସଂସାର ଉଜୁଡି ଯାଇଥିବ, ଅନେକ ପିଲା ଅନାଥ ତଥା ବାପ ଓ ମା ମାନେ ନିଃସନ୍ତାନ ହୋଇଯାଇଥିବେ । ଅନେକ ବାସହରା ତଥା ଦାଣ୍ଡର ଭିକାରୀ ହୋଇଯାଇଥିବେ ।

# ଗ୍ରୀଷ୍ମ ପ୍ରବାହରେ ସଚେତନତା କରାଇଲେ ଆରୁହା ପଞ୍ଚାୟତର ମହିଳା ସଙ୍ଗଠନ



ଜଳେଶ୍ୱର, ୨୬/୪ (ନି.ପ୍ର): ଧୀରେ ଧୀରେ ଗ୍ରୀଷ୍ମ ପ୍ରବାହର ଗରମ ଯୋଗୁଁ ଅଂଶୁଘାତର ମାତ୍ରା ବଢିବାରେ ଲାଗିଛି।ଏଥିପାଇଁ ସରକାର ବିଦ୍ୟାଳୟ ଗୋଡିକୁ ଛୁଟି ଘଷଣା କରିଛନ୍ତି।କିନ୍ତୁ ଜରୁରୀ କାଳୀନ କାର୍ଯ୍ୟରେ ଅନେକ ଲୋକ ଯାତାୟତ କରନ୍ତି ଏହାକୁ ପରିଲକ୍ଷିତ କରି ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ୧ ନମ୍ବର ୱାର୍ଡ ଚକବାବନ ଗ୍ରାମରେ ଥିବା ମହିଳା ସଙ୍ଗଠନ ପକ୍ଷରୁ ଗ୍ରାମର ଲୋକମାନଙ୍କୁ ସଂଗଠନର ସଦସ୍ୟା ମାନେ ଅଂଶୁଘାତର କିପରି ରକ୍ଷା ପାଇବେ ସେହି ବିଷୟରେ ସଚେତନତା କରାଇବା ସହିତ ଲୋକଙ୍କୁ ଆବଶ୍ୟକ ନ ପଡିଲେ ଘରୁ ବାହାରକୁ ନ ଯିବାକୁ ସଚେତନତା କରି ବୁଝାଇଥିଲେ।ଏହି କାର୍ଯ୍ୟକ୍ରମରେ ସରପଞ୍ଚ ତପନୀ ଭୂୟାଁ,ପଞ୍ଚାୟତ ସଦସ୍ୟା ମଧୁମିତା ମହାନ୍ତି, ଏମବିକେ ଜ୍ୟୋତ୍ସ୍ନା ରାଣୀ ମହାପାତ୍ର ସିଆରପି ମିତାରାଣି ସେନ, ଗୀତାଞ୍ଜଳି ପତି, ବୀଣାପାଣି ଦାସ,ମମତା ରାଣୀ ଜେନା,ଜୟନ୍ତୀ ମହାପାତ୍ର, ପଦ୍ମାବତୀ ଦାସ, ଝୁନିମଣି ବେହେରା,ଅଙ୍ଗନବାଡି କର୍ମୀ ତପଶ୍ୱନି ପାଣିଗ୍ରାହୀ,ଆଶା କର୍ମୀ ରିତାଞ୍ଜଳି ଗିରି ଓ ସନ୍ଧ୍ୟାରାଣି ଚନ୍ଦ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଦିନିକିଆ ଜଳଛତ୍ର ଖୋଲି ଦାୟିତ୍ୱ ମୁକ୍ତ ବିଭିନ୍ନ ପଂଚାୟତ ଅଧିକାରୀ

ଭଦ୍ରକ, ୨୬/୪ (ନି.ପ୍ର): ଖରାଦିନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସବୁ ବ୍ଲକ ଓ ଗ୍ରାମ ପଂଚାୟତରେ ଏପ୍ରିଲ ୧୫ରୁ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ୭୫ ଦିନ ପାଇଁ ପ୍ରବଳ ଖରା ଯୋଗୁଁ ପଥଚାରୀଙ୍କୁ ପିଇବା ପାଣି ବଂଟନ ନିମନ୍ତେ ସୁବ୍ୟବସ୍ଥା ସୁନିଶ୍ଚିତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର । ବିଗତ ବର୍ଷ ମାନଙ୍କରେ ପଥଚାରୀଙ୍କ ଶୋଷ ମେଂଟାଇବା ପାଇଁ ପଂଚାୟତର ବିଭିନ୍ନ ଛକ ସ୍ଥାନ ମାନଙ୍କରେ ସେଡ ନିର୍ମାଣ କରି ମାଟି ମାଠିଆରେ ପାଣି ବ୍ୟବସ୍ଥା ରହିବା ସହ ଜଣେ ବ୍ୟକ୍ତିକୁ ନିୟୋଜିତ କରାଯାଇଥାଏ। କିନ୍ତୁ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକର ବହୁ ପଂଚାୟତର ମୁଖ୍ୟ ବଜାର ମାନଙ୍କରେ ବର୍ତମାନ ସୁଦ୍ଧା ଜଳଛତ୍ର ଖୋଲାଯାଇନି। ରାତି ପାହିଲେ ବିଭିନ୍ନ ସରକାରୀ ଓ ବେସରକାରୀ କାମରେ ଶହ ଶହ ଲୋକ ବାହାରକୁ ଯାଆନ୍ତି। କିନ୍ତୁ ଜଳଛତ୍ର ଖୋଲା ଯାଇନଥିବା ଯୋଗୁଁ ଗରୀବ ଲୋକେ ବାଧ ହୋଇ ଦୋକାନରୁ ପାଣି ବୋତଲ କିଣି ଆଣି ଶୋଷ ମେଂଟାଉଛନ୍ତି। କିଛି ପଂଚାୟତରେ କେବଳ ବିଷୁବ ସଂକ୍ରାନ୍ତି ଦିନ ଜଳଛତ୍ର ଖୋଲାଯାଇ ବଡ଼ ଦାୟିତ୍ୱ ନିର୍ବାହ କରିଥିବା ବେଳେ କପଡ଼ା ଘେରା ସେଡକୁ ଦେଖାଇ ଅର୍ଥ ହଡ଼ପ ମସୁଧା ଚାଲିଛି। ଏହି ବ୍ଲକ ଅଂଚଳରେ ବହୁ ସରକାରୀ ଓ ବେସରକାରୀ ସଙ୍ଗଠନ ଏବଂ ଅନୁଷ୍ଠାନ ଥିଲେ ମଧ ଏ ଦିଗରେ ପଦକ୍ଷେପ ନେଇ ନାହାଁନ୍ତି। ଧାମନଗର ଏକ ବୃହତମ ବ୍ଲକ ହୋଇଥିବାରୁ ଏହା ଅଧୀନସ୍ଥ ବିଭିନ୍ନ ପଞ୍ଚାୟତ ତତଫରୁ ଏହାର ଭିନ୍ନ ଛକ ଓ ବଜାର ମାନଙ୍କରେ ପଥଚାରୀଙ୍କୁ ଜଳଛତ୍ର ଖୋଲି ପିଇବା ପାଣିର ତୁରନ୍ତ ବ୍ୟବସ୍ଥା କରିବା ପାଇଁ ଗ୍ରାମବାସୀ ଓ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

# ୭୩ ତମ ଜିଲ୍ଲା ପରିଷଦ ସାଧାରଣ ବୈଠକ

ମାଲକାନଗିରି, ୨୬/୪ (ନି.ପ୍ର): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ତାଙ୍ଗୁଲୁଙ୍କ ଅଧକ୍ଷତାରେ ୭୩ ତମ ଜିଲ୍ଲା ପରିଷଦ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ଜିଲ୍ଲା ପରିଷଦ ଉପାଧକ୍ଷ ପତିତ ପାବନ ବୈଦ୍ୟ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଆଶିଷ ଈଶ୍ୱର ପାଟିଲ , ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ନରେଶ ଚନ୍ଦ୍ର ଶବର, ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର ମଂଚାସୀନ ଥିଲେ।

ଏହି ସଭାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ପୂର୍ବ ବୈଠକରେ ହୋଇଥିବା ଆଲୋଚନା ତଥା ଜନଜାତି ଉନ୍ନୟନ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଏବଂ ପରିମଳ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି, ପ୍ରାଥମିକ ଶିକ୍ଷା ଓ ଗଣ ଶିକ୍ଷା, ଜଳସେଚନ, ଗ୍ରାମ୍ୟ ଉନ୍ନୟନ, ଜାତୀୟ ରାଜପଥ, ଯୋଗାଣ ବିଭାଗ, ସମାଜ ମଙ୍ଗଳ ବିଭାଗ ଆଦି ବିଷୟରେ ଗୃହକୁ ଶ୍ରୀ ଶବର ସୂଚନା ଦେଇଥିଲେ । ପରିଷଦର ସମସ୍ତ ପ୍ରତିନିଧିଙ୍କର ପଚାରିଥିବା ପ୍ରଶ୍ନର ଉତର ରଖିଥିଲେ ବିଭାଗୀୟ କର୍ତୃପକ୍ଷ । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ସମସ୍ତ ରାସ୍ତା ଓ ସେତୁ ନିର୍ମାଣ କାର୍ଯ୍ୟର ଗୁଣବତା ଉପରେ ଧ୍ୟାନ ଦେଇ ବର୍ଷା ଋତୁ ଆରମ୍ଭ ହେବା ପୂର୍ବରୁ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବିଧାୟକ ଶ୍ରୀ ମାଡ଼କାମୀ ନିର୍ଦ୍ଦେଶ ଦେଇଛନ୍ତି। ପାନୀୟ ଜଳ ସମ୍ବନ୍ଧରେ ଆସିଥିବା ଅଭିଯୋଗ ଗୁଡିକର ସମାଧାନ ତଥା ନୂଆ ପ୍ରକଳ୍ପ ବିଷୟରେ ଆଲୋଚନା କରାଯାଇଥିଲା । ସେହିପରି କ୍ଷେତ୍ର ସ୍ତରୀୟ କର୍ମଚାରୀ ଓ ଅଧିକାରୀଙ୍କ ସହ ଉତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଶ୍ରୀମତି ତାଙ୍ଗୁଲୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ରାଧିକାର ଭିତିରେ ଘାଟି ଅଂଚଳରେ ନଳକୂପ ଖନନ କରିବା ପାଇଁ ମଧ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ଅନିୟମିତ ବିଜୁଳି ଶୁଳ୍କ ଉପରେ ପ୍ରତିକ୍ରିୟା ରଖି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ଯେ ବିଦ୍ୟୁତ୍ ବିଭାଗ କର୍ମଚାରୀ ଉପଭୋକ୍ତାଙ୍କ ନିକଟକୁ ଯାଇ ଏକକାଳୀନ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଏବଂ ପାରାମେଡ଼ିକାଲ ଷ୍ଟାଫ ଅଭାବ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବାସିକ ଗୃହ ପାଇଁ ଉପୁଜିଥିବା ଅସୁବିଧା ବାବଦରେ ବୈଠକରେ ଆଲୋଚନା କରାଯାଇଥିଲା । ସେହିପରି ଜିଲ୍ଲାପାଳଙ୍କ ବିଭିନ୍ନ ଜନଶୁଣାଣୀ ସମୟରେ ସମ୍ପୃକ୍ତ ଅଂଚଳକୁ ବୁଲି ସେ ଅଂଚଳରେ ପୂର୍ବରୁ ଥିବା ଅଭିଯୋଗ ଗୁଡିକର ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଗୃହରେ ପ୍ରସ୍ତାବ ଦିଆଯାଇଛି । ଚିତ୍ରକୋଣ୍ଡା ଓ ବଣ୍ଡାଘାଟି ଅଂଚଳରେ ହିତାଧିକାରୀଙ୍କୁ ଚିହ୍ନଟ କରି କୃତ୍ରିମ ଅଙ୍ଗ ରୋପଣ କରାଇବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲ୍ଲାର ଆବଶ୍ୟକତା ଥିବା ଅଂଚଳରେ ନୂତନ ସବ୍ ସେଂଟର ସ୍ଥାପନ ସହ ଯୋଗାଣ ସହାୟକ ନିଯୁକ୍ତ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଜିଲ୍ଲାରେ କେନ୍ଦୁପତ୍ର ବିକ୍ରିନେଇ ପତ୍ର ତୋଳାଳୀଙ୍କ ଉପୁଜୁଥିବା ସମସ୍ୟାର ସମାଧାନ କରିବା ନିମନ୍ତେ କେନ୍ଦୁପତ୍ର ବିଭାଗକୁ ଏଠାରେ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାରେ ଶିକ୍ଷା ଭିତିଭୂମି ସୁଦୃଢ଼ କରିବା ପାଇଁ କ୍ଷେତ୍ର ସ୍ତରରେ ଅଚାନକ ବିଦ୍ୟାଳୟ ପରିଦର୍ଶନ କରିବାକୁ ଗୋଷ୍ଠୀ ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ବୈଠକରେ ପ୍ରସ୍ତାବ ଦିଆଯାଇଛି।

ଏହି ବୈଠକରେ ପଂଚାୟତ ସମିତି ଅଧକ୍ଷ ଓ ଅଧକ୍ଷା ଏବଂ ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ଜଳେଶ୍ୱର କଂଗ୍ରେସର ମହମବତୀ ଶୋଭାଯାତ୍ରା



ଜଳେଶ୍ୱର, ୨୬/୪ (ନି.ପ୍ର): ପାହାଲଗାମରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରେଇଥିବା ବାଲେଶ୍ୱର ଇଷାଣୀ ଅଞ୍ଚଳର ପ୍ରଶାନ୍ତ ଶତପଥୀଙ୍କ ସମେତ ଦେଶର ବିଭିନ୍ନ ଅଞ୍ଚଳର ପର୍ଯ୍ୟଟକଙ୍କ ଆତ୍ମାର ସଦଗତି ଏବଂ ଆହତ ପର୍ଯ୍ୟଟକଙ୍କ ଆଶୁ ଆରୋଗ୍ୟ କାମନା କରିଛି ଜଳେଶ୍ୱର କଂଗ୍ରେସ।ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଜଳେଶ୍ୱର କଂଗ୍ରେସ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ରାଜୀବ କୁମାର ପରିଡାଙ୍କ ନେତୃତ୍ୱରେ ଏକ ମହମବତୀ ଶୋଭାଯାତ୍ରା ଶିଖରପୁର ପଞ୍ଚାୟତର ଭାନୁପୁର ଶିବ ମନ୍ଦିର ପାଖରେ ଅନୁଷ୍ଠିତ ହେଇଥିଲା।ଏହି ଶୋଭାଯାତ୍ରାରେ ଆତଙ୍କବାଦୀ ମାନଙ୍କୁ ଉଚିତ ଶାସ୍ତି ଦେଇ ଦିବଂଗତ ବ୍ୟକ୍ତିମାନଙ୍କ ପରିବାରକୁ ନ୍ୟାୟ ଦେବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯିବା ସହ ଭାରତ ମାଟିରେ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନ ବିରୋଧରେ ଦୃଢ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା।ଉକ୍ତ କାର୍ଯ୍ୟକ୍ରମରେ ସୁଦାମ ପାତ୍ର,ସବ୍ୟସାଚୀ ଦାସ,ହରିଶଙ୍କର ଜେନା,ଗୌରାଙ୍ଗ ମହାପାତ୍ର,ଅଙ୍କିତ ପରିଡା,ମଞ୍ଜୁଶ୍ରୀ ପଣ୍ଡା,ବଳରାମ ଘୋଷ,ଆଶିଷ ଘୋଷ,ଅତୁଲ ଓଝା ଙ୍କ ସମେତ ପଞ୍ଚାୟତର ବହୁ କର୍ମୀ ଏବଂ ମହିଳା ମାନେ ସାମିଲ ହେଇଥିଲେ।

# ପ୍ରଶାନ୍ତ ବିଶୋଇ ହତ୍ୟା ମାମଲା : ୪ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

ଖୋର୍ଦ୍ଧା, ୨୬/୪ (ନି.ପ୍ର): ୧୦ ବର୍ଷ ପରେ ଏକ ହତ୍ୟାକାଣ୍ଡର ରାୟ ପ୍ରକାଶ ପାଇଛି। ଏହି ହତ୍ୟା ମାମଲାର ବିଚାର କରି ଅତିରିକ୍ତ ଜିଲା ଓ ଦୌରାଜଜ୍ (୧ମ) ମଞ୍ଜୁଲତା ଲେଙ୍କା ୩୦୨ ଦଫାରେ ୪ ଜଣ ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତମାନେ ହେଲେ ବାଣପୁର ଅଂଚଳର ଆଶିଷ ବିଶ୍ୱାଳ, ମାନସ ପାତ୍ର, ସନାତନ ବିଶ୍ୱାଳ ଓ ଆଲୋକ ବିଶ୍ୱାଳ । ଏପରିକି ଏହି ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ଦୁଇ ଜଣ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଓ ଶ୍ରୀନିବାସ ବିଶ୍ୱାଳଙ୍କ ପୂର୍ବରୁ ମୃତ୍ୟୁ ଘଟିଛି।

ମାମଲାର ବିବରଣୀରୁ ପ୍ରକାଶ ଯେ, ବାଣପୁର ଥାନା ହଳନ୍ତରା ଗ୍ରାମର ପ୍ରଶାନ୍ତ ବିଶୋଇ ଗ୍ରାମର ଏକ କଂକ୍ରିଟ ରାସ୍ତା ନିର୍ମାଣ କରୁଥିଲେ । ଏହାକୁ ଅଭିଯୁକ୍ତମାନେ ବିରୋଧ କରିଥିଲେ । ୨୦୧୪ ଅକ୍ଟୋବର ୨୨ ତାରିଖରେ ଅଭିଯୁକ୍ତମାନେ ପ୍ରଶାନ୍ତଙ୍କ ଘରେ ପଶି ବୋମାମାଡ କରିଥିଲେ । ତେବେ ବୋମାମାଡ଼ରେ ପ୍ରଶାନ୍ତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଏନେଇ ମୃତକ ପ୍ରଶାନ୍ତଙ୍କ ମାଆ କନ୍ଧୁଣୀ ବିଶୋଇ ବାଣପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ କ୍ରମେ ବାଣପୁର ପୋଲିସ କେସ ନଂ ୩୧୧/୧୪ ଦଫା ୩୦୨ରେ ଏକ ହତ୍ୟା ମାମଲା ରୁଜୁ କରିଥିଲା । ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଏହି ମାମଲା ବିଚାରାଧୀନ ଥିଲା । ତେବେ ଶୁକ୍ରବାର ଏହି ମାମଲାର ବିଚାର କରି ପ୍ରଥମ ଅତିରିକ୍ତ ଜିଲା ଓ ଦୌରାଜଜ୍ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତି କରି ଉପରୋକ୍ତ ୪ ଜଣ ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏପିପି ସଲିଳ ପ୍ରଧାନ ମାମଲାଟିକୁ ପରିଚାଳନା କରିଥିଲେ।

## ବାଲୁଖଣ୍ଡ ବନାଚଂଳରେ ବିଲଡରଙ୍କ ପ୍ଲଟିଙ୍ଗ୍ ଯୋଜନା

ପୁରୀ, ୨୬/୪ (ନି.ପ୍ର): ବିଶ୍ୱସ୍ତରୀୟ ପୁରୀ ସହରର କଳେବର ବୃଦ୍ଧି ପାଉଛି । ପୁରୀରେ ଘର ଓ ଜାଗା କିଣିବା ପାଇଁ ଅଧିକାଂଶ ଲୋକଙ୍କ ଇଚ୍ଛା ରହିଛି । ପୁରୀ କୋଣାର୍କ ପର୍ଯ୍ୟଟନ କ୍ଷେତ୍ର ହୋଇଥିବାରୁ ବିଲଡର ମାନଙ୍କ ଆଖି ବାଲୁଖଣ୍ଡ ଅଭୟାରଣ୍ୟ ଉପରେ ପଡିଛି । ପ୍ରଭାବଶାଳୀ ବିଲଡର ନେତା, ମନ୍ତ୍ରୀ ଓ ତହସିଲଦାରଙ୍କୁ ପ୍ରଭାବିତ କରି ଜଙ୍ଗଲ ଭିତରେ ପ୍ଲଟିଂ ସ୍କିମ ଆରମ୍ଭ କରିଛନ୍ତି । ଜଙ୍ଗଲ ଭିତରେ ରାସ୍ତାଘାଟ ନିର୍ମାଣ ଯୋଗୁ ଜୀବଜନ୍ତୁ ମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି । ସେଠାରେ ପାଚେରି ନିର୍ମାଣ ଓ ଶହ ଶହ ଗଛ କଟାଯାଇଛି । ବିଜୁଳି ବିଭାଗ ମଧ ବିଜୁଳି ଖୁଂଟ ପୋତିବା ପାଇଁ ଅନୁମତି ଦେଇଛନ୍ତି । ଜଙ୍ଗଲ ଜମି କିପରି ସ୍ଥିତିବାନ ହେଲା ତାକୁ କିଏ ଅନୁମତି ଦେଲା ସେ ସଂପର୍କରେ ଖୋଳତାଡ କରିବା ପାଇଁ ଆପ ଦଳ ଦାବି କରିଛି । ଏହି ବେଆଇନ ନିର୍ମାଣ ଭାଙ୍ଗିବା ପାଇଁ ଶୁକ୍ରବାର ପୂର୍ବାହ୍ନରେ ସାଲବେଗ ପୀଠ ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀ କରି ଆପ ଦାବି କରିଛି । ଏଥିରେ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି, ନଗର ସଭାପତି ଦେବ ପ୍ରଧାନ, ମୁଖପାତ୍ର ଅନିଲ ସେନାପତି ଓ ଗୋପ ଅଞ୍ଚଳର ନେତା ରମାକାନ୍ତ ସ୍ୱାଇଁ ଉପସ୍ଥିତ ଥିଲେ ।

# ଧାମନଗର ପୋଲିସ ଦ୍ୱାରା କୋଇଲି ଗାଡି ଜବତ: ଡ୍ରାଇଭର ଗିରଫ

ଭଦ୍ରକ, ୨୬/୪ (ନି.ପ୍ର): ଏହି ଜିଲାର ଧାମନଗର ଅଂଚଳରେ ଏବେ ବିଭିନ୍ନ ସମୟରେ ଅସାମାଜିକ କାର୍ଯ୍ୟ ସହ ଚୋରୀ ଓ ଧର୍ଷଣ ବଢିବାରେ ଲାଗିଛି।ବିଶେଷ କରି ଚୋର ମାନେ ଏବେ ଧାମନଗର କୁ ନିଜକୁ ସୁରକ୍ଷିତ ଭାବି ଏହି ଚୋରା କାରବାର ରେ ଲିପ୍ତ ରହୁଛନ୍ତି। ବିଭିନ୍ନ ସମୟରେ ବଡବଡ ଟ୍ରକ, କାର କୁ ଆଣି କବାଡିଆ ଦୋକାନୀ ମାନେ ବିକି ଲାଲେଲାଲ ହେଉଥିବା ବେଳେ ଏବେ ଚୋରା କୋଇଲା ବେପାର ବଢି ଚାଲିଚି। ଧାମରା ଅଂଚଳ ରୁ ଚୋରା କୋଇଲା ଚାଲାଣ ଧାମନଗର କୁ ଆସୁଥିବା ବେଳେ ନିକଟରେ ଧାମନଗର ପୋଲିସ ଜବତ କରିଥିବା ବେଳେ ଗୁରୁବାର ବିଳମ୍ବିତ ରାତିରେ ଧାମନଗର ପୋଲିସ ଆଉ ଗୋଟିଏ ଚୋରା କୋଇଲା ଗାଡି ଧରିବାରେ ସଫଳ ହୋଇଚି । ସୁଚନା ଥାଉକି ୧୬ ନମ୍ବର ଜାତୀୟ ରାଜପଥ ଧାମନଗର ଛକ ନିକଟରୁ ଗୁରୁବାର ରାତି ରେ ପୋଲିସ ପେଟ୍ରୋଲିଂ ବେଳେ ଧାମନଗର ପୁଲିସି ଏକ ୧୬ ଚକିଆ ଟ୍ରକରେ ପାଖାପାଖି ୨୫ ଟନ୍ ରୁ ଉର୍ଦ୍ଧ କୋଇଲି ଥିବା ଅନୁମାନିକ ଜବତ କରାଯାଇଥିଲା ବେଳେ ଯାହା ରମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ. ଜବତ ଗାଡିଟି ନମ୍ବର ଓଡି-୩୫ଡି-୪୫୧୯ ହୋଇଥିଲା ବେଳେ ଧାମନଗର ପୁଲିସ ଗାଡି କୁ ଜବତ କରି ଥାନାକୁ ଆଣିଛନ୍ତି। ତେବେ କୋଇଲା ଟ୍ରକ ଟି ଭଦ୍ରକ ଆଡୁ କଟକ ଅଭିମୁଖେ ଯାଉଥିବାବେଳେ ପୋଲିସ ପେଟ୍ରୋଲିଂ ରେ ଧାମନଗର ଥାନା ର ଏସ ଆଇ ରାଜେଶ ସେଠୀ ଉକ୍ତ ଟ୍ରକ କୁ ଅଟକାଇ କାଗଜପତ୍ର ଦେଖି ଥିଲେ। ଏବଂ ଅଧିକ ତଦନ୍ତ ପାଇଁ ଡ୍ରାଇଭର ସହ ଟ୍ରକ କୁ ଥାନା କୁ ନିଆଯାଇଥିଲା। ତଦନ୍ତ କାରି ଅଧିକାରୀ ଶ୍ରୀ ସେଠୀ ଡ୍ରାଇଭର ରଞ୍ଜନ ବେହେରା କୁ ଗିରଫ କରିବା ଶହ କେସ ନମ୍ବର ୧୪୪/୨୪ ରେ ଏକ ମାମଲା ରୁଜୁ କରିଛନ୍ତି।ତେବେ ଟ୍ରକ ରେ କେତେ କୋଇଲା ଅଛି ଓ ତାହାର ପ୍ରକୃତ ମୂଲ୍ୟ ଓଜନ ପରେ ଜଣାଯିବ ବୋଲି ପୋଲିସ କହିଛନ୍ତି ।ତେବେ ଧାମନଗର ଅଂଚଳ ରେ ଯେଉ ଚୋରୀ ହେଉଚି ବୋଲି ଅଭିଯୋଗ ଆସୁଛି ତାହାକୁ ଶ୍ରୀ ସେଠୀ ଖଣ୍ଡନ କରିଛନ୍ତି ।ବିଭିନ୍ନ ସ୍ଥାନ ରେ ସି ସି କ୍ୟାମେରା ଲଗାଯାଇ ଚୋର ଙ୍କ ଗତିବିଧି କୁ ଲକ୍ଷ କରାଯାଉଛି ବୋଲି ସେ କହିଛନ୍ତି ।

# ଉନ୍ନୟନ ମୂଳକ ଯୋଜନାର ସମୀକ୍ଷା କଲେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ

ପୁରୀ, ୨୬/୪ (ନି.ପ୍ର): କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ତଥା ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ଆଜି ଅପରାହ୍ନରେ ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ର ସମୀକ୍ଷା କରିଥିଲେ। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନା ର ଧାର୍ଯ୍ୟ ଲକ୍ଷ୍ୟ, ସଫଳତା ଓ ହିତାଧିକାରୀଙ୍କ ସମ୍ପର୍କରେ ଡ. ପାଢ଼ୀ ଅନୁଧ୍ୟାନ କରିଥିଲେ ।ସମସ୍ତ ସରକାରୀ ଯୋଜନା ଜନସାଧାରଣ ଙ୍କ ହିତ ରେ ପ୍ରଣୟନ କରାଯାଇଥାଏ। ଏହାର ସୁବିଧା ଓ ସୁଯୋଗ ଯେପରି ଉପଯୁକ୍ତ ହିତାଧିକାରୀ ସଠିକ ଭାବେ ପାଇ ପାରିବେ ସେଥିପାଇଁ ସଚେତନତା ସୃଷ୍ଟି କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ପ୍ରତିବଦ୍ଧତା ଓ ଉତରଦାୟୀ ଭାବେ କାର୍ଯ୍ୟ କାରି ନିଜର ପରିଚୟ ସୃଷ୍ଟି କରିବାକୁ ସେ ପରାମର୍ଶ ଦେବା ସହ ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ ଶୁକ୍ରବାର ଆମ ଓଡ଼ିଶାର ଗୌରବ ସମ୍ବଲପୁରୀ ବସ୍ତ୍ର ପରିଧାନ ପାଇଁ ପରାମର୍ଶ ଦେଇଥିଲେ। ଶ୍ରୀମନ୍ଦିର ରେ ଜୈବିକ ସାରରେ ପ୍ରସ୍ତୁତ ପନିପରିବା, ଚାଉଳ ବ୍ୟବହାର ପାଇଁ ଓରମାସ ପ୍ରସ୍ତୁତ ଥିବା ବୈଠକରେ ସୂଚନା ମିଳିଥିଲା। ସେହିପରି ହସ୍ତଶିଳ୍ପ ବିଭାଗ ପକ୍ଷରୁ ମାଟି ପାତ୍ର ବା କୁଡୁଆ ଯୋଗାଇବା ବ୍ୟବସ୍ଥା କରାଯାଉଛି ।ଲକ୍ଷ ପତି ଦିଦି ସୃଷ୍ଟି ରେ ସମଗ୍ର ଦେଶରେ ଓଡିଶା ପ୍ରଥମ ହୋଇ ଥିବାରୁ ସେ ଜିଲ୍ଲା ପ୍ରଶାସନ ସମାଜ କଲ୍ୟାଣ ବିଭାଗ କୁ ପ୍ରଶଂସା କରିଥିଲେ। ପ୍ରତ୍ୟେକ ମାସ ରେ ଭଲ କାର ?ଯ୍ୟ କରୁଥିବା ଅଧିକାରୀ ମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯିବା ଉଚିତ ବୋଲି ଡ. ପାଢ଼ୀ ପରାମର୍ଶ ଦେବା ସହ ପ୍ରଶାସନ ଏହାକୁ କାର୍ଯ୍ୟକାରୀ କଲେ ଅନ୍ୟ ମାନଙ୍କୁ ଅନୁପ୍ରାଣିତ କରାଯାଇପାରିବ ବୋଲି ସେ ମତ ଦେଇଥିଲେ। ଜଙ୍ଗଲ ବିଭାଗ, ଚିଲିକା ଉନ୍ନୟନ, ସ୍ୱାସ୍ଥ୍ୟ, ବିଦ୍ୟୁତ, ପର୍ଯ୍ୟଟନ, କୃଷି, ଉଦ୍ୟାନ କୃଷି, ମୃର୍ତିକା ସଂରକ୍ଷଣ, ଗ୍ରାମ୍ୟ ଜଳ ଯୋଗାଣ, ଜିଲ୍ଲା ଶିଳ୍ପ କେନ୍ଦ୍ର, ସମାଜ କଲ୍ୟାଣ, ୱାଟକୋ, ସମାଜ ମଙ୍ଗଳ, ସାମାଜିକ ସୁରକ୍ଷା, ସମବାୟ, ଶିକ୍ଷା,ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ପଂଚାୟତିରାଜ ଓ ପାନୀୟ ଜଳ ଇତ୍ୟାଦି ବିଭାଗ ସମ୍ପର୍କରେ ସମୀକ୍ଷା କରିବା ସହ ଡ.ପାଢ଼ୀ ବିବିଧ ପରାମର୍ଶ ଦେଇଥିଲେ ।ପ୍ରାରମ୍ଭରେ ଭାରପ୍ରାପ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।ପୁରୀ ଡିଏଫଓ ବିବେକ କୁମାର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଚିଲିକା ଡିଏଫଓ ଅମ୍ଲାନ ନାୟକ,ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ,ଲାଇନ ଡିପାର୍ଟମେଂଟର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।ପୂର୍ବାହ୍ନରେ ପ୍ରମୁଖ ସଚିବ ଡ.ପାଢ଼ୀ ନିମାପଡା, ଗୋପ,କାକଟପୁର ଓ ପୁରୀ ସଦର ବ୍ଲକ ର ବିଭିନ୍ନ ପ୍ରକଳ୍ପ ଅଂଚଳ ପରିଦର୍ଶନ ସହ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୭ ଅପ୍ରେଲ ୨୦୨୫
email : rabibarachayan2015@gmail.com

# ରବିବାର ଚୟନ

......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ ଉପନ୍ୟାସ



# ବୈଦେହୀ

ଡ.ଭାଗବତ ବେହେରା

ଭାଗ-୯୫
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

### ॥ ଅଠର ॥

ବାଲ୍ମିକୀ ଆଶ୍ରମରେ ଆଜି ବହୁଛି ଆନନ୍ଦର ସ୍ରୋତ । ସଦା ଶାନ୍ତି ବିରାଜମାନ କରୁଥିବା ଆଶ୍ରମରେ ଆଜି ସୃଷ୍ଟି ହୋଇଛି ଏକ ମଧୁର ବାତାବରଣ । ପ୍ରଭାତର ପ୍ରଥମ ମୁହୂର୍ତ୍ତରୁ ପକ୍ଷୀମାନେ ନିରବ ସାଧକ ତୁଲ୍ୟ ବୃକ୍ଷଡାଳରେ ବସି କୁଜନରତ । କୋକିଳର କୁହୁକୁହୁ ତାନ, କଜ୍ଜଳପାତିର ଲାଞ୍ଜ ଥରାଇ ଆଶ୍ରମରେ ସୃଷ୍ଟି କରୁଥାଏ ଅମୀୟ ବାତାବରଣ । କୁମ୍ଭାଟୁଆ ଭାଟ ସଦୃଶ ଝରାଇ ଚାଲିଥାଏ ଲଳିତସ୍ୱର । କାକ, ପାରାବତ, ଶୁଆଶାରୀ ଆଦି ପକ୍ଷୀମାନଙ୍କର କାକଳିରେ ଉତ୍ସବ ମୁଖରିତ ବାଲ୍ମିକୀଙ୍କ ଶାନ୍ତି କାନନ । ତା ସଂଗେ ମୟୂରର ନୃତ୍ୟ, ମୃଗ ଶାବକ ମାନଙ୍କର ନାଚିନାଚି କ୍ରୀଡ଼ା, ବାଛୁରୀମାନଙ୍କର ପୁଛତୋଳି ଡେଇଁବୁଲିବା ସୂଚାଇ ଦେଉଥାଏ ଆଶ୍ରମରେ ଆଜି ଗୋଟେ କିଛି ଘଟିବାକୁ ଯାଉଛି। ଆଶ୍ରମର ବୃକ୍ଷ ଲତା ମାନଙ୍କରେ ନଦି ହୋଇପଡ଼ିଛି ରାଶିରାଶି ଫୁଲ । ମୁନିକନ୍ୟା ମାନେ କୁହାକୁହି ହେଉଛନ୍ତି, କାହିଁ ଅନ୍ୟ ଦିନ ମାନଙ୍କରେ ଆଶ୍ରମରେ ଏତେ ସଂଖ୍ୟାରେ ଫୁଲ ଫୁଟେନାହିଁ, ଅଥଚ ଆଜି ଲତାମାନଙ୍କରେ ଏମିତି ଅସଂଖ୍ୟ ଫୁଲ ଲଦି ପଡ଼ିଛି କେମିତି ? ସେମାନେ ମଧ ଜାଣିପାରୁ ନାହାନ୍ତି ତାଙ୍କ ମନରେ ଆଜି ଏତେ ଉତ୍‌ଫୁଲ୍ଲତା କାହିଁକି । ତାଙ୍କର ମଧ ଇଚ୍ଛା ହେଉଛି ନୃତ୍ୟ ନଜାଣି ନାଚିବାକୁ। ଗାଇ ନଜାଣି ଗୀତ ଗାଇବାକୁ । ପ୍ରତ୍ୟେକଦିନ ଭଳି ଆଜି ମଧ ମୁନି ଋଷିମାନେ ବେଦମନ୍ତ୍ର ଉଚ୍ଚାରଣ କରି ଅଗ୍ନିରେ ଆହୁତି ଦାନ କରୁଛନ୍ତି, ହେଲେ ଆଜିର ତାଙ୍କ ମନ୍ତ୍ର ଧ୍ୱନି ଏତେ ମିଠା ଯେ ତାହା ସମସ୍ତଙ୍କୁ ଅନ୍ତରକୁ ସ୍ପର୍ଶ କରି ଯାଉଛି । ମହର୍ଷି ବାଲ୍ମିକୀ ଏହି ଆନନ୍ଦମୟ ପରିବେଶରେ ନିରବରେ ବସି କ'ଣ ଲେଖି ଯାଉଛନ୍ତି । ତାଙ୍କ ହସ୍ତର ଲେଖନୀ ଥମିଯାଉ ନଥାଏ କି ସେ କାହାରିକୁ ଅନାଇ ଦେଖୁନଥା'ନ୍ତି। କ'ଣ ହୋଇଛି ଆଜି ଆଶ୍ରମରେ । ସଭିଙ୍କ ତୁଣ୍ଡରେ ସେହି ଗୋଟିଏ କଥା କ'ଣ ହୋଇଛି, କ'ଣ ହୋଇଛି ଆଶ୍ରମରେ । ଆଶ୍ରମର ପଶୁପକ୍ଷୀ, ତରୁଲତା, ଆଶ୍ରମବାସୀ ସମସ୍ତେ ଆଜି ଯେମିତି ଏକ ଆନନ୍ଦ ସାଗରରେ ସନ୍ତରଣ କରୁଛନ୍ତି, ହେଲେ କେହି ଜାଣିପାରୁ ନାହାନ୍ତି ଆନନ୍ଦର କାରଣ କ'ଣ ? ସୂର୍ଯ୍ୟଦେବତା ପୂର୍ବଦିଗରେ ଉଦୟ ହୋଇସାରିଲେଣି । ଆଜିର ସୂର୍ଯ୍ୟର କିରଣ ମଧ ବେଶ୍ ଶାନ୍ତ, ନିର୍ମଳ । ଗଛଲତାର ପତ୍ର ଭେଦି କିରଣ ବିଛେଇ ହୋଇପଡ଼ିଛି ଆଶ୍ରମର ତୃଣଶଯ୍ୟା ଉପରେ । ମନେହେଉଛି ସତେଯେମିତି ସୂର୍ଯ୍ୟଦେବ ସବୁଜ ବିଛଣା ଉପରେ ହଳଦୀ ରଂଗର ଏକ ରଂଗବେରଂଗ ଶାଢ଼ୀ ବିଛାଇ ଦେଇଛନ୍ତି । ଦୁର୍ବାଙ୍କର ଉପରେ ବିଛେଇ ହୋଇ ପଡ଼ିଥିବା ଫୁଲ ସବୁ ଏମିତି ଭ୍ରମ ସୃଷ୍ଟି କରୁଥାନ୍ତି । ହରିଣ ଶାବକମାନେ ତୁଣ୍ଡରେ ତୃଣ ନଧରି ଗୁଛାଏ ଗୁଛାଏ ଫୁଲଡାଳ ଧରି ଧାଇଁ ବୁଲୁଥାନ୍ତି । ମନେହେଉଛି ସେମାନେ ଯେମିତି କେଉଁ ଅତିଥିକୁ ପ୍ରତୀକ୍ଷା କରି ରହିଛନ୍ତି । ସେ ଅତିଥି ଆସିବାମାତ୍ରେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିବେ । ସକାଳର ଶିରିଶିରି ପବନ ଆଜି ବେଶ୍ ମଧୁମୟ । କୁସୁମର ବାସ ଘେନି ସେ ବୃକ୍ଷଲତାର ପତ୍ରଛଳରେ ଚାମର ବ୍ୟଜନରେ ବ୍ୟସ୍ତ । ଆଶ୍ରମରେ ଏପରି ମଧୁ ମଧୁର ବାତାବରଣ ସୃଷ୍ଟି ହେଉଥିବାବେଳେ ବୃଦ୍ଧା ତପସ୍ୱିନୀ ଅନୁକମ୍ପା ତରତର ହୋଇ ଯାଇ ମହର୍ଷି ବାଲ୍ମିକୀଙ୍କ ସମ୍ମୁଖରେ ଛିଡ଼ା ହୋଇ କ'ଣ ପ୍ରକାଶ କରନ୍ତେ, ମହର୍ଷି ପୋଥି ଲେଖନୀ ଥୋଇଦେଇ ହସିହସି ତପସ୍ୱିନୀ ସୀତାଙ୍କ କୁଟୀର ଦିଗକୁ ପାଦ ପକାଇଥିଲେ । ଧାଇଁଧାଇଁ ଆସି ସୁଧାମୟୀ ଡାକ ପକାଇଲେ ପ୍ରୀତିଦା, କମଳା, ଶ୍ୟାମଳୀ ତୁମେମାନେ ସବୁ କେଉଁଠାରେ ଅଛ ଶୀଘ୍ର ଦେବୀ ସୀତାଙ୍କ କୁଡ଼ିଆ ନିକଟକୁ ଆସ। ଦେବୀଙ୍କ କୁଡ଼ିଆରେ ଆଜି ଆକାଶର ଚାନ୍ଦ ଉଇଁ ଆସୁଛି । ଆସ ଆମେମାନେ ସମସ୍ତ ମିଳି ସେ ଚାନ୍ଦକୁ ବନ୍ଦାପନା କରିବା । ମହର୍ଷି ବାଲ୍ମିକୀ ଆସି କୁଡ଼ିଆର ଦ୍ୱାରଦେଶରେ ଛିଡ଼ା ହୋଇଗଲେଣି । ଭିତରୁ ଶୁଭୁଛି କଅଁଳା ଶିଶୁର କ୍ରନ୍ଦନ । ମୁନିକୁମାରୀମାନେ ଆସି ଭିଡ଼ ଜମାଇ ଦେଲେଣି। ଏହି ସମୟରେ କୁଡ଼ିଆ ଭିତରୁ ହସହସ ମୁହଁରେ ବାହାରି ଆସିଥିଲେ ସନ୍ନ୍ୟାସନୀ ଅନୁକମ୍ପା । ସମସ୍ତଙ୍କୁ ଶୁଣାଇ ସେ କହିଥିଲେ, ଗତ ରାତିର ଶେଷପ୍ରହରରେ ଏ ଆଶ୍ରମରେ ଏକ ଦିବ୍ୟ ଘଟଣା ଘଟିଯାଇଛି । ରାତିରେ ମୁଁ କାହାରିକୁ ସମ୍ବାଦ ଦେଇନାହିଁ । ମା' ସୀତା କାଲି ରାତିରେ ଦୁଇଟି ଯମଜ ସନ୍ତାନକୁ ଜନ୍ମ ଦେଇଛନ୍ତି । ତାଙ୍କ କୁଆଁକୁଆଁ ରାବରେ ଆଶ୍ରମ ଆଜି ଆନନ୍ଦ ମୁଖର । ତାଙ୍କୁ ସ୍ୱାଗତ କରିବାପାଇଁ ପ୍ରକୃତିରାଣୀ ଆଜି ପୁଷ୍ପ ସମ୍ଭାର ନେଇ ବିରାଜିଛି । କାକ, କୋକିଳ ଠାରୁ ଆରମ୍ଭ କରି ପକ୍ଷୀମାନେ ପ୍ରଭାତ ମୁହୂର୍ତ୍ତରୁ ସୁମଧୁର ସଂଗୀତ ଗାନ କରୁଛନ୍ତି । ହରିଣ ଶାବକମାନେ ନାଚିନାଚି ଆଶ୍ରମର ବାତାବରଣକୁ ପ୍ରେମମୟ କରି ପକାଉଛନ୍ତି ।

ଏକଥା ଶୁଣି ମୁନିକୁମାରୀ ମାନେ ଆନନ୍ଦରେ ତାଳିମାରି ନାଚି ଉଠିଥିଲେ । ମହର୍ଷି ବାଲ୍ମିକୀ କହିଲେ "ମୁଁ ଜାଣେଲୋ ଅନୁକମ୍ପା ମୁଁ ସବୁଜାଣେ। ରଘୁବଂଶର ଦୁଇଜଣ ଭବିଷ୍ୟତ ଦାୟାଦ ମାତା ସୀତାଙ୍କ ଗର୍ଭରୁ ଏ ଆଶ୍ରମର ମାଟିକୁ ଛୁଇଁ ଏ ଆଶ୍ରମକୁ ପବିତ୍ର କରି ଦେଇଛନ୍ତି । ସେଇମାନଙ୍କ କଥା ହିଁ ତ ବସି ମୁଁ ଲେଖୁଥିଲି । ତୁମେ ବ୍ୟାଘାତ ସୃଷ୍ଟିକଲ । ହଉ ଏବେ ଯାଅ । ସୂତିକା କର୍ମ ବିଧି ଅନୁସାରେ କର । ମୁଁ ସ୍ନାନ ସାରି ଆସିଲେ ପୁତ୍ର ଦୁହିଁଙ୍କର ନାମକରଣ କରିବି ।" ଏହାକହି ମହର୍ଷି ବାଲ୍ମିକୀ ସ୍ନାନ କରିବାକୁ ଚାଲି ଯାଇଥିଲେ । ସୁଧାମୟୀ, ପ୍ରୀତିଦା ଆଦି ମୁନିକନ୍ୟାମାନେ ଅନୁକମ୍ପାଙ୍କୁ ବେଢ଼ିଯାଇ କହିଥିଲେ, ମାଆ ଅନୁକମ୍ପା ଏଭଳି ଶୁଭଖବରଟାକୁ ତୁମେ ଏପର୍ଯ୍ୟନ୍ତ ଆମମାନଙ୍କୁ ଦେଇ ନଥିଲ କାହିଁକି ? ଏବେ ଆମେ ଯାଇ ସେ ସଦ୍ୟଜାତ କୁମାର ଦୁହିଁଙ୍କୁ ଦେଖିପାରିବୁ ତ ? ଦେବୀ ସୀତାଙ୍କ ସହିତ କଥାବାର୍ତ୍ତା ହୋଇ ପାରିବୁ ତ ।

ତାଙ୍କ କଥା ଶୁଣି ଅନୁକମ୍ପା କହିଥିଲେ, ନା ଏବେ ନୁହେଁ । ତୁମେମାନେ ଅପେକ୍ଷା କର । ମୁଁ ସୂତିକାଗୃହର ଆଉ କିଛି କର୍ମ ଅଛି ଶେଷ କରିଦିଏ। କୁମାର ଦୁହିଁଙ୍କୁ ସ୍ନାନ କରାଇ ମୁଁ ଶୁଆଇ ଦେଇଛି। ତୁମେମାନେ ଏ ଗୃହ ବାରଣ୍ଡାରେ ଏକ ଫୁଲର ଶେଯ ଶେଯାଇ ଦିଅ । ଋଷିଶ୍ରେଷ୍ଠ ସ୍ନାନ ସାରି ଆସନ୍ତୁ । ତାପରେ ମୁଁ ସନ୍ତାନ ଦ୍ୱୟକୁ ଆଣି ଏଠାରେ ଶୁଆଇ ଦେବି । ମହର୍ଷି ତାଙ୍କ କୋଷ୍ଠି ବିଚାର କରିବା ସହିତ ନାମକରଣ କରିବେ । ସୀତା ମଧ କିଛିସମୟ ପାଇଁ ଏ ସ୍ଥାନକୁ ଆସିବେ। ତା' ପରେ ମୁଁ ତାଙ୍କ ମାତା ପୁତ୍ରଙ୍କ ଦାୟିତ୍ୱ, ସେବା ଯତ୍ନ ସବୁ ତୁମମାନଙ୍କୁ ଅର୍ପଣ କରି ଟିକିଏ ଶାନ୍ତିରେ ନିଃଶ୍ୱାସ ମାରିବି । କାଲି ରାତିଟା ମୋର କେମିତି କଟିଛି ମୁଁ କହିପାରିବି ନାହିଁ । ଦେବୀ ସୀତାଙ୍କର ଗର୍ଭଯନ୍ତ୍ରଣା ଆରମ୍ଭ ହେବା ମାତ୍ରେ ସେ ରାମନାମ ଜପିବାକୁ ଲାଗିଥିଲେ । ସେହି ରାମନାମ ଭଜନ ହିଁ ତାଙ୍କ ଗର୍ଭବେଦନାକୁ ଲାଘବ କରି ଦେଇଥିଲା। ରାତ୍ରିର ଅନ୍ତିମ ପ୍ରହରରେ କୁଆଁକୁଆଁ ରାବ ଦେଇ ମାତାଙ୍କ ପ୍ରଥମ ସନ୍ତାନ ଭୂମିଷ୍ଠ ହେଲା । ତାର କିଛି ସମୟପରେ ଦ୍ୱିତୀୟ ସନ୍ତାନ । ଅପୂର୍ବ ଅପୂର୍ବ ସୁଧାମୟୀ, ପ୍ରୀତିଦା । ତୁମେମାନେ ଆଶ୍ରମରୁ ନାନାଜାତରି ଫୁଲ ତୋଳିଆଣି ଫୁଲ ଶେଯଟିଏ ପାରିଦିଅ । ମୁଁ ମାତା, ପୁତ୍ରଦ୍ୱୟଙ୍କୁ ନେଇ ଆସୁଛି।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ତୀର୍ଯ୍ୟକ୍

# ସ୍ୱର୍ଗରେ ହାହାକାର

ସୁବ୍ରତ ପଟ୍ଟନାୟକ



ଭାରତର ଭୂସ୍ୱର୍ଗ ପାଲଟିଛି ନର୍କ । ଖେଳିଛି ଆତଙ୍କ । ତାଜା ରକ୍ତର ହୋଲି । ଆତଙ୍କବାଦୀଙ୍କ ଆଖିବୁଜା ଗୁଳିମାଡ଼ରେ ଟଳି ପଡ଼ିଛନ୍ତି ୨୬ଜଣ ନିରୀହ ପର୍ଯ୍ୟଟକ । ଅନେକ ହୋଇଛନ୍ତି ଗୁରୁତର ଆହତ । ବିଶ୍ୱରେ ଦ୍ୱିତୀୟ ସ୍ୱିଜରଲ୍ୟାଣ୍ଡ ଭାବେ ପରିଚିତ କାଶ୍ମୀରର ସୌନ୍ଦର୍ଯ୍ୟପୂର୍ଣ୍ଣ ପହଲଗାମ୍‌ରେ ଘଟିଛି ବର୍ବର ଗଣହତ୍ୟା । ବାଛି ବାଛି ହିନ୍ଦୁ ଯୁବକଙ୍କୁ ନିଜର ଅତି ପ୍ରିୟ ପରିଜନଙ୍କ ସାମ୍ନାରେ କରାଯାଇଛି ଗୁଳି । ଏଭଳି ଗଣହତ୍ୟା ପରେ ସାରା ଭାରତ ସ୍ତବ୍ଧ ମର୍ମାହତ ।

ମୃତକଙ୍କ ମଧ୍ୟରେ ଅଛନ୍ତି ଓଡ଼ିଶାର ପ୍ରଶାନ୍ତ ଶତପଥୀ । ବୟସ ୪୧ ବର୍ଷ । ଘର ବାଲେଶ୍ୱର ଜିଲ୍ଲା ଇସାଣିରେ । ସେଣ୍ଟ୍ରାଲ ଇନିଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ସିପେଟ୍) ବାଲେଶ୍ୱର ଅଫିସ୍‌ରେ ସେ ଥିଲେ ଆକାଉଣ୍ଟସ୍ ଆସିଷ୍ଟାଣ୍ଟ । ପତ୍ନୀ ପ୍ରିୟଦର୍ଶିନୀ ବାଲେଶ୍ୱରରେ ସିଡିପିଓ । ୯ ବର୍ଷର ପୁଅ ତନୁଜଙ୍କୁ ନେଇ ସେମାନେ ବୁଲି ଯାଇଥିଲେ କାଶ୍ମୀର । ଭୂସ୍ୱର୍ଗରେ ଛକି ରହିଥିଲା ମୃତ୍ୟୁର ରାକ୍ଷସ । ଅତି ଜଘନ୍ୟ ଭାବେ ପ୍ରଶାନ୍ତଙ୍କ ଉପରେ ହେଲା ଗୁଳିମାଡ଼ । ରକ୍ତ ଜୁଡୁବୁଡୁ ହୋଇ ସେ ଟଳି ପଡ଼ିଲେ ପତ୍ନୀ ଓ ପୁତ୍ର ସମ୍ମୁଖରେ । ଏଭଳି ଘଟଣାରେ ସାରା ଓଡ଼ିଶାବାସୀ ମର୍ମାହତ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗଭୀର ଦୁଃଖ ପ୍ରକାଶ ସହିତ ପ୍ରଶାନ୍ତଙ୍କ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି।

ସବୁଠୁ ଜଘନ୍ୟ କାଣ୍ଡ ଘଟିଛି ସଦ୍ୟ ବିବାହିତା ହରିୟାନା ଯୁବତୀ ହିମାଂଶୀ ନରୱାଲଙ୍କ ସହିତ । ନୌସେନା ଅଧିକାରୀ ବିନୟ ନରୱାଲଙ୍କ ସହିତ ମାତ୍ର ୬ ଦିନ ପୂର୍ବେ ହୋଇଥିଲା ବାହାଘର । ୨୦୨୫ ଏପ୍ରିଲ ୧୬ ତାରିଖରେ ଧୂମ୍‌ଧାମ୍‌ରେ ବାଜିଥିଲା ବାଜା ରୋଷଣୀ। ହିମାଂଶୀଙ୍କ ଗଳାରେ ଥିଲା ହୀରାର ମଙ୍ଗଳସୂତ୍ର । ହାତରେ ସଦ୍ୟ ମେହେନ୍ଦି । ବିନୟଙ୍କୁ ଧାଡ଼ିରେ ଛିଡ଼ା କରାଇ ଗୁଳି କରାଗଲା । ବିନୟଙ୍କ ନିସ୍ତେଜ ଶରୀରକୁ ଜାବୁଡ଼ି ଧରି ଆର୍ତ୍ତନାଦ କରିଥିଲେ ଯୁବତୀ- ଜୟହିନ୍ଦ୍ । ଜୟହିନ୍ଦ୍। ଭାରତ ମାତାର ସୁଯୋଗ୍ୟ ବୀରଙ୍କୁ ଦେଇଥିଲେ ଅଶ୍ରୁଳ ବିଦାୟ। ମୃତ୍ୟୁବରଣ କରିଥିବା ସମସ୍ତ ପର୍ଯ୍ୟଟକଙ୍କ କ୍ଷେତ୍ରରେ ରହିଛି ଏଭଳି ଛାତିଥର କାହାଣୀ । ଛୋଟିଆ ସ୍ତମ୍ଭରେ ସବୁକଥା ଗୋଟି ଗୋଟି କରି ବଖାଣିବା ସମ୍ଭବ ହେଉନାହିଁ । ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ୫ଜଣ ସଶସ୍ତ୍ର ଆତଙ୍କବାଦୀ ଘଟାଇଛନ୍ତି ଏହି ବର୍ବର କାଣ୍ଡ । ସ୍ୱୟଂଚାଳିତ ଷ୍ଟେନ୍‌ଗନ୍‌ରୁ ହୋଇଛି ଗୁଳି ।

ଏଭଳି ଗଣହତ୍ୟା କରିଥିବା ଆତଙ୍କବାଦୀ କିଏ ? କଣ ସେମାନଙ୍କର ଉଦ୍ଦେଶ୍ୟ ? ନିରୀହ ପର୍ଯ୍ୟଟକଙ୍କୁ କାହିଁକି ସେମାନେ କରିଛନ୍ତି ଟାର୍ଗେଟ୍ ? ଆମର ମନେ ପକାଇ ଦେଉଛି- ୨୬ ନଭେମ୍ବର ମୁମ୍ବାଇ ତାଜ୍ ପ୍ୟାଲେସ୍ ହୋଟେଲ ଆକ୍ରମଣ ଘଟଣା । ପାକିସ୍ତାନୀ ଆତଙ୍କବାଦୀ ଅଜମଲ୍ କସାବର ଷ୍ଟେନ୍‌ଗନ୍ ଗୁଳିମାଡ଼ରେ ୧୬୫ ଜଣ ଲୋକଙ୍କର ମୃତ୍ୟୁ ଘଟିଥିଲା। ପ୍ରାୟ ୨ ଶହ ଲୋକ ଆହତ ହୋଇଥିଲେ । ମାତ୍ର ଏଥର ଆତଙ୍କବାଦୀଗଣ ହିନ୍ଦୁ ଯୁବକଙ୍କୁ ଚିହ୍ନଟ କରି ହତ୍ୟା କରିଛନ୍ତି । ସେମାନେ ମହମ୍ମଦଙ୍କ ପ୍ରଥମ କଲ୍‌ମା- 'ଲା ଇଲ୍ଲାହା ଇଲ୍ ଆଲ୍ଲହା, ମହମ୍ମଦୁର୍ ଇସୁଲ୍ ଆଲ୍ଲହା' ଆବୃତ୍ତି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଯେଉଁମାନେ ଏଥିରେ ବିଫଳ ହୋଇଥିଲେ ସେମାନଙ୍କ ଛାତିରେ ବର୍ଷିଥିଲା ଗୁଳି ।

ବିଡ଼ମ୍ବନାର ବିଷୟ- ପାକିସ୍ତାନ ସେନାବାହିନୀ ମୁଖ୍ୟ ଅସୀମ୍ ମୁନିର୍ ଭାରତ ବିରୋଧୀ ମନ୍ତବ୍ୟ ଦେବାର ଅଳ୍ପ କିଛି ଦିନ ମଧ୍ୟରେ ଘଟିଛି ଏହି ଗଣହତ୍ୟା । ମହମ୍ମଦ ଜିନ୍ନାଙ୍କ ଦ୍ୱାରା ଭାରତ ବିଭାଜନକୁ ମୁନିର୍ ଉଚ୍ଚ ପ୍ରଶଂସା କରିବା ସହିତ ଇସ୍‌ଲାମ୍ ରାଷ୍ଟ୍ର ଗଠନ କ୍ଷେତ୍ରରେ ଯେକୌଣସି ପନ୍ଥା ସ୍ୱାଗତଯୋଗ୍ୟ ବୋଲି ଉସକାଇଥିଲେ । କେବଳ ସେତିକି ନୁହେଁ- ଆତଙ୍କବାଦୀଗଣ କିଭଳି କାଶ୍ମୀର ଉପତ୍ୟକାରେ ପ୍ରବେଶ କରିବେ ସେଥିପାଇଁ ସହାୟତା ଯୋଗାଇଥିଲେ । ପାକିସ୍ତାନ ସେନା ସହାୟତାରେ ଆତଙ୍କବାଦ କାର୍ଯ୍ୟ ପ୍ରାୟୋଜିତ ବୋଲି ସ୍ପଷ୍ଟ। ଭାରତରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ବିଭେଦ ଓ ହିଂସା ସୃଷ୍ଟି କରିବା ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ। କାଶ୍ମୀରରେ ପର୍ଯ୍ୟଟନର ବିକାଶକୁ ସମ୍ପୂର୍ଣ୍ଣ ଧୂଳିସାତ୍ କରିବା ସେମାନଙ୍କର ଲକ୍ଷ୍ୟ ।

ଭାରତରେ ଥିବା ପ୍ରାୟ ସମସ୍ତ ମୁସଲମାନ ଧାର୍ମିକ ନେତା ଗଣହତ୍ୟାକୁ ଦୃଢ଼ ନିନ୍ଦା କରିଛନ୍ତି। ସେମାନେ ମତ ଦେଇଛନ୍ତି- ଇସ୍‌ଲାମ୍‌ରେ ହିଂସାର ସ୍ଥାନ ନାହିଁ । ଯେଉଁମାନେ ନିରୀହ ଲୋକଙ୍କୁ ହତ୍ୟା କରୁଛନ୍ତି ସେମାନେ ଇସ୍‌ଲାମ୍ ବିରୋଧୀ । ଠିକ୍ ସେହିଭଳି ଯଦି କୌଣସି ହିନ୍ଦୁ ଆତଙ୍କବାଦୀ ପାଲଟନ୍ତି, ତାକୁ ହିନ୍ଦୁ ସଂଗଠନ କିମ୍ବା ହିନ୍ଦୁ ସମାଜ ଆଦୌ ସମର୍ଥନ କରିବ ନାହିଁ । ଜମ୍ମୁ କାଶ୍ମୀର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ସରକାରୀ ସହାୟତା ଦେବାକୁ ଘୋଷଣା କରିଛନ୍ତି । ଗୁରୁତର ଆହତଙ୍କ ଚିକିତ୍ସା ଲାଗି ୨ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆତଙ୍କବାଦୀଙ୍କୁ ଚେତାବନୀ ଦେଇ ସାରିଛନ୍ତି । ଗଣହତ୍ୟା ଭିଆଇଥିବା ଆତଙ୍କବାଦୀଙ୍କୁ ସମାନ ଦଶା ଭୋଗିବାକୁ ପଡ଼ିବ । ଖୁବ୍ ଶୀଘ୍ର ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳୀ ଉପରେ ଡ୍ରୋନ୍ ଦ୍ୱାରା ବୋମା ବର୍ଷଣ କରାଯିବ । ସେମାନଙ୍କୁ ସମୂଳେ ନିପାତ୍ କରାଯିବ । ଗଣହତ୍ୟା ବିରୋଧରେ ଭାରତରେ ସବୁଦଳ ଏକଜୁଟ୍ ହୋଇଛନ୍ତି । ଏହି ସୁଯୋଗକୁ କୌଣସି ଦଳ ହାତଛଡ଼ା କରିବାକୁ ଚାହୁଁ ନାହାନ୍ତି । 'ଗୋଲିକା ବଦ୍‌ଲା ଗୋଲି'ରେ ଦିଆଯିବ ବୋଲି ଭାରତର ଭୀଷ୍ମ ପ୍ରତିଜ୍ଞା । ପ୍ରାଣ ହରାଇଥିବା ନିରୀହ ପର୍ଯ୍ୟଟକଙ୍କ ପ୍ରତି ଆମେ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛୁ । ଦାରୁଣ ଦୁଃଖ ସହିବାକୁ ଭଗବାନ ସେମାନଙ୍କ ପରିବାରବର୍ଗଙ୍କୁ ଶକ୍ତି ପ୍ରଦାନ କରନ୍ତୁ । ଏତିକି ପ୍ରାର୍ଥନା । ଜୟ ଜଗନ୍ନାଥ ।

♥ ଓରାଳି, କେନ୍ଦୁଝର,
ମୋ: ୯୯୩୭୭୯୧୨୪୪

## କବିତା...

### ସନ୍ତ୍ରାସ

ପ୍ରୀତିଲେଖା ଦାସ



ଗୋଟିଏ ଧର୍ମନିରପେକ୍ଷ ରାଷ୍ଟ୍ର
ଗୋଟିଏ ଯୌଥ ପରିବାର
କାନକୁ ଏସବୁ ଭଲ ଶୁଭେ
ଦୂରରୁ ଶୋଭା ଦିଶେ ;
ହେଲେ, କେତେ ଝାଳ, ଲୁହ, ରକ୍ତ ପି'
ପରିପୁଷ୍ଟ ହୋଇଥାଏ ସେ
କେବଳ ସିଏ ହିଁ ଜାଣିଥାଏ,
ଯିଏ ନିଗାଡି ଥାଏ।

ତୁମେ ପଚାରନା
କମଣ୍ଡଳୁ ଭିତରେ କାହିଁକି
ଥୋଇଲି ମୁଁ ସମୁଦ୍ର।

ଜୀବନର ଜଟିଳ ଭଉଁରି ଭିତରେ
ମୁଁ ତ ଆଜି ବୃହନ୍ନଳା,
ବଞ୍ଚେଇବାକୁ ଯାଇ
ଗୋଟେ ମୂଲ୍ୟବୋଧକୁ
ମୁଣ୍ଡେଇଛି ଅଭିଶାପ।

ନା ହିଂସାର, ନା ଈର୍ଷାର, ନା ଲୋଭର
ଅଛି କି କିଛି ଦୈର୍ଘ୍ୟ,ପ୍ରସ୍ଥ
ଅଛି କି ବି କିଛି ଉପଚାର ?
ଗୋଟେ ମଣିଷ ପାଇଁ
ଗୋଟେ ପରିବାର ପାଇଁ
ଗୋଟେ ସମାଜ ପାଇଁ
ଗୋଟେ ରାଷ୍ଟ୍ର ପାଇଁ
ସାରା ବିଶ୍ୱ ପାଇଁ ଆତଙ୍କ ସୃଷ୍ଟି କରି
ଯାହା କେବଳ
ଅନେକ ବିଡମ୍ବନାକୁ ଛାଡିଥାଏ ବାଟ।

ଆତଙ୍କବାଦୀଙ୍କର ନ ଥାଏ
ନିର୍ଦ୍ଦିଷ୍ଟ କିଛି ଜାତି, ଧର୍ମ, ଭାଷା, ଭୂଖଣ୍ଡ,
ଯିଏ ନିଜ ଭିତରର ଘୃଣାକୁ ନେଇ
ନକ୍ସା ଆଙ୍କିଲାବେଳେ
ଖୋଜେ ରକ୍ତ
ନିଜ ଲୋଭର ପୂର୍ଣ୍ଣାଙ୍ଗ ଚିତ୍ର ଆଙ୍କିଲାବେଳେ
ଖୋଜେ ଗୋଟିଏ ଗୋଟିଏ ମୁଣ୍ଡ,
ସେ ହିଁ ଆତଙ୍କବାଦୀ
ସେ ହିଁ ସନ୍ତ୍ରାସବାଦୀ
ସିଏ ତୁମେ, ମୁଁ
ଆତ୍ମୀୟ, ଅନାତ୍ମୀୟ
ହୋଇପାରେ ଯେ କେହିବି।

ଏମିତିରେ ବି
ନିରୀହତା ସବୁବେଳ ପାଇଁ
ଗୋଟେ ବଳିର ଯୋଗ୍ୟ ।

ସେମାନେ ଲୁହ ଦେଇ ଜାଣନ୍ତି
ଲହୁ ବୁହେଇ ଜାଣନ୍ତି
ହୃଦୟକୁ ବିଦାରି ଜାଣନ୍ତି,
ଆମେ କେବଳ ବାହୁନିବା ଜାଣୁ।

ଭୁଲ୍ ସେମାନଙ୍କର ନୁହେଁ
ଭୁଲ୍ ଆମର,
ଆମ ସହନଶୀଳତାର
ଆମ କ୍ଷମାଶୀଳତାର।

ସଂସ୍କାର ନାଁ ରେ
ଆଦର୍ଶ ନାଁରେ
ଆମ ମୁଣ୍ଡ ଭିତରେ ଠୁକିଠୁକି
ଭର୍ତ୍ତି କରାଯାଇଥିବା ମାନସିକତାକୁ ନେଇ
ବଡେଇ ଶିଖିଲୁ ତ କେବଳ ଆମେ
ସେମାନଙ୍କ ପାପୁଲି ପାଖକୁ
ଆମର ଅନ୍ୟ ଗାଲ,
ଟେକି ଶିଖିଲୁ ଉପରକୁ ହାତ
ଭଗବାନ ଓ ସମୟ ଉଦ୍ଦେଶ୍ୟରେ ।

ଆମେ ଏତେ ଉଦାର, ଏତେ ଅହିଂସା
ପ୍ରତିଘାତ ତ ଦୂରର କଥା
ପ୍ରତିବାଦ ପାଇଁ ଯେମିତି
କାଟିଦେଇ ଆସିଛୁ ବହୁ ପୂର୍ବରୁ
ପୂର୍ବଜଙ୍କ ପାଖରେ ଜିଭ,
ସେମାନଙ୍କର କଦର୍ଯ୍ୟ ଅଭିଳାଷକୁ
ଗୋଟେ ପରେ ଗୋଟେ ଜୀବନ୍ୟାସ ଦେଇ
ଠିଆ କରାଉଥିଲା ବେଳେ ସେମାନେ
ଆମ ପ୍ରତିପକ୍ଷରେ
ସବୁ କିଛି ସହି ଯିବାକୁ ହିଁ
ଧରି ନେଉ ଆମର ନିୟତି।

ଏଇଟା ହିଁ ଆମର ଦୁର୍ଭାଗ୍ୟ
ଆଉ, ସେମାନଙ୍କର ସୌଭାଗ୍ୟ।

♥ ଭୋଇସାହି, ବାଲେଶ୍ୱର
(ମୋ) ୯୮୫୩୩୪୪୬୮୮

### ନୀରା ଆଜି କହିଦେଲା

ଅକ୍ଷୟ ବେହେରା



ଦିନେ ଦିନେ କାହା ଡାକ ଶୁଣି
ଓଃ କରି ହୁଏନି
ଜାଣି ଜାଣି..

କେଉଁଠି ସେ ଅସୁଖୀ କୀଟ
ଟିକ ଟିକ କାଟୁଥାଏ ହୃଦୟ ତନ୍ତ୍ରୀ
କୋରି କୋରି ଖାଉଥାଏ
ରକ୍ତ ମାଂସ ପଞ୍ଜରା ହାଡ଼..

ସାରା ସମୟ ଢାଙ୍କି ରଖେ ମନକୁ
ବିଷାଦ ଚାଦର
ନା ଚମ୍ପା ନା ମଧୁମାଳତି
ସ୍ପର୍ଶରେ ନ ଥାଏ ଚମକ..

ରାତି ବି ଆସେ ଦେହର ଡାକ ନେଇ
ଦୁଆର ଆଉଜା ଥିଲେ ବି
ଶୁଭେନି ପ୍ରିୟ ପାଦ ଶବ୍ଦ
ମଉଳି ଯାଏ ଝରା ଫୁଲ ପରି ମନ..

ଏ ତ ଅଖଣ୍ଡ ସ୍ୱାଧୀନ ସମୟ
ପାଦରେ ଏକାନ୍ତବାସର ବେଡି

ଲଙ୍ଘି ଯାଇ ହୁଏନି ପାଇବାକୁ
ସମର୍ଥ ଈଶ୍ୱର..

ଖାଲି ଟିକେ କାହା ଭଲ ମନ୍ଦ ବୁଝିବାର
ଘାସରା ଡାକ କି
ନିଭେଇ ପାରେ ପାର୍ଥିବ ତାତି
ଯଦି ସେ ନ ହୋଇ ପାରେ
ସ୍ୱ ଶରୀରେ ଉପସ୍ଥିତ
ହରି ନ ପାରେ ହୃଦୟ ଦହନ
ହସେଇ ନ ପାରେ ଦେହର ଉଦ୍ୟାନ..

ନୀରା ଆଜି କହିଦେଲା -
କାହିଁକି ଶୁଣିବି କାହାର ଡାକ ?

ସାତ ଜୁନ
ରାତି ସାଢେ ବାର..

♥ (ମୋ)୯୪୩୭୨୭୯୯୪୧

### ଆହ୍ୱାନ ପହଲଗାଁଓର

ଲତିକା ମହାପାତ୍ର

ଜାଣିଛି,
ଖୁବ୍ ଚିହ୍ନିଛି ଏ ପୃଥିବୀକୁ
ଜୀବନର ଯାତନାରେ, ସଂଘର୍ଷରେ
ଘଷରା ପଣରେ
ଏ ଦୁଃଖ ବି ନିଭିଯିବ, ଫିକା ପଡ଼ିଯିବ
ଗାଢ଼ ଗହିରିଆ ଦାଗ ସବୁ ଛାତିର
ଅବିଶ୍ୱାସୀ ସମୟ
ଦଣ୍ଡଡ଼ା କରିଦିଏ ସବୁ ଦାଗ
ମହଲଣ ପଡ଼ିଯାଏ
ସବୁ ସମୟ ସାଥିରେ
ଯେମିତି ବାହାନଗା
ଦିଲ୍ଲୀ ଟ୍ରେନ ଦଳା ଚକଟା
କଲିକତା ଡାକ୍ତରୀ ଛାତ୍ରୀର ଦୁର୍ଘଟଣା
ଓ ଆଉରି ଅନେକ ଅସହ୍ୟ ଦୁର୍ଘଟଣା
ପୁଲବାମା ସହିଦଙ୍କ ଦୀର୍ଘଶ୍ୱାସ
କୋହ ଆର୍ତ୍ତ ଚିତ୍କାର
ମିଳେଇ ଗଲାଣି ପବନରେ

ଭୁଲି ହେଇଗଲାଣି
କରୋନାର ଗାଢ଼ କଳା ରାତିମାନଙ୍କୁ ...

ଏବେ ଏବେ ଯୋଡ଼ି ହେଇଚି
ନୂଆ ଗୋଟେ ଫର୍ଦ୍ଦ
ପହଲଗାଉଁ ଆତଙ୍କବାଦ ।
ସମୟ କଣ ଏତେ ବି ନିର୍ଦ୍ଦୟ ହୋଇପାରେ
ମୁହୂର୍ତ୍ତ କେ ପୋଛିପାରେ
ନବ ପରିଣୀତା ମଥାରୁ ସିନ୍ଦୁର, ହାତରୁ ଶଙ୍ଖା
ଶୂନ୍ୟ କରିପାରେ ମାଆର କୋଳ
ନିରୀହ ଶୈଶବକୁ ଭେଟିଦିଏ
ଛେଉଣ୍ଡ ପଣର ବୁକୁଫଟା କୋହ !

ହେ ଈଶ୍ୱର ତୁମେ କେଉଁଠି ଶୋଇଗଲ
ବଡ଼ ଦେଉଳର ଗମ୍ଭୀରାରେ
ନା ଗୀର୍ଜା ଗୁରୁଦ୍ୱାର
ଅବା କେଉଁ ମସଜିଦରେ
ତୁମେ ତ କେବଳ ଈଶ୍ୱର ନା
ସବୁରି ହୃଦୟର ଆତ୍ମାର ଅଧିଶ୍ୱର !!

ଆଉ କେତେ କାଳ ଚାଲିବ
ଧର୍ମ ନାମେ କନ୍ଦଳ
ଏ ଅମାନବୀୟ ନର ସଂହାର ?
ଆଉ କେତେ କେତେ ଥର ?

ଆତଙ୍କବାଦୀର କଣ ନ ଥାନ୍ତି
ପିତାମାତା ଘର ପରିବାର
ସଖା ସହୋଦର ?

କେମିତି ହୋଇଥାଏ ଆତଙ୍କୀର ଛାତି
କେଉଁ ସବୁ ଜଘନ୍ୟ ଉପାଦାନେ ଗଢ଼ା ?

ତେଜସ୍ୱୀ ଯୁବକର ମଥାକୁ
ଗୁଳି କଲାବେଳେ
କେମିତି ସେ ଭୁଲିପାରେ
ନିଜ ଭାଇର ଚେହେରା ??

ନା ଆମେ ଭୁଲିବାନି ଏ ଦୁଃଖ, ଏ
ବର୍ବରତା
ଏ ଅଶ୍ରୁର ଅସରନ୍ତି ଧାର...

ଏ ଦେଶରୁ ଫିଙ୍ଗିଦେବା ଆତଙ୍କବାଦୀଙ୍କୁ
ସଭିଏଁ ମିଳିମିଶି ଏକତା ଓ ଦୃଢତାର ସହ

ଭାରତ ଜନନୀ ମୋର..
ତା'ର ଶାନ୍ତି ଓ ସ୍ଥିରତା ପାଇଁ
ଆମକୁ ଲଢ଼ିବାକୁ ହେବ
ନୂଆ ଗୋଟେ ଯୁଦ୍ଧ ।

♥ ତାଳଚେର

### ଋତୁ ପରିବର୍ତ୍ତନ

ବିବୁଲ ମହାକୁର



ପ୍ରତି ସକାଳରେ ଏଠି ବଦଳିଯାଏ
ସମ୍ପର୍କଟିଏ
ବଦଳି ଯାଏ ଋତୁଟିଏ
ଆଉ ବଦଳେଇ ଯାଏ
ଜୀବନ ମାନଚିତ୍ରର ଅକ୍ଷାଂଶ ଦ୍ରାଘିମା।

ସେଦିନ ନିଦାଘର ପ୍ରତ୍ୟାବର୍ତ୍ତନ
ଅଦିନିଆ ବର୍ଷାର
ଦୁଇ ବୁନ୍ଦା ଛିଟା ସହ
ଆଣିଥିଲା ପରିବର୍ତ୍ତନରେ ପୂର୍ଣ୍ଣଚ୍ଛେଦ
ଦିବାସ୍ୱପ୍ନ ପରି।

ଆଁ କରିଥିବା ଅମରି ଗଛ
ଅଧାଭଙ୍ଗା ଚଟିଆ ବସା
କଳାପଟା ତଳ ଚକ୍‌ଗୁଣ୍ଡ
ଚିରି ଯାଇଥିବା ମାଆ ପଣତ
ଆଜି ଖୁସିରେ ଅସୁସ୍ଥ।

କେଇ ଯୁଗରୁ ନିଷ୍କ୍ରିୟ ଥୁଣ୍ଟା ବରଗଛ
ଆଜି ସ୍ୱପ୍ନଦେଖେ, ପ୍ରଥମ ବର୍ଷାଛିଟାରେ
ସବୁଜ ପୃଥିବୀ ମଧ୍ୟରେ
ଚିର ସବୁଜ ହେବାର ।

ଏ ପରିବର୍ତ୍ତନର ସୂତ୍ରଧର କିଏ ?
କୃଷକ କହେ ବର୍ଷା
ଘରକାନ୍ଥ କହେ ରଙ୍ଗ
ମାଆ କହେ ତୁଳସୀ ଚଉରା
କିନ୍ତୁ ମୁଁ କହେ ତମେ।

♥ ଗ୍ରାମ/ପୋଷ୍ଟ-ବୁର୍ଡ଼ା, ଲୋଇସିଂହା
ଜିଲ୍ଲା - ବଲାଙ୍ଗୀର
(ମୋ) ୮୨୪୯୭୦୨୨୫୨

# ହୃଦୟର ଭାଷା ହିଁ ସବୁଠୁ ଭଲ କବିତା : ନିରାକାର ଦାସ

**ନିରାକାର ଦାସ**
ଓଡିଆ ସାହିତ୍ୟ ଜଗତରେ ଗୋଟେ ପରିଚିତ ନାଁ । ତାଙ୍କ କବିତାର ଶବ୍ଦ ସଂଯୋଜନାରେ ବାରିହୁଏ ତାଙ୍କ ନିପୁଣତା । ନିଛକ ଚଳମାନ ଜୀବନର ଛବିକୁ ସେ ରୂପ ଦେଇପାରନ୍ତି ତାଙ୍କ କବିତାରେ । "ଯେତେଦିନ ଯାଏ ଦୁନିଆରେ ଧନୀ-ଗରିବ ଭେଦାଭେଦ ଥିବ, ଯେତେଦିନ ଯାଏ ଜଣେ ବି ମଣିଷ ନିରନ୍ନ ଥିବ, ଯେତେଦିନ ଯାଏ ମଣିଷ-ମଣିଷ ଉପରେ ଅତ୍ୟାଚାର କରୁଥିବ, ଶୋଷକ ଶୋଷିତଙ୍କ ରକ୍ତ ଶୋଷୁଥିବ, ଧର୍ମ-ଧର୍ମ ଓ ସଂପ୍ରଦାୟ ସଂପ୍ରଦାୟ ମଧ୍ୟରେ ସଂଘର୍ଷ ଚାଲୁଥିବ, ସେତେଦିନଯାଏ ମୋ କଲମ କବିତାର ଝଙ୍କାର ତୋଳୁଥିବ" ବୋଲି କହୁଥିବା ଏହି କବିଙ୍କ ସହ ଏଥରର ଆଳାପ...



**ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ**

■ **ସାହିତ୍ୟର ଏତେ ବିଭାଗ ଥାଉ ଥାଉ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?**

■■ ମୁଁ ଜମା ଜାଣିନି ମୁଁ କବିତା କାହିଁକି ଲେଖିଲି । ଏମିତି କବି କି ଲେଖକ ହେବାକୁ ମୁଁ କେବେ ସ୍ୱପ୍ନରେ ଭାବି ନଥିଲି । ଲେଖାଲେଖି କରିବାକୁ ମୋର ସେମିତି କିଛି ଆଗ୍ରହ ନ ଥିଲା । ହଁ ଦେଶ ସେବା କରିବାର ପ୍ରବଳ ଆଗ୍ରହ ପିଲାଦିନୁ ଥିଲା । ଇଂଜିନିୟର କି ଡାକ୍ତର ହେବା ପାଇଁ ବିଜ୍ଞାନ ପଢୁଥିଲି । ଚେଷ୍ଟା ବି ବହୁତ କରିଛି । ପ୍ରକୃତ ପରାମର୍ଶଦାତାର ଅଭାବ ଓ ଦାରିଦ୍ର୍ୟତା ମୋ ଲକ୍ଷ୍ୟ ପଥରେ ପହଁଚାଇ ଦେଲାନି । କିନ୍ତୁ କେନ୍ଦ୍ରାପଡ଼ା କଲେଜରେ ପଢିବାବେଳେ "ଟିକି ଚଢେଇ" ବୋଲି ଶିଶୁ କବିତାଟିଏ ଲେଖିଥିଲି । ପରେ ବିଜେବି କଲେଜରେ ଗ୍ରାଜୁଏସନ୍ କଲାବେଳେ ଦୁଇଟି ଗଳ୍ପ ଲେଖିଥିଲି । ତା ପରେ ପାଠ ପଢାରେ ଡୋରି ଲଗାଇ ଦେଲି । ଏସ.ୟୁ.ସି.ଆଇର ଗଣତାନ୍ତ୍ରିକ ଛାତ୍ର ସଂଗଠନରେ କେନ୍ଦ୍ରାପଡ଼ା କଲେଜରୁ ରଣଧୀର ଜେନାଙ୍କ ଅନୁପ୍ରେରଣାରେ କେତେବେଳେ କେମିତି ସଭା ସମିତିକୁ ଯାଉଥିଲି । କିନ୍ତୁ ବେଶୀ ସମୟ କାଟୁଥିଲି ଅରିଲୋର ବାବା ବଳିଆ ଆଶ୍ରମରେ । ପିଲାଦିନୁ ବାବା ବଳିଆଙ୍କ ଶିଷ୍ୟ ଥିଲି । ପ୍ରାର୍ଥନା ଏବଂ ଭଜନ କିର୍ତ୍ତନରେ ଅଧିକାଂଶ ସମୟ କଟୁଥିଲା । ପରେ ବିଜେବି କଲେଜରେ ବି.କମ୍ ଆଡମିଶନ୍ କଲାପରେ ସେଠାରେ ଡି.ଏସ୍.ଓର ଛାତ୍ର ନେତା ମୋହନ ଜେନା ମୋତେ ଭେଟିଲେ ଏବଂ ଧୀରେ ଧୀରେ ମୁଁ ମାର୍କ୍ସବାଦ ଉପରେ ଜାଣିବାକୁ ଚେଷ୍ଟାକଲି । ୧୯୮୭ ମସିହା ଜାନୁଆରୀ ପହିଲାରେ ବାଲେଶ୍ୱର ଷ୍ଟାଡିୟମ୍‌ରେ ଏସ୍.ୟୁ.ସି.ଆଇ ପକ୍ଷରୁ ଏକ ଆଲୋଚନାଚକ୍ରରେ ମୁଁ ଯୋଗ ଦେଇଥିଲି । ସେହି ଆଲୋଚନାଚକ୍ରକୁ ଉଦ୍‌ବୋଧନ ଦେଉଥିଲେ କମ୍ରେଡ ପ୍ରଭାସ ଘୋଷ (ବର୍ତ୍ତମାନ ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ଦଳର ସର୍ବ ଭାରତୀୟ ସାଧାରଣ ସମ୍ପାଦକ ବା ମୁଖ୍ୟ) ତାଙ୍କ ଆଲୋଚନା ଖୁବ୍ ହୃଦୟସ୍ପର୍ଶୀ ଥିଲା । ସେହି ଦିନରୁ ମୁଁ ଏହି ଦଳରେ ନିଜକୁ ସାମିଲ୍ କଲି ଏବଂ ମାର୍କ୍ସବାଦ ଲିଟରେଚର ପଢିବାକୁ ଲାଗିଲି । ୧୯୮୯ରେ ମୋର ଖୁବ୍ ଇଚ୍ଛା ହେଲା ଏମ୍.ଏ. ପଢିବାକୁ ତା ପୁଣି ସାମ୍ବାଦିକତା । ଯା ହେଉ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗରେ ନାମ ଲେଖାଇଲି । ୧୯୮୮ ମସିହାରେ ଦିନେ ରାତ୍ରିରେ ମୋହନ ଭାଇ ଓ ମୁଁ ଏସ୍.ୟୁ.ସି.ଆଇ ପାର୍ଟି ଅଫିସ୍ ସାମ୍ନା କଲଭର୍ଟରେ ବସିଥାଉ । ସେ କହିଲେ ନିରାକାର କାଲି "ହୋଲି" କବିତା ପାଠୋତ୍ସବ ହେବ ଷ୍ଟେଟ୍ ଗେଷ୍ଟହାଉସ୍‌ରେ କବି ପ୍ରସନ୍ନ ପାଟଶାଣୀ ଆସିବେ । ତୁମେ ଗୋଟିଏ କବିତା ଲେଖ, ପଢିବ । ମୁଁ କହିଲି, ମୋ ଦ୍ୱାରା କି କବିତା ହେବ ? ମୋହନ ଭାଇ କହିଲେ ତୁମେ ଭଲ ଲେଖିବ, ଲେଖ । ମୁଁ ତା ପୂର୍ବରୁ ୨/୩ଟି କବିତା ଲେଖିଥିଲି ଯାହାକୁ ମୋହନ ଭାଇ ପଢିଥିଲେ । ତାକୁ ମୁଁ କେଉଁଠି ହଜେଇ ଦେଲି । "ହୋଲି ଆସିଛି' କବିତାଟିଏ ଲେଖି ଆମେ ଗଲୁ । ମୁଁ କବିତା ପଢିଲି । କବିତାଟି ସେମିତି କିଛି ଉନ୍ନତ ନୁହେଁ କିନ୍ତୁ ମୋର ପ୍ରଥମ ଗଦ୍ୟ କବିତା ଥିଲା । ସେ କବିତା ବି କେଉଁଠି ହଜିଗଲା । ତାହା ହିଁ ଥିଲା ମୋର ପ୍ରଥମ କବିତା ପାଠ ।

■ **ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?**

■■ ଭଞ୍ଜ ବିହାର ଥିଲା ହିଁ ମୋର କବିତାର ଏନ୍ତୁଡ଼ିଶାଳ । ମୋର ଏହି ସାହିତ୍ୟ ପ୍ରତି ରୁଚି ବଢିବା ଓ କବିତା ଲେଖିବା ପାଇଁ ଏମ୍. ଏ. ପଢିବା ବେଳେ ଭଞ୍ଜ ବିହାର ଦେଇଥିଲା ପ୍ରେରଣା । ମୋର ପୂଜ୍ୟ ଗୁରୁ ପ୍ରଫେସର ସୌଭାଗ୍ୟ କୁମାର ମିଶ୍ର, ପ୍ରଫେସର ଡ. ଦାଶରଥି ଦାଶ, ୰ ପ୍ରଫେସର ଡ. ହରିହର ଦାସ, ୰ ପ୍ରଫେସର ଡ. ବାଉରୀବନ୍ଧୁ କର, ୰ପ୍ରଫେସର ଡ଼. ଦାଶରଥି ମିଶ୍ର, ୰ ପ୍ରଫେସର ଗଗନେନ୍ଦ୍ରନାଥ ଦାଶ, ୰ ପ୍ରଫେସର ପ୍ରଦୀପ କୁମାର ମହାପାତ୍ରଙ୍କ ସହ କବି ଝାନ୍‌ସୀ ସିଂହ, କବି ସୁରେଶ ନାୟକ, କବି ବିନୟ ମହାନ୍ତି, ଇତିଶ୍ରୀ ଧଳ, ନଳିନୀପ୍ରଭା ସାହୁ ପ୍ରମୁଖ ବନ୍ଧୁମାନେ ମୋର ଏହି ସାହିତ୍ୟ ଯାତ୍ରା ପଥରେ ଖୁବ୍ ପ୍ରେରଣାଦାୟୀ ହୋଇଥିଲେ । ସେବେଠୁ ଆଜିଯାଏ ମୁଁ କବିତା ହିଁ ଲେଖୁଛି । କିନ୍ତୁ ସବୁ ଅଭିବ୍ୟକ୍ତି, ସବୁ ଚିନ୍ତାଚେତନାକୁ କବିତାରେ ସମ୍ପୂର୍ଣ୍ଣ ସାକାର କରିହେଉନି । ଇଚ୍ଛା ହେଉଛି ଗପ ଲେଖିବାକୁ । କିନ୍ତୁ କ'ଣ କରିବି କେବଳ କବିତା ହିଁ ମୁଣ୍ଡରେ ପଶୁଛି । ଲେଖି ବି ହୋଇଯାଉଛି । କବିତା ହୃଦୟରୁ ବାହାରେ ଏବଂ ହୃଦୟକୁ ଛୁଏଁ । ତାହାହିଁ ହେଉଛି - ହୃଦୟରୁ ବାହାରି ପଡୁଛି ।

■ **କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଆପଣଙ୍କର ଏ ଯାତ୍ରା ?**

■■ ଖୁବ୍ ବିଭୋର ମୂହୁର୍ତ୍ତ ଥିଲା ଯେଉଁଦିନ 'ହୋଲି ଆସିଛି' କବିତା ଲେଖି ପଢିଲି । ଖୁବ୍ ଆନନ୍ଦ ଓ ପ୍ରେରଣାଦାୟକ । କବି ଡକ୍ଟର ପାଟଶାଣୀ ତ ସମସ୍ତଙ୍କୁ ଆର୍ଶିବାଦ କରନ୍ତି, ମତେ ବି ସେଦିନ କହିଲେ "ଭଲ କବିତା ପଢିଲ" । ମୋ ଉତ୍ସାହ ଦ୍ୱିଗୁଣିତ ହୋଇଗଲା । କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଏ ଯାତ୍ରା ଏକ ବଡ଼ ପ୍ରଶ୍ନ । ମୁଁ ପ୍ରାୟତଃ ପ୍ରଥମ ଓ ଦ୍ୱିତୀୟ ପ୍ରଶ୍ନରେ କହିସାରିଛି । ମୁଁ କବି ହେବା ପାଇଁ ଲେଖୁନି କି ମୋର ସେମିତି କୌଣସି ଆଗ୍ରହ ନ ଥିଲା । ଏମିତି ଭାବପ୍ରବଣତାରେ କେମିତି କେଜାଣି ଏ ସାହିତ୍ୟରେ ପ୍ରବେଶ କରିଛି ! ସବୁ କବିଙ୍କର ଅଭିଳାଷ ବଡ଼ ସାହିତ୍ୟିକଟିଏ ହେବାପାଇଁ ଏବଂ ବଡ଼ ବଡ଼ ସାହିତ୍ୟ ପୁରସ୍କାର ପାଇବା ପାଇଁ ଆଗ୍ରହ ରହିବ । ମୋର ସେମିତି କିଛି ଆଗ୍ରହ ନାହିଁ । ମତେ ଯିଏ ଶ୍ରଦ୍ଧାରେ ଖୋଜିଛି ମୁଁ ତା ପାଖରେ ଠିଆ ହୋଇଛି । ଯିଏ ପୁରସ୍କାରଟିଏ ଦେବାକୁ ଚାହିଁଛି ମୁଁ ମନା କରିନି । ମୁଁ ସେ ଅନୁଷ୍ଠାନ ନିକଟରେ କୃତଜ୍ଞ ରହିଛି । କୌଣସି ସାହିତ୍ୟିକଙ୍କ ରାଜନୀତିରେ ମୁଁ ନ ଥାଏ । ବେଳେବେଳେ ଆଶାରୁ ଅଧିକ ଶ୍ରଦ୍ଧା ପାଇଛି । ଜୀବନରେ ବିଭାଗ ସହ ମୁଁ କୌଣସି ନା କୌଣସି କାରଣ ସହ ଅନୁବନ୍ଧିତ ହୋଇଛି । ମୋର ଶେଷ ଅନୁଭବ ହୋଇଛି - "ଜୀବନରେ ସାହିତ୍ୟ ହିଁ ସର୍ବଶ୍ରେଷ୍ଠ ଓ ସର୍ବୋ ମ ଆନନ୍ଦପ୍ରଦ ବିଭାଗ । ଭାବପ୍ରବଣତା ହେଉ କି କବିତା ବହି ପ୍ରକାଶ ସମୟର ସମାଧୀସ୍ଥ ଅବସ୍ଥା ହିଁ ଆନନ୍ଦର ପ୍ରକୃତ ମୂହୁର୍ତ୍ତ । ଲେଖିବା, ପଢିବାଠାରୁ ବଡ଼ ଆନନ୍ଦ ଆଉ କେଉଁଥିରୁ କ'ଣ ମିଳିପାରିବ ? ଏହାହିଁ ସାତ୍ୱିକ ଆନନ୍ଦ ଆଧାତ୍ମିକବାଦୀମାନେ ଯାହାକୁ କହନ୍ତି ଚିଦାନନ୍ଦ ବା ପରମାନନ୍ଦ ତାହା ହିଁ ସାହିତ୍ୟରୁ ମିଳେ । ଏହି ଆନନ୍ଦ ବା ଜୀବନର ପ୍ରଶାନ୍ତି ସାହିତ୍ୟ ରାସ୍ତାରେ ବାଟ ଚାଲିଲାପରେ ଅନୁଭବ କଲି । କିନ୍ତୁ ନିରୋଳା ଆନନ୍ଦ କି ନିଜ ଚିତ୍ତଶାନ୍ତି ପାଇଁ ମୁଁ କଲମ ଧରିନି । ମୋର ଏକ ସ୍ୱତନ୍ତ୍ର ଲକ୍ଷ୍ୟ ଓ ଆଦର୍ଶ ଏହା ପଛରେ ରହିଛି - "ଯେତେଦିନ ଯାଏ ଦୁନିଆରେ ଧନୀ-ଗରିବ ଭେଦାଭେଦ ଥିବ, ଯେତେଦିନ ଯାଏ ଜଣେ ବି ମଣିଷ ନିରନ୍ନ ଥିବ, ଯେତେଦିନ ଯାଏ ମଣିଷ-ମଣିଷ ଉପରେ ଅତ୍ୟାଚାର କରୁଥିବ, ମଣିଷ-ମଣିଷର ଲୁଣ୍ଠନ କରୁଥିବ, ନିଷ୍ପେସିତ, ଦଳିତ, ନିର୍ଯ୍ୟାତିତ ଶବ୍ଦ ଏ ଦୁନିଆ ଅଭିଧାନରେ ଥିବ, ଶୋଷକ ଶୋଷିତଙ୍କ ରକ୍ତ ଶୋଷୁଥିବ, ଧର୍ମ-ଧର୍ମ ଓ ସଂପ୍ରଦାୟ ସଂପ୍ରଦାୟ ମଧ୍ୟରେ ସଂଘର୍ଷ ଚାଲୁଥିବ, ମାଟି, ପାଣି, ପବନ, ଆକାଶକୁ ବେପାରୀମାନେ ଲୁଟୁଥିବେ, ମାଟି ମା' ପାଟିରୁ ନିଗୁଡୁଥିବ ରକ୍ତ, ସେତେଦିନଯାଏ ମୋ କଲମ କବିତାର ଝଙ୍କାର ତୋଳୁଥିବ ।

■ **ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ କବିତା ଲେଖା ଯାଉଥିଲେ ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ । ଏ ବାବଦରେ କଣ କହିବେ ?**

■■ ପୂର୍ବ ଅପେକ୍ଷା ଏବେ ବହୁତ କବିତା ଲେଖାଯାଉଛି, ବହୁ କବି ସୃଷ୍ଟି ହେଲେଣି, ଏହା ଖୁବ୍ ଆନନ୍ଦର କଥା । ଖୁବ୍ ଗର୍ବ କରିବା କଥା । ଆଜିର ଯୁବ ବର୍ଗ ବହି ବିଦ୍ୟାଠାରୁ ଦୂରେଇ ଗଲେଣି । ଇଂଟରନେଟ୍ ଓ ସାମାଜିକ ଗଣମାଧ୍ୟମର ଏହି କୁ-ପ୍ରଭାବ । ବାଳକ ଓ କିଶୋର ମାନଙ୍କୁ ଛୋଟ ବେଳୁ ଶିକ୍ଷିତ ହେଉ କି ଅଶିକ୍ଷିତ ସମସ୍ତଙ୍କ ବାପା-ମାଆମାନେ ଛୁଆଙ୍କୁ ମୋବାଇଲ ଖେଳିବାକୁ ଧରେଇ ଦେଇ ନିଜେ ଘର କାମରେ ଲାଗି ପଡୁଛନ୍ତି । ପିଲାଙ୍କୁ ବୋଧ କରିବାର ମାଧ୍ୟମ ପାଲଟିଛି ଏବେ ମୋବାଇଲ୍ । ସେହି ମୋବାଇଲ୍ ପରବର୍ତ୍ତୀ ସମୟରେ ପିଲାର ସର୍ବନାଶ କରୁଛି ଯାହା ଏମାନେ ଅନୁଭବ କଲାବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହି ଯାଇଥାଏ । ତେଣୁ ଯୁବ ବର୍ଗ ବହି ପଢିଲେ ତ କବିତା ପଢିବେ ! ପଢିଲେ ସିନା କବିତାର ଅର୍ଥ ବୁଝିବେ । ଏହା ସତ୍ତ୍ୱେ ବି ପୂର୍ବାପେକ୍ଷା ବହୁ ଅଧିକ ବହି ଛପାଯାଉଛି ଓ ବିକ୍ରି ବି ହେଉଛି । ଗଦ୍ୟ କବିତାରେ ଲାଳିତ୍ୟ ନଥାଏ । ମନେ ରୁହେନା । ଅର୍ଥବୋଧ କ୍ଲିଷ୍ଟତା ପାଇଁ ପାଠକମାନଙ୍କ ପକ୍ଷେ ବୁଝିବା କଷ୍ଟ ହୋଇପଡ଼େ । ଏତେ ଗୂଢ କଥା, ଏତେ ରହସ୍ୟ ବୋଧ, ଏତେ ଶାବ୍ଦିକ ଚତୁରତା, ଏତେ ଚିତ୍ରକଳ୍ପ ପାଇଁ ସିନା ସାହିତ୍ୟ ପଣ୍ଡିତମାନଙ୍କର ଜ୍ଞାନ ଅଛି ବୁଝିବାକୁ, ନଚେତ୍ ସାହିତ୍ୟ ଛାତ୍ରଛାତ୍ରୀମାନଙ୍କୁ ଦରକାର ହୁଏ ପଢି ବୁଝିବାକୁ । କିନ୍ତୁ ସାଧାରଣ ବ୍ୟକ୍ତିଟିଏ ଏତେ ଗଭୀରକୁ ମୁଣ୍ଡ ପୁରେଇବ କାହିଁକି ? ତାକୁ ଦରକାର ଯାହା ପଢିଲେ ଆନନ୍ଦ ଦେବ, ମନକୁ ଖୁସି ଦେବ, ତାହା ପଢିବ । ତେଣୁ ଗଦ୍ୟ କବିତାରେ ସେ ଉପାଦାନ ନାହିଁ । ପଦ୍ୟ ବା ଛନ୍ଦ କବିତା କିଛି ନ ହେଲେ ଗୀତଭଳି ଗାଇ ହେବ, ଗୁଣୁଗୁଣେଇ ହେବ, ମନେ ରହିଯିବ, ସେଥିପାଇଁ ତାର ଆଦର । କିନ୍ତୁ ଛନ୍ଦ କବିତା ଯଦି ତଥା କଥିତ "ଚରୈବତି" ହେବ, ସେଥିପ୍ରତି ବି ଲୋକଙ୍କ ଆଗ୍ରହ କମିଯିବା ସ୍ୱାଭାବିକ । ଏଠାରେ ଆଉ ଏକ କଥା ଉଠୁଛି- ସାହିତ୍ୟିକ ବାଦ୍ ବହୁ ଜ୍ଞାନୀ ଲୋକମାନେ ବି କବିତା ପଢନ୍ତି । କିନ୍ତୁ ଆମ ଗଦ୍ୟ କବିତାରେ ଯଦି କିଛି ନୂତନତ୍ୱ ନାହିଁ, ନୂଆ ଚେତନା, ନୂଆ ଚିତ୍ରକଳ୍ପ, ନୂଆ ଭାବଭଙ୍ଗୀ, ନୂଆ ଆଙ୍ଗିକ ଶୈଳୀ ନାହିଁ । ସେହି ଚିରାଚରିତ ଅନୁସରଣ, ଅନୁକରଣ ଓ ହନୁକରଣ । ତେବେ ଜ୍ଞାନୀ ଲୋକଟିକୁ କି ଜ୍ଞାନ ପ୍ରାପ୍ତି ହେବ, କାହିଁକି ପଢିବ ? ତେଣୁ କବିଟିଏ ଲେଖିଲା ପୂର୍ବରୁ ବୁଝିବା ଦରକାର, ନିଜକୁ ବାରମ୍ବାର ପଚାରିବା ଆବଶ୍ୟକ ଯେ ମୁଁ ଯାହା ଲେଖୁଛି ଆଗରୁ କିଏ ଏମିତି ଲେଖିଛନ୍ତି କି ? ମୋର ଆଙ୍ଗିକ ସୌଷ୍ଠବ ଭଳି ଆଗରୁ ଆଉ କାହାର ଅଛି କି ? ମୁଁ ଯେଉଁ ଚିତ୍ରକଳ୍ପ ଯେମିତି ପ୍ରୟୋଗ କରୁଛି, ସେମିତି ଆଉ କିଏ ପ୍ରୟୋଗ କରିଛି କି ? ଯଦି ଆଗରୁ କରାଯାଇଛି ତେବେ ମୁଁ ସେମିତି ସାହିତ୍ୟ ସୃଷ୍ଟି କଲେ, ତାହାର ନୂତନତ୍ୱ କ'ଣ ଅଛି ? ଏଥିପାଇଁ ଜଣେ କବି ବା ସାହିତ୍ୟିକଙ୍କୁ ଖୁବ୍ ପଢିବାକୁ ପଡିବ । ତେବେ ସିନା ସେ ଜାଣିପାରିବ, ସେ ଯାହା କରୁଛି ତାହା ରିପିଟ୍ ହେଉଛି ବା "ଚର୍ବିତ ଚର୍ବଣ" ହେଉଛି । ଏମିତି ଯଦି ଆମ କବି ବା ସାହିତ୍ୟିକମାନେ ଚିନ୍ତାକରି ଲେଖିବେ ତେବେ ଆମ ସାହିତ୍ୟର ମାନବୃଦ୍ଧି ହେବା ସହ ପାଠକ ଭାରାକ୍ରାନ୍ତ ହେବେନି । କବିତା ପଢିବା ପ୍ରତି ସାଧାରଣ ଲୋକଙ୍କର ଆଗ୍ରହ ସୃଷ୍ଟି ହେବ । ମୁଁ ଭଂଜବିହାରରେ ପଢୁଥିବାବେଳେ "କବିତାରେ କ୍ଲିଷ୍ଟତା" ଏକ ପାଠଚକ୍ର କରିଥିଲି - ସମସ୍ତେ କବିତାରେ କ୍ଲିଷ୍ଟତାକୁ ନେଇ ଖୁବ୍ ଉଦ୍‌ବେଗ ପ୍ରକାଶ କରିବା ସହ କହିଲେ "ସାଧାରଣ ମଣିଷ ବୁଝିବାଭଳି କବିତା ଲେଖାଯାଉ, ଏତେ କ୍ଲିଷ୍ଟ ନ ହେଉ ।" କିନ୍ତୁ କବି ସୌଭାଗ୍ୟ କୁମାର ମିଶ୍ର କ୍ଲିଷ୍ଟତା ସପକ୍ଷରେ ଅକାଟ୍ୟ ଯୁକ୍ତି ପ୍ରତିପାଦନ କରି କହିଲେ - "କବିତାର ବୌଦ୍ଧିକତା ଓ ଆଙ୍ଗିକତା ସାଧାରଣ ଲୋକଙ୍କ ବୋଧଗମ୍ୟ ନିମନ୍ତେ ନିମ୍ନଗାମୀ କାହିଁକି ହେବ ? କାହିଁକି ସାଧାରଣ ଲୋକେ ତାଙ୍କ ବୌଦ୍ଧିକ ଜ୍ଞାନ ଓ ଯୋଗ୍ୟତା ଅର୍ଜନ ନ କରିବେ କ୍ଲିଷ୍ଟ କୁହାଯାଉଥିବା କବିତାଟିକୁ ବୁଝିବା ପାଇଁ ? ସାଧାରଣ ଲୋକ ବୁଝିବା ପାଇଁ କବିତାକୁ ଦୁର୍ବଳ କରାଯାଇ ପାରିବ ନାହିଁ । ବରଂ ସାଧାରଣ ଲୋକେ କବିତା ବୁଝିବାକୁ ପ୍ରଜ୍ଞାର ବୃଦ୍ଧି କରନ୍ତୁ । ଯାହାଫଳରେ ବୌଦ୍ଧିକତାର ବିକାଶ ଘଟିବ । ଏମିତି କବିତା କେବଳ ଓଡ଼ିଆରେ ନୁହେଁ ସାରା ବିଶ୍ୱରେ ଲେଖାଯାଉଛି । ଆମେ ଆମ ସାହିତ୍ୟକୁ ବିଶ୍ୱମୁଖୀ କରିବା ନା ଆମ ପଛୁଆ, ଅଜ୍ଞାନୀ ଲୋକଙ୍କ ପାଇଁ କବିତାର ଶ୍ରୀବୃଦ୍ଧି ନଷ୍ଟ କରିବା ।" ଏଥିରୁ ଆପଣ ଯାହା ଅନୁମାନ କରିବେ କରନ୍ତୁ ।

■ **କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?**

■■ ମାତୃଭାଷା ଏବେ ସଂକଟରେ, ଏହା ଠିକ୍ କଥା । ଆମ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଲା । ଭାଷା ପ୍ରତିଷ୍ଠାନ ଓ ଓଡ଼ିଆ ବିଶ୍ୱବିଦ୍ୟାଳୟ ଖୋଲାଗଲା । ସଂସ୍କୃତି ବିଭାଗକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗରେ ବଦଳା ଗଲା । ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ବି ଭୁବନେଶ୍ୱରରେ ହେଲା । ଓଡ଼ିଆରେ ସରକାରୀ କାଗଜପତ୍ର ସବୁ ଲେଖାଯିବାର ବ୍ୟବସ୍ଥା କରାଗଲା । ଓଡ଼ିଆ ଭାଷାର ଉନ୍ନତି ପାଇଁ ବହୁ ଆଲୋଚନା ଚକ୍ର, ପାଠଚକ୍ର ଓ ସମ୍ମିଳନୀ ବି ଆୟୋଜନ ସରକାର କଲେ । ଏ ସବୁ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀ ଥିବା ସମୟରେ ହେଲା । ତଥାପି ଓଡ଼ିଆ ଅସ୍ମିତା ବିପଦରେ କହି ସରକାର ବି ବଦଳି ଗଲା । ଏହା ପରେ ବି ଆମ ମାତୃଭାଷା ସଙ୍କଟରେ କାହିଁକି ? ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଯାହା ସବୁ ନିଷ୍ପତ୍ତି ନିଆଯାଇଥିଲା, ତାହା କାର୍ଯ୍ୟକାରୀ ହୋଇଥାଆନ୍ତା କି ନାହିଁ ଆମେ ଜାଣିନୁ କିନ୍ତୁ ସରକାର ବଦଳିଗଲା । ମତ-ପାର୍ଥକ୍ୟ, ବାଦ ବିବାଦ, କେବଳ ସାହିତ୍ୟରେ କାହିଁକି ସବୁ ବିଭାଗରେ ରହିଛି । ଏସବୁ ରହିବ ଓ ରହିବା ଉଚିତ୍ ବି । ନଚେତ୍ କି ଗଣତନ୍ତ୍ର ? ଗଣତନ୍ତ୍ରରେ ଯେତେ ତର୍କ-ବିତର୍କ, ମତ ଓ ମତଭେଦ ରହିବ ସେତେ ମଣିଷର ମାନସିକ ଚେତନାର ଉନ୍ନତି ଘଟିବ ଏବଂ ଗଣତନ୍ତ୍ରର ଧାରା ଅବ୍ୟାହତ ରହିବ । ତେଣୁ ସାହିତ୍ୟକୁ ଆଧାର କରି ଭାଷାର ଉନ୍ନତି ନିଶ୍ଚୟ ହୋଇପାରିବ ।

■ **ଭଲ କବିତାର ସଂଜ୍ଞା କଣ ? କବିତାର ଭବିଷ୍ୟତକୁ ନେଇ କେତେ ଆଶାବାଦୀ ? କବିତାରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?**

■■ ହୃଦୟ ଭିତରୁ ପ୍ରବାହିତ ହୋଇ ଆସୁଥିବା କବିତା ହିଁ ଭଲ କବିତା ଯାହା ଅନ୍ୟର ହୃଦୟକୁ ଛୁଇଁଯାଏ । ଅନ୍ୟର ହୃଦୟ ଓ ମନକୁ ତଲ୍ଲୀନ କରି ରଖିପାରୁଥିବା ଓ ହୃଦୟ ମନକୁ କ୍ଷତାକ୍ତ ଓ ବିଷାଦଗ୍ରସ୍ତ କରିପାରୁଥିବା କବିତା ହିଁ ଚମତ୍କାର କବିତା ଯାହା କାଳଜୟୀ ହୋଇପାରେ । ଯେଉଁ କବିତା ପଢିଲେ ଆଖିରୁ ଲୁହ ଗଡ଼ିଯାଏ ନଚେତ୍ ଆଖିରୁ ଅଗ୍ନି ନିର୍ଗତ ହୁଏ ସେ ହିଁ ପ୍ରକୃତ କବିତା । କବିତାର ଭବିଷ୍ୟତ ଖୁବ୍ ଭଲ । ଖୁବ୍ ଉନ୍ନତି କରୁଛି ଓ କରିବ ମଧ୍ୟ । ଆମର ଯୁବପିଢିମାନେ ଚମତ୍କାର କବିତା ଲେଖୁଛନ୍ତି ପଢିଲେ ହୃଦୟ କେତେବେଳେ ଶ୍ରଦ୍ଧାର ଜଳରେ ଭାସି ଉଠୁଛି ତ କେତେବେଳେ କବିତାର ଭବିଷ୍ୟତକୁ ନେଇ ଆଶାବାଦୀ ହୋଇପଡୁଛି । କବିତାରେ ମାନସିକ ପରିବର୍ତ୍ତନ ନିଶ୍ଚିତ ହେଉଛି ଏବଂ ହୋଇପାରେ ମଧ୍ୟ । "ହିଂସା ବାଦର ରାଜ୍ୟରେ ମୁଁ ଯେ ହେବିନାହିଁ ନରପତି / ମୁଁ ଏକ ନୂତନ ଦୁନିଆ ଗଢିବି ମହିରେ ଅତୁଳ ଅତି ।" ଏହି କବିତା ମୋତେ ଏକ ନୂଆ ଦୁନିଆର ସ୍ୱପ୍ନରେ ବିଭୋର କରିଛି ଏବଂ ହିଂସା, କପଟତାରୁ ଦୂରେଇ ରହିବାକୁ ପ୍ରେରଣା ଦେଇଛି । ସେମିତି ଚାରଣ କବି ବାଞ୍ଛାନିଧିଙ୍କ "କହ କହ କେଉଁ ଜାତି ପାଇଛି ମୁକତି / କରି ହାରି ହୁରି ଗୁହାରି /କହ କେ ପାଇଛି ସୁଖ ଲିଭାଇଛି ଦୁଃଖ/ମାଗି ମାଗି ପଥେ ଭିକାରୀ ।" କବିତାଟି ମୋ ମନ ପ୍ରାଣକୁ ଖୁବ୍ ପ୍ରଭାବିତ କରିଛି ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମର ସ୍ୱର ସୃଷ୍ଟି କରିବାକୁ ପ୍ରେରଣା ଯୋଗାଇଛି । ମହାକବି ସଚ୍ଚି ରାଉତରାୟଙ୍କ "ମଣିଷ" ଓ ଅନ୍ୟ ବହୁ କବିତା, ବିପ୍ଳବୀ କବି ଅନନ୍ତ ପଟ୍ଟନାୟକଙ୍କ ବହୁ କବିତା ମୋତେ ଖୁବ୍ ପ୍ରଭାବିତ କରିଛି ।



କବି ନିରାକାର ଦାସଙ୍କ ବିଦଂଗତ ବୋଉ...

■ **ଓଡିଆ ସାହିତ୍ୟର ପାଠକଙ୍କୁ ନେଇ କେତେ ଆଶ୍ୱସ୍ତ ? ପାଠକ ସାହିତ୍ୟ ପାଖରୁ ନା ସାହିତ୍ୟ ପାଠକଙ୍କ ପାଖରୁ ଦୁରାଉଛି ବୋଲି ଆପଣ ମନେ କରନ୍ତି ? ଏହାର ନିରାକରଣର ଉପାୟ ?**

■■ ଓଡ଼ିଆ ସାହିତ୍ୟର ପାଠକ ଖୁବ୍ କମ୍ । ଜମା ଆମେ ସନ୍ତୁଷ୍ଟ ନୁହଁ ପାଠକମାନଙ୍କୁ ନେଇ । ଯେତେବେଳେ କବିତାଟିଏ ପ୍ରକାଶିତ ହେଉଛି, ଫୋନ୍ ସବୁ ବୟସ୍କ ବ୍ୟକ୍ତିଙ୍କଠାରୁ ଆସୁଛି ତାହା ପୁଣି ଅଧିକାଂଶ ଅବସରପ୍ରାପ୍ତ ଶିକ୍ଷକ ନଚେତ୍ ଅଧ୍ୟାପକ । ଅନ୍ୟମାନେ ପଢିବା ବିରଳ । ପାଠକ ସାହିତ୍ୟ ପାଖରୁ ଓ ସାହିତ୍ୟ ପାଠକ ପାଖରୁ ଦୂରାଉଛି ଏହା ପରିପୂରକ । ଦୁହେଁ ଦୁହିଁଙ୍କଠାରୁ ଦୂରଉଛନ୍ତି । ତାର କାରଣ ଓ ନିରାକରଣ ମୁଁ ପ୍ରଶ୍ନ ନଂ ୧ ଓ ୫ରେ ଆଲୋଚନା କରିଛି ।

■ **ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ ନିରୋଳା ସାହିତ୍ୟ ପାଇଁ ସାହିତ୍ୟ ଲେଖୁଥିବା ବ୍ୟକ୍ତିଙ୍କ ପାଇଁ ପୁରସ୍କାରର ଖୁବ୍ ଆବଶ୍ୟକତା ଅଛି ନଚେତ୍ ତାର ସ୍ଥିତି ଓ ଅବସ୍ଥିତି କ'ଣ ? ଯେଉଁମାନେ ସାମାଜିକ ପରିବର୍ତ୍ତନ ପାଇଁ ବା ଏକ -ଶୋଷଣ-କଷଣହୀନ ସୁନ୍ଦର ସମାଜ ଗଠନର ସ୍ୱପ୍ନ ନେଇ ସାହିତ୍ୟ ସୃଷ୍ଟି କରୁଛନ୍ତି, ସମାଜର ଦୁଃଖ, ଦୈନ୍ୟ, ମାନବିକ ମର୍ଯ୍ୟାଦା ପତନ, ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ଲେଖନୀ ଚାଳନା କରୁଛନ୍ତି ତାଙ୍କ ପାଇଁ ପୁରସ୍କାରର କିଛି ମାନେ ନାହିଁ । ମଣିଷର ଯନ୍ତ୍ରଣା ଯେଉଁ କବି ମଧ୍ୟରେ ଦରଦୀଭାବ ସୃଷ୍ଟି କରେ ସେମିତି କବି ପାଇଁ ପୁରସ୍କାର ମିଳିଲେ କେତେ ନ ମିଳିଲେ କେତେ, ଦୁଃଖ ନାହିଁ । ହଁ, ପୁରସ୍କାର ଏକ ପ୍ରୋତ୍ସାହନ । ପୁରସ୍କାର ଏକ ମାନ୍ୟତା । ଆଗକୁ ବଢିବାକୁ ପୁରସ୍କାର ଅନୁପ୍ରେରିତ କରେ । ତେଣୁ ପୁରସ୍କାର ଆବଶ୍ୟକତା ଅଛି । ନଚେତ୍ ସାହିତ୍ୟ ଭୂମି ବା ସାହିତ୍ୟ ଜଗତ ଶୁଷ୍କମୟ ଲାଗିବ । ସାହିତ୍ୟ ମାଧ୍ୟମରେ ମୋର ବାର୍ତ୍ତା ହେଉଛି- "ଏ ସୁନ୍ଦର ସୃଷ୍ଟିର ସୁରକ୍ଷା କରିବାକୁ ସବୁ ଲେଖକର କଲମ ମୁନ ଶାଣିତ ହେଉ । ମଣିଷ, ମଣିଷ ସ୍ତରକୁ ଉନ୍ନୀତ ହେଉ । ଈଶ୍ୱର ବିଶ୍ୱାସର କଳାବାଦଲ ଦୁନିଆ ମୁଣ୍ଡରୁ ହଟିଯାଉ । ବେପାରୀ ବ୍ୟବସ୍ଥାର କାଳସର୍ପ ମୁହଁରୁ ସଭ୍ୟତା ସୁରକ୍ଷିତ ରହୁ । ଧର୍ମ ଓ ସମ୍ପ୍ରଦାୟର ନାଗଫାଶରୁ ମଣିଷ ମୁକ୍ତି ପାଉ । ମଣିଷ, ମଣିଷ ହେଉ । ମାନବତାର ଜୟ ହେଉ ।

ଶ୍ରୀଚନ୍ଦନପୁର, ମହାକାଳପଡ଼ା,
କେନ୍ଦ୍ରାପଡ଼ା, ଓଡ଼ିଶା - ୭୫୪୨୨୪
ମୋ - ୯୪୩୭୦୧୩୧୩୯



ବାପା, ମା, ଭଉଣୀ, ପତ୍ନୀ, ଝିଅ ଓ ପୁଅଙ୍କ ସହ କବି ନିରାକାର ଦାସ ......



ପ୍ରାଣପ୍ରିୟା ପତ୍ନୀଙ୍କ ସହ କବି ନିରାକାର ଦାସ.....

ପ୍ରଥମ ବିଦେଶ ଯାତ୍ରା

ନନ୍ଦିତା ମହାନ୍ତି

# ମୋ ଝର୍କାରୁ ଆମେରିକା...

ଭାଗ-୧୮



ସପନ ମାମୁଁ ମୋର ହାତ ଦେଖି ଅନେକ କଥା କହୁଥିଲେ । ସେଥିରୁ କେତେ ସତ ହେଲା ଆଉ କେତେ ମିଛ ତାର ଚିଠା ମୋ ପାଖରେ ଏବେ ଆଉ ନାହିଁ । କାରଣ ଢେର ବର୍ଷ ତଳେ ମୁଁ ସେଇ ଜଞ୍ଜାଳ ଅର୍ଥାତ ଗ୍ରହପଥର ମୁଦିକୁ ହାତରୁ କାଢି ଫୋପାଡି ଦେଇଥିଲି । କିନ୍ତୁ ତାଙ୍କର ଗୋଟିଏ କଥା ମୋର ଏବେ ବି ମନେ ଅଛି । ସିଏ ମୋର ହାତ ଦେଖି ଗୋଟିଏ କଥା କହିଥିଲେ, ଯାର ବିଦେଶ ଭ୍ରମଣ ଯୋଗ ଅଛି ।

ଏଥର ସପ୍ତାହାନ୍ତ ଛୁଟିରେ ଆମର ନ୍ୟୁୟର୍କ ବୁଲିବାକୁ ଯିବାର ପ୍ରୋଗ୍ରାମ ହେଲା ।

ଶନିବାର ଦିନ ସକାଳୁ ଆମେ ବାହାରିପଡିଲୁ ଘରୁ । ନ୍ୟୁୟର୍କରେ ସପ୍ତାହାନ୍ତ ଭିଡକୁ ଆଖି ଆଗରେ ରଖି ମିକି ଓ ଚିକୁ ଠିକ କରିଥିଲେ ଯେ ଆମେ କାରରେ ନ ଯାଇ ନ୍ୟୁଜର୍ଶୀ ଟ୍ରାଞ୍ଜିଟ ଟ୍ରେନରେ ନ୍ୟୁୟର୍କ ଯିବୁ ଓ ସେଠାରେ ବୁଲାବୁଲି କରିବୁ । ସକାଳ ଆଠଟା ସୁଦ୍ଧା ଆମେ ଯାଇ ପହଂଚିଗଲୁ ଟ୍ୱିନ ଟାୱାରକୁ ଲାଗି ଥିବା ଟ୍ରେନ ଷ୍ଟେସନରେ । ଶନିବାର ଓ ରବିବାର ଦିନ ଯାତ୍ରୀମାନଙ୍କର ସୁବିଧା ପାଇଁ ନ୍ୟୁଜର୍ଶୀ ଓ ନ୍ୟୁୟର୍କ ମଧ୍ୟରେ ଚାଲୁଥିବା ନ୍ୟୁଜର୍ଶୀ ଟ୍ରାଞ୍ଜିଟର ଟ୍ରେନ ସବୁ ଭୋର ପାଂଚଟାରୁ ଆରମ୍ଭ ହୋଇ ଚାଲେ ରାତି ଗୋଟାଏ ଯାଏଁ । ନ୍ୟୁଜର୍ଶୀ ଆପରୁ ଟ୍ରେନ ଟାଇମିଙ୍ଗ ଦେଖାଯାଇପାରେ ଓ ଟିକେଟ ମଧ୍ୟ ବୁକ କରାଯାଇପାରେ । ଆମେ ଷ୍ଟେସନରେ ପହଞ୍ଚିବାର ମାତ୍ର ପାଞ୍ଚ ମିନିଟ ମଧ୍ୟରେ ଗୋଟିଏ ଟ୍ରେନ ଷ୍ଟେସନରେ ଲାଗିଲା । ଆମେ ଚଢିଗଲୁ ଗୋଟିଏ ବଗିରେ । ଏଇଟି ଥିଲା ଡବଲ ଡେକର ଟ୍ରେନ ଅର୍ଥାତ ଦୁଇ ମହଲା ଟ୍ରେନ । ମୁଁ ଆଜି ଯାଏଁ ଡବଲ ଡେକର ବସ କଥା ଜାଣିଥିଲି ହେଲେ ଡବଲ ଡେକର ଟ୍ରେନ କଥା ଜାଣି ନ ଥିଲି । ଆମେ ପ୍ରଥମ ମହଲାରେ ଥିବା ସିଢି ଦେଇ ଉଠିଗଲୁ ଉପରକୁ । ମୁଁ ଝରକା କଡ ସିଟ ଦେଖି ବସିପଡିଲି । ଝରକା ବାହାରେ ଥିଲା ସ୍ନିଗ୍ଧ ସକାଳ, ସଜଳ ଗଛପତ୍ର, ରାସ୍ତାରେ ଧାଉଁଥିବା ଗାଡିମଟର ଓ ସୁଉଚ୍ଚ କୋଠାବାଡି ।

ଏହି ଟ୍ରେନ ନ୍ୟୁଜର୍ଶୀରୁ ଛାଡି ପହଞ୍ଚୁଥିଲା ଯାଇ ନ୍ୟୁୟର୍କ ପେନ ଷ୍ଟେସନରେ । ଏଥିପାଇଁ ଲାଗୁଥିଲା ପ୍ରାୟ ଏକ ଘଣ୍ଟା ସମୟ । ବାଟରେ ପଡୁଥିଲା ନେୱାର୍କ ପେନ ଷ୍ଟେସନ, ନେୱାର୍କ ଲିବର୍ଟି ଇଣ୍ଟରନେସନାଲ ଏୟାରପୋର୍ଟ, ଏଲିଜାବେଥ, ନ୍ୟୁବ୍ରନ୍ସୱିକ, ରାହୱେ, ହୋବୋକେନ ଓ ଶେଷରେ ନ୍ୟୁୟର୍କ ପେନ ଷ୍ଟେସନ । ବାରମ୍ବାର ପେନ ଷ୍ଟେସନ ଶୁଣି ମୁଁ ଭାରି କନଫ୍ୟୁଜ ହେଉଥିଲି । ପଚାରି ବୁଝିବାରୁ ଜାଣିଲି ଯେ ଏହି ଅଞ୍ଚଳରେ ଷ୍ଟେସନଗୁଡିକୁ ପେନ ଷ୍ଟେସନ କୁହାଯାଏ କାରଣ ଏହି ରେଳ ଷ୍ଟେସନ ଓ ରେଳଧାରଣାର ତିଆରି, ମରାମତି ସବୁ କିଛି ପେନସିଲଭାନିଆ ରେଳରୋଡ ସେବା ବିଭାଗ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଯାହାକୁ ଏବେ ପେନସିଲଭାନିଆ ସେଣ୍ଟ୍ରାଲ ବୋଲି କୁହାଯାଉଛି ।

ଆମର ଟ୍ରେନ ଏବେ ହଡସନ ନଦୀର ଧାରେ ଧାରେ ଚାଲିଥିଲା । ନଦୀ ସେପାଖରେ ଦେଖା ଯାଉଥିଲା ମାନହାଟନ ସ୍କାଇଲାଇନର ଅପୂର୍ବ ଦୃଶ୍ୟ । ନୀଳ ଜଳରାଶିକୁ ଲାଗି ସୁଉଚ୍ଚ କୋଠାବାଡି । ଏତେ ଉଚ୍ଚ ଯେ ଲାଗୁଥିଲା ଯେମିତି ଆକାଶକୁ ଛୁଇଁ ଦେବାକୁ ବ୍ୟଗ୍ର । ହଡସନ ନଦୀକୁ ଆମେରିକା ଇତିହାସରେ ବାଣିଜ୍ୟିକ ଜଳପଥ ମଧ୍ୟ କୁହାଯାଏ । ଏହି ନଦୀ ପ୍ରଥମେ ୧୬ଶ ଓ ୧୭ଶ ଶତାବ୍ଦୀ ମଧ୍ୟରେ ବ୍ରିଟିଶ ଅନ୍ୱେଷଣକାରୀ ହେନେରୀ ହଡସନଙ୍କ ଦ୍ୱାରା ଆବିଷ୍କୃତ ହୋଇଥିଲା ଓ ତାଙ୍କରି ନାମ ଅନୁସାରେ ଏହାର ନାମକରଣ ହୋଇଥିଲା ହଡସନ ରିଭର । ନଚେତ ଆମେରିକାରେ ସେତେବେଳେ ବସବାସ କରୁଥିବା ଆଦିମ ଜନଜାତି 'ମୋହିକାନ' ମାନେ ଏହାକୁ 'ମହିକାନ୍ନିତୁକ' ବୋଲି କହୁଥିଲେ । ଏହି ନଦୀ ପୂର୍ବ ନ୍ୟୁୟର୍କରେ ଥିବା ଆଦିରୋନ୍ଦକ ପର୍ବତରାଜି ନିକଟରେ ଥିବା ହେଣ୍ଡରସନ ହ୍ରଦରୁ ବାହାରି, ପାଖାପାଖି ୫୦୭ କିଲୋମିଟର ବାଟ ଅତିକ୍ରମ କରି ନ୍ୟୁୟର୍କ ଓ ନ୍ୟୁଜର୍ଶୀ ସହର ମଧ୍ୟ ଦେଇ ପ୍ରବାହିତ ହୋଇ ନ୍ୟୁୟର୍କ ବେ ନିକଟରେ ଆଟଲାଣ୍ଟିକ ମହାସାଗରରେ ମିଶିଛି ।ସେହି ନଦୀ କୂଳରେ ଯାଉ ଯାଉ ମୁଁ ମନେ ମନେ ଭାବୁଥିଲି ଶହ ଶହ ବର୍ଷ ମଧ୍ୟରେ କେତେ କେତେ ଐତିହାସିକ, ଭୌଗଳିକ, ରାଜନୈତିକ ଗତିବିଧିକୁ ସାମ୍ନା କରିଛି ଏହି ନଦୀ । କେତେ ଯୁଦ୍ଧ, ବିଭୀଷିକା, ଉତ୍ଥାନପତନର ମୁଖ ସାକ୍ଷୀ ଏହି ନଦୀ । କେତେ କେତେ ତିକ୍ତମଧୁର ସ୍ମୃତିକୁ ଜାବୁଡି ଧରିଛି ନିଜ ଛାତିରେ । ହେଲେ ତ ପାଖରେ ପରଆପଣାର ଭେଦଭାବ ନାହିଁ । ସମସ୍ତଙ୍କୁ ସମାନ ଭାବରେ ଆଲିଙ୍ଗନ କରେ, ଆପଣାର କରେ ସିଏ । କାସ୍, ମଣିଷ ସେମିତି ହୋଇପାରନ୍ତା .....



ଟ୍ରେନ ନ୍ୟୁୟର୍କ ପେନ ଷ୍ଟେସନ ପହଂଚି ଯାଇଥିଲା । ଆମେ ଏବେ ଥିଲୁ ନ୍ୟୁୟର୍କ ସହରର ରାଜରାସ୍ତାରେ । ଯେଉଁଠାରୁ ଆମେ ସବୱେ ନେବୁ ଅନ୍ୟ ସ୍ଥାନକୁ ଯିବା ପାଇଁ । ଏଠାରେ ମୁଁ ନ୍ୟୁୟର୍କ ଅର୍ଥାତ ନ୍ୟୁୟର୍କ ସିଟି କଥା କହୁଛି । ନ୍ୟୁୟର୍କ ଆମେରିକାର ଏକ ରାଜ୍ୟ । ନ୍ୟୁୟର୍କ ରାଜ୍ୟର ଦକ୍ଷିଣାଞ୍ଚଳର ଶେଷ ଭାଗରେ ରହିଛି ଏହି ନ୍ୟୁୟର୍କ ସହର । ନ୍ୟୁୟର୍କ ସହର ପାଂଚଟି କାଉଣ୍ଟିକୁ ନେଇ ଗଠିତ ଯଥା ମାନହାଟନ, ବ୍ରୁକଲିନ, କ୍ୱିନ୍ସ, ବ୍ରୋଙ୍କ୍ସ ଓ ରିଚମଣ୍ଡ କାଉଣ୍ଟି । ଆମ ଦେଶରେ ରାଜ୍ୟର ନାମ ଅନୁସାରେ କୌଣସି ସହର ନ ଥାଏ ସେହି ରାଜ୍ୟରେ । ଯେମିତିକି ଓଡିଶାରେ ଓଡିଶା ସହର କିମ୍ବା ଆନ୍ଧ୍ର ପ୍ରଦେଶରେ ଆନ୍ଧ୍ରପ୍ରଦେଶ ସହର । କିନ୍ତୁ ଆମେରିକାର ଅନେକ ରାଜ୍ୟରେ ସେହି ରାଜ୍ୟ ନାମକ ସହର ରହିଛି । ଯେମିତି ନ୍ୟୁୟର୍କ ରାଜ୍ୟରେ ନ୍ୟୁୟର୍କ ସହର ଓ ନ୍ୟୁଜର୍ଶୀ ରାଜ୍ୟରେ ଜର୍ଶୀ ସହର ।

ସାରା ପୃଥିବୀର ପରିପେକ୍ଷୀରେ ଦେଖିବାକୁ ଗଲେ ନ୍ୟୁୟର୍କ ପୃଥିବୀର ଅର୍ଥନୀତି, ରାଜନୀତି, କୂଟନୀତି, ଫେସନ ଓ ସଂସ୍କୃତିର ପେଣ୍ଠସ୍ଥଳୀ । ଏଠାରେ ଅନେକ ଆନ୍ତର୍ଜାତୀୟ ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ ରହିଛି। ବିଶେଷ କରି ମିଳିତ ଜାତିସଂଘର ମୁଖ୍ୟ କାର୍ଯ୍ୟାଳୟ ସହିତ ୟୁନିସେଫ, ୱାର୍ଲ୍ଡ ହେଲଥ ଅର୍ଗାନାଇଜେସନ, ୟୁଏନ ମହିଳା ଇତ୍ୟାଦିର ମୁଖ୍ୟ କାର୍ଯ୍ୟାଳୟ ମଧ୍ୟ ଏଠାରେ ରହିଛି ।

ଆମେ ଛୋଟ ବେଳେ ପାଠ ପଢିଲା ବେଳେ ଯୁକ୍ତରାଷ୍ଟ୍ର ଆମେରିକା ଓ ନ୍ୟୁୟର୍କ ବିଷୟରେ ବହିରେ ପଢିଥିଲୁ । ନ୍ୟୁୟର୍କ ଆମେରିକା ପରି ଏକ ସମୃଦ୍ଧଶାଳୀ ଦେଶର ପ୍ରମୁଖ ସହର ଯାହା ପୃଥିବୀର ରାଜନୀତି ଓ ଅର୍ଥନୀତିକୁ ଅନେକାଂଶରେ ନିୟନ୍ତ୍ରନ କରିଥାଏ। ସେତେବେଳେ ନ୍ୟୁୟର୍କ ବା ଆମେରିକା ମାଟିରେ ପାଦ ଦେବା ଥିଲା ଆମର ପାଇଁ ଥିଲା ଏକ ଦୂରନ୍ତ ସ୍ୱପ୍ନ । ସେହି ସ୍ୱପ୍ନ ଯେ କେବେ ଦିନେ ଏମିତି ଭାବରେ ସତ ହୋଇଯିବ ସେକଥା ଜଣା ନ ଥିଲା ମୋତେ । ଆଜି ନ୍ୟୁୟର୍କ ମାଟିରେ ପାଦ ଦେଇ ଲାଗୁଥିଲା ସ୍ୱପ୍ନ ସତ ହୋଇଯାଇଛି । ତେବେ କଣ ସପନ ମାମୁଁଙ୍କ ଭବିଷ୍ୟବାଣୀ ..........

ମୋ ବାବାଙ୍କର ଗୋଟେ ଦୋକାନ ଥିଲା ଅଠର ନମ୍ବର ଡେଲି ମାର୍କେଟରେ । ସିଲଭର ହାଣ୍ଡିଡେକଚି, ଲୁହା ଓ କାଚ ଜିନିଷର ଦୋକାନ । ବାବା ପ୍ଲାଣ୍ଟରେ ଚାକିରି କରୁଥିଲେ ବି ସବୁ ବେଳେ କିଛି ନା କିଛି ସାଇଡ ବିଜିନେସ କରୁଥିଲେ । ବହୁତ ଅଭାବ ଅସୁବିଧା ଦେଖିଥିବା ବାବା ସବୁବେଳେ ଚାହୁଁଥିଲେ ତାଙ୍କ ପିଲାଙ୍କର ଯେମିତି କିଛି ଅସୁବିଧା ନ ହେଉ । ସିଏ ବୁଝି ସାରିଥିଲେ ଯେ ଟଙ୍କା ସବୁ ଅସୁବିଧାକୁ ଦୂରେଇ ନ ପାରିଲେ ମଧ୍ୟ ଅନେକ କିଛି ସୁଧାରି ଦେଇପାରେ । ସେଥିପାଇଁ ସିଏ ଅନେକ ପରିଶ୍ରମ କରୁଥିଲେ । ଆମର ସେଇ ଦୋକାନର ଦେଖାଶୁଣା କରିବା ପାଇଁ ଜଣେ ଦୋକାନପିଲା ଥିଲେ ଯାହାଙ୍କୁ ଆମେ ଭାଇ ବୋଲି ଡାକୁଥିଲୁ । ସିଏ ଆମ ଘରେ ରହୁଥିଲେ ଘରର ସଦସ୍ୟ ପରି ।

ଆମ ଦୋକାନର ଡାହାଣ ପଟକୁ ଥିଲା ସୋନାକାକୁଙ୍କର ଟେଲରିଙ୍ଗ ଦୋକାନ । ସୋନାକାକୁ ଥିଲେ ବଙ୍ଗାଳୀ । କଲିକତା ଠାରୁ ପାଞ୍ଚ ଶହ କିଲୋମିଟର ଦୂର କେଉଁ ଏକ ନିପଟ ମଫସଲ ଅଞ୍ଚଳରେ ଥିଲା ତାଙ୍କର ଗାଁ । ପେଟପାଟଣା ପାଇଁ ସିଏ ନିଜ ଗାଁଗଣ୍ଡା ଛାଡି ଧାଇଁ ଆସିଥିଲେ ଏତେ ବାଟ ପିଲାକବିଲାଙ୍କୁ ଧରି । ସେତେବେଳେକୁ କୁଆଡେ ପ୍ଲାଣ୍ଟରେ କାମ କରୁଥିବା ଲୋକଙ୍କ ପାଇଁ ଗଢି ଉଠିଥିବା ଏଇ ଟାଉନସିପରେ ଲୋକମାନେ ରହିବା ଆରମ୍ଭ କରିଥିଲେ । ଆଉ ସେମାନଙ୍କର ଚାହିଦାକୁ ଚାହିଁ ଗଢି ଉଠିଥିଲା ଏହି ଡେଲି ମାର୍କେଟ । ସୋନାକାକୁଙ୍କର ଗୋଟେ ହଲ ପରି ଦୋକାନରେ ପାଞ୍ଚ/ ଛଅଟି ମେସିନ ପଡିଥିଲା । କାରଖାନାରେ ମେସିନ ଚାଲିଲା ପରି ତାଙ୍କ ଦୋକାନରେ ଦିନରାତି ଖଟ ଖଟ ହେଇ ଚାଲୁଥିଲା ମେସିନସବୁ । ତାଙ୍କ ଦୋକାନରେ କେବଳ ପୁରୁଷଙ୍କ ପାଇଁ ସାର୍ଟପ୍ୟାଣ୍ଟ ତିଆରି କରା ଯାଉଥିଲା ।ସିଏ ମାପ ଅନୁସାରେ କପଡା କାଟିଦେଲା ପରେ ମିସ୍ତ୍ରୀମାନେ କାମ କରୁଥିଲେ । ସୋନାକାକୁଙ୍କର ଝିଅ ନ ଥିଲା, ଖାଲି ଦୁଇଟି ପୁଅ ଥିଲେ ତାଙ୍କର । ସେଥିପାଇଁ 'ଆମାର ମେଏଁ 'କହି ସିଏ ମୋତେ ଭାରି ସ୍ନେହ କରୁଥିଲେ । ତାଙ୍କ ଘରେ ପ୍ରତିବର୍ଷ କୁମାରପୂର୍ଣ୍ଣମୀ ଦିନ ଭାରି ଧୁମଧାମରେ ଲକ୍ଷ୍ମୀପୂଜା ପାଳନ କରା ଯାଉଥିଲା । ଅନେକ ଭୋଗରାଗ ଭିତରେ ମାଆ ଲକ୍ଷ୍ମୀଙ୍କ ପାଖରେ ଭୋଗ ଲାଗୁଥିଲା ଖେଚୁଡି ଆଉ ଡେମ୍ଫ ଲାଗିଥିବା ଗୋଟା ବେଗୁନଭାଜା, ଯାହା ମୋର ଭାରି ପ୍ରିୟ ଥିଲା । ଯଦିଓ ତାଙ୍କ ଦୋକାନରେ ଝିଅଙ୍କ ପାଇଁ କପଡା ସିଲେଇ କରା ଯାଉ ନ ଥିଲା ସିଏ କିନ୍ତୁ ଫି' ବର୍ଷ ଲକ୍ଷ୍ମୀପୂଜାରେ ମୋ ପାଇଁ ଘଟି ହାତବାଲା, କୁଞ୍ଚ ଦିଆ ଫ୍ରକ ସିଲେଇ କରୁଥିଲେ ସୋନାକାକୁ ମୁଁ ପୂଜାରେ ପିନ୍ଧିବି ବୋଲି ।

କିଛି ବର୍ଷ ପରେ ଥରେ ଗାଁରୁ ଫେରିଲା ବେଳକୁ ସୋନାକାକୁ ସାଙ୍ଗରେ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଧରିକି ଆସିଲେ । ସପନ ମାମୁଁ । ସପନ ମାମୁଁ ସୁନାରୀ । ସିଏ ଡେଲି ମାର୍କେଟରେ ଗୋଟେ ଛୋଟିଆ ସୁନା ଦୋକାନ କଲେ । ସେଠି ସୁନା କମ, ରୂପା ଜିନିଷ ବେଶୀ ମିଳୁଥିଲା । କ୍ରମେ ଆମ ଘରକୁ ଯିବାଆସିବା କଲେ ସିଏ । ମାଆଙ୍କୁ ସିଏ ଭଉଣୀ ସମ୍ବୋଧନ କରୁଥିଲେ ଆଉ ମାଆ ବି ତାଙ୍କୁ ସପନଦା' ଡାକୁଥିଲେ । ଆଉ ସେଇ କ୍ରମରେ ଆମେ ତାଙ୍କୁ ଡାକୁଥିଲୁ ମାମୁଁ । କିଛି ଦିନ ପରେ ଜଣାପଡିଲା ଯେ, ସପନ ମାମୁଁ କୁଆଡେ ହସ୍ତରେଖା ବିଷାରଦ ଅର୍ଥାତ ସିଏ ହାତ ଦେଖନ୍ତି । ଖାଲି ହାତ ଦେଖନ୍ତିନି, ଗ୍ରହ ଶାନ୍ତି ପାଇଁ ଗ୍ରହ ପଥର ମଧ୍ୟ ଦିଅନ୍ତି । ସେତେବେଳକୁ ଆମ ଅଞ୍ଚଳରେ ଏଇ ଗ୍ରହ ପଥର ମୁଦି ବିଷୟରେ କାହାକୁ ବିଶେଷ କିଛି ମାଲୁମ ନଥିଲା । ଏହା ଥିଲା ଏକ ନୂଆ ବିଦ୍ୟା । ଆଉ ସେଇ ବିଦ୍ୟାରେ ବିଶାରଦ ସପନ ମାମୁଁ ରାତାରାତି ଫେମସ ହୋଇଗଲେ ଆମର ସେଇ ଅଞ୍ଚଳରେ । ଆମ ଘରେ ବି ତାଙ୍କର ଖାତିର ବଢି ଯାଇଥିଲା । ମାଆ ତାଙ୍କୁ ଆମମାନଙ୍କର ହାତ ଦେଖାଉଥିଲେ ଆଉ ଆମର ଭବିଷ୍ୟତ ବିଷୟରେ ପଚାରୁଥିଲେ । ସପନ ମାମୁଁ ଭାରି ଗମ୍ଭୀର ହୋଇ ଦେଖୁଥିଲେ ହାତ ଆଉ ତାପରେ ମୁହଁକୁ ଟିକେ ଆମ୍ବିଳା କରି କହୁଥିଲେ, "ସବୁ ଭଲ ଯେ ହେଲେ ଏଇ ଗ୍ରହ, ସେଇ ଗ୍ରହକୁ ସିଧା ଚାହିଁଛି, ଅମୁକ ଗ୍ରହ ସମୁକ ଗ୍ରହକୁ ବକ୍ରଚାହାଣିରେ ଅନେଇଛି, ସେଥିପାଇଁ ଗ୍ରହଶାନ୍ତି ପୂଜାପାଠ କରିବାକୁ ହେବ ଆଉ ଏଇ ଗ୍ରହ ପଥରକୁ ଡାହାଣ ହାତର ମଝି ଆଙ୍ଗୁଠି କିମ୍ବା ବାମ ହାତର ବିଶି ଆଙ୍ଗୁଠିରେ ପିନ୍ଧିବାକୁ ହେବ ।

ଆଉ ତାପରେ ଦେଖ ମାଆଙ୍କୁ । ମାଆ ପୁରା ବ୍ୟତିବ୍ୟସ୍ତ ହୋଇ ପଡୁଥିଲେ । ସିଏ ଯାହା ଯାହା କହୁଥିଲେ ସବୁ କରୁଥିଲେ । ଦିନକୁ ଦିନ ଆମମାନଙ୍କ ଆଙ୍ଗୁଠିରେ ଗ୍ରହ ପଥର ସଂଖ୍ୟା ବଢୁଥିଲା । ବାବା କିନ୍ତୁ ଜମାରୁ ଏସବୁରେ ବିଶ୍ୱାସ କରୁ ନ ଥିଲେ । ତାଙ୍କର ଜ୍ୟୋତିଷଶାସ୍ତ୍ର କିମ୍ବା ହସ୍ତରେଖା ପଢିବା ବିଦ୍ୟା ପ୍ରତି ଥିଲା ଘୋର ଅବିଶ୍ୱାସ । ସିଏ କହୁଥିଲେ କର୍ମ ହିଁ ସବୁ କିଛି । କର୍ମ ନ କରି ଏସବୁ ଗ୍ରହ ପଥର ପିନ୍ଧିଲେ କଣ ବିପଦ ଟଳିଯିବ । ଆଉ ଏକଥା ସିଏ ସପନ ମାମୁଁଙ୍କର ମୁହଁରେ କହୁଥିଲେ । ଅବଶ୍ୟ ମାଆଙ୍କ ଭାଇ, ତାଙ୍କର ଶଳା .....ସେଇ ମାନ୍ୟତାରେ କହୁଥିଲେ ସିଏ । ସପନ ମାମୁଁ ବି ବାବାଙ୍କ କଥା ଧରୁ ନଥିଲେ । ମୁରୁକି ହସି କହୁଥିଲେ, "ଦାଦା, ଆପନି ନା ମାନଲେ କି ହୋଲୋ, ବିଦ୍ୟାଟା ତୋ ଆଛେ ନା ।"

ସପନ ମାମୁଁ ମୋର ହାତ ଦେଖି ଅନେକ କଥା କହୁଥିଲେ । ସେଥିରୁ କେତେ ସତ ହେଲା ଆଉ କେତେ ମିଛ ତାର ଚିଠା ମୋ ପାଖରେ ଏବେ ଆଉ ନାହିଁ । କାରଣ ଢେର ବର୍ଷ ତଳେ ମୁଁ ସେଇ ଜଞ୍ଜାଳ ଅର୍ଥାତ ଗ୍ରହପଥର ମୁଦିକୁ ହାତରୁ କାଢି ଫୋପାଡି ଦେଇଥିଲି । କିନ୍ତୁ ତାଙ୍କର ଗୋଟିଏ କଥା ମୋର ଏବେ ବି ମନେ ଅଛି । ସିଏ ମୋର ହାତ ଦେଖି ଗୋଟିଏ କଥା କହିଥିଲେ, ଯାର ବିଦେଶ ଭ୍ରମଣ ଯୋଗ ଅଛି । ସେତେବେଳେ ବିଦେଶ କହିଲେ ଲୋକମାନେ ବମ୍ବେ, ଦିଲ୍ଲୀ, କଲିକତା ବୁଝୁଥିଲେ । ତାପରେ ଯେ ଆଉ ଗୋଟେ ପୃଥିବୀ ଅଛି ସେକଥା କେବଳ ବହିରେ ପଢିଥିଲୁ ଆମେ । ହେଲେ ସପନ ମାମୁଁ ଭାରି ଜୋର ଦେଇ କହୁଥିଲେ, ସେଇ ବିଦେଶ ନୁହେଁ ସାତ ଦରିଆ ପାରି ବିଦେଶ ....ଯାହା ମୋ ମନରେ ଘର କରି ଯାଇଥିଲା ।

ପାଠ ପଢା ସାରି ମୁଁ ସରକାରୀ ଚାକିରି କଲି । ବ୍ୟାଙ୍କ ଚାକିରିଆକୁ ବାହା ହେଲି । ଯେଉଁଥିରେ ବିଦେଶ ଯିବାର କୌଣସି ଆଶା କିମ୍ବା ମଉକା ନ ଥିଲା । ଆଉ ପଇସା ଖର୍ଚ୍ଚ କରି ଭାରତର ସୀମା ଡେଇଁ ନେପାଳ ଯିବା କଥା ବି ଆମେ କେବେ ହେଲେ ଚିନ୍ତା କରି ନ ଥିଲୁ । ଜୀବନଜଞ୍ଜାଳର ଶିଳରେ ପେଷି ହେଇ ସମୟ ବିତୁଥିଲା ତା ବାଟରେ ।

ହେଲେ ଆଜି, ଜୀବନର ଅପରାହ୍ନରେ ମୋର ସ୍ୱପ୍ନ ସାକାର ହୋଇଯାଇଛି । ସତ ହୋଇଯାଇଛି ସପନ ମାମୁଁଙ୍କର ଭବିଷ୍ୟବାଣୀ ।

'ମାମା, ଶୀଘ୍ର ଆସ । ଆମକୁ ୱାନ ୱାର୍ଲ୍ଡ ଟ୍ରେଡ ସେଣ୍ଟର ଯିବାକୁ ସବୱେ ନେବାକୁ ହେବ ।"

ମୁଁ ପଛରେ ରହି ଯାଇଥିବାର ଦେଖି ଝିଅ ଡାକିଲା ।

ଆରେ ସତେତ , ସେମାନେ କେତେ ଆଗେଇ ଗଲେଣି । ମୁଁ ମୋର ଅତୀତର ପୃଷ୍ଠା ଓଲଟଉ ଓଲଟଉ ରହିଯାଇଛି ପଛରେ ।

ମୁଁ ଅତୀତର ସ୍ମୃତିକୁ ମନ ଆଲମୀରାରେ ତାଲା ପକେଇ ଓହ୍ଲେଇ ଆସିଲି ବର୍ତ୍ତମାନକୁ ।

(ଆରଥରକୁ)

♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

# ଆଧୁନିକ ସାହିତ୍ୟର ପିତାମହ ଭୀଷ୍ମ : ମନୋଜ ଦାସ



ଅକ୍ଷୟ କୁମାର ରାଉତ

**୧୯୫୩-୫୪ ମସିହାରେ ସେ ଏଫ୍.ଏମ୍.କଲେଜ ଛାତ୍ର ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ନିଖିଳ ଉତ୍କଳ ଛାତ୍ର ସଂଘର ସମ୍ପାଦକ ଭାବେ ସେ ନିର୍ବାଚିତ ହୋଇଥିଲେ। ୧୯୫୬ ମସିହାରେ ସେ ସାମନ୍ତ ଚନ୍ଦ୍ରଶେଖର କଲେଜରୁ ବି.ଏ. ପାସ୍ କରିଥିଲେ। ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ପାସ୍ କରିଥିଲେ। ସେ ମଧ ଆଇନ କଲେଜ୍ ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ।**

ସାହିତ୍ୟ ସତ୍ୟ-ଶିବ-ସୁନ୍ଦର କଥା କହେ। ସାହିତ୍ୟ ଗୋଟିଏ ଦେଶ, ଜାତି ଓ ସମାଜର କଥା କହେ। ମଣିଷଙ୍କୁ ଅସତ୍ ପଥରୁ ସତ୍‌ପଥକୁ, ଅନ୍ଧାରରୁ ଆଲୋକକୁ, ଅନୀତି କାର୍ଯ୍ୟରୁ ନୀତି ଓ ଆଦର୍ଶକୁ, ଅବାଟରୁ ବାଟକୁ, ଅବିଦ୍ୟାରୁ ବିଦ୍ୟାକୁ, ବିଶୃଙ୍ଖଳାରୁ ଶୃଙ୍ଖଳାକୁ, ଅସୁନ୍ଦରରୁ ସୁନ୍ଦର ଆଡକୁ ନେବାରେ କାଳଜୟୀ ସ୍ରଷ୍ଟା ତାର ସାହିତ୍ୟ ମାଧ୍ୟମରେ ସଫଳ ହୁଏ। ମାଟି ମା' ଓ ମାନବିକ ମୂଲ୍ୟବୋଧର ଭାବ ଭାଷା ଶବ୍ଦ ଏବଂ ଶୈଳୀକୁ କଲମ ମୁନରେ ଯିଏ ସମ୍ମାନ ଦିଏ, ସେ ହେଉଛନ୍ତି ଆନ୍ତର୍ଜାତିକ ଲେଖକ, କଥାକାର, ସାଧକ ପଦ୍ମଭୂଷଣ ମନୋଜ ଦାସ। ଭାରତୀୟ କଥା ସାହିତ୍ୟର ନାୟକ ୧୯୩୪ ମସିହା ଫେବୃଆରୀ ମାସ ୨୭ ତାରିଖରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍ ଶଙ୍ଖାରୀ ଗ୍ରାମରେ ପିତା ମଧୁସୂଦନ ଦାସ ଓ ମାତା କାଦମ୍ବିନୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। ତାଙ୍କ ଜ୍ୟେଷ୍ଠ ଭାଇଙ୍କ ନାମ ଥିଲା ଐତିହାସିକ ଡ.ଃ ମନ୍ମଥନାଥ ଦାସ। ତାଙ୍କ ତିନି ଭଉଣୀଙ୍କ ନାମ ସୁରବାଳା, ସ୍ନେହବାଳା ଓ ଶାନ୍ତିବାଳା ଥିଲା।

ନିଜ ଗାଁ ଶଙ୍ଖାରୀ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ଖଡିଛୁଆଁ ହୋଇଥିଲା। ଜମାଳପୁରସ୍ଥିତ ବିଶ୍ୱନାଥ ଏକାଡେମୀ, ଜଳେଶ୍ୱରପୁର ହାଇସ୍କୁଲ ଓ ବାଲେଶ୍ୱର ଜିଲ୍ଲା ହାଇସ୍କୁଲରୁ ପାଠପଢ଼ା ଶେଷକରି ୧୯୫୧ ମସିହାରେ ମାଟ୍ରିକ ପାସ୍ କରିଥିଲେ। ପାଠ ପଢ଼ିବା ସମୟରେ ସେ ତାଙ୍କର ବଡଭାଇ ମନ୍ମଥନାଥ ଦାସଙ୍କ ସାଙ୍ଗରେ ଯେଉଁ ଭଡାଘରେ ରହୁଥିଲେ ସେ ଘରଟି ଥିଲା କଥାସାହିତ୍ୟର ସମ୍ରାଟ ଫକୀର ମୋହନଙ୍କର। ସେ ଫକୀରମୋହନ ମହାବିଦ୍ୟାଳୟରୁ ଇଣ୍ଟର ମିଡିଏଟ୍ ପାସ୍ କରିଥିଲେ। ୧୯୫୩-୫୪ ମସିହାରେ ସେ ଏଫ୍.ଏମ୍.କଲେଜ ଛାତ୍ର ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ନିଖିଳ ଉତ୍କଳ ଛାତ୍ର ସଂଘର ସମ୍ପାଦକ ଭାବେ ସେ ନିର୍ବାଚିତ ହୋଇଥିଲେ। ୧୯୫୬ ମସିହାରେ ସେ ସାମନ୍ତ ଚନ୍ଦ୍ରଶେଖର କଲେଜରୁ ବି.ଏ. ପାସ୍ କରିଥିଲେ। ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ପାସ୍ କରିଥିଲେ। ସେ ମଧ ଆଇନ କଲେଜ୍ ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଇଣ୍ଡୋନେସିଆଠାରେ ଅନୁଷ୍ଠିତ ଏସିଆ-ଆଫ୍ରିକା ଛାତ୍ର ସମ୍ମିଳନୀରେ ସେ ଭାରତୀୟ ଛାତ୍ର ସମାଜର ପ୍ରତିନିଧି ଭାବେ ଯୋଗଦେଇଥିଲେ। ୧୯୫୯ ମସିହାରେ ରେଭେନ୍ସା କଲେଜରୁ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତର ପାସ୍ କରି କଟକର ଖ୍ରୀଷ୍ଟ କଲେଜରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ।

କୁଜଙ୍ଗ ରାଜ୍ୟର ରାଜକନ୍ୟା ରତ୍ନମାଳି ଜେମା ଓ କୁଜଙ୍ଗ ଗାନ୍ଧି, ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତଙ୍କ ଜ୍ୟେଷ୍ଠ କନ୍ୟା ପ୍ରତିଜ୍ଞା ଦେବୀଙ୍କ ସହ ମନୋଜ ଦାସଙ୍କ ୧୯୫୯ ମିସିହାରେ ବିବାହ ହୋଇଥିଲା। ୧୯୬୩ ମସିହାରେ ସେ ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କ ଦର୍ଶନ ପ୍ରତି ଆକୃଷ୍ଟ ହୋଇ ପଣ୍ଡିଚେରୀର ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ। ଶେଷ ପର୍ଯ୍ୟନ୍ତ ସେ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ରହିଥିଲେ। ପିଲାଦିନୁ ତାଙ୍କ ମା କାଦମ୍ବିନୀ ଦେବୀଙ୍କ ପ୍ରଭାବ ତାଙ୍କ ଉପରେ ପଡିଥିଲା। ସେଥିପାଇଁ ସେ ସାହିତ୍ୟ ଆଡକୁ ମନ ବଳାଇଥିଲେ। ପରେ ସେ ଫକୀର ମୋହନଙ୍କ କୋଠାରେ ରହି ପଢ଼ିବା ଯୋଗୁ ତାଙ୍କର ଲେଖନୀ ଚାଳନା ସମସ୍ତଙ୍କୁ ବିସ୍ମିତ କରିଥିଲା। ଛୋଟ ଅବସ୍ଥାରୁ ସେ ହାରମୋନିୟମ ଧରି ଗୀତ ଗାଇବା ସହିତ ବଂଶୀବାଦନ କରୁଥିଲେ। ସେ ନିଜେ ସଙ୍ଗୀତ ନିର୍ଦ୍ଦେଶନା ଦେଉଥିଲେ। ସ୍କୁଲରେ ପଢ଼ିବା ସମୟରୁ ସେ ମାର୍କସବାଦ ପ୍ରତି ଆକୃଷ୍ଟ ହୋଇଥିଲେ। ଜଣେ ବିପ୍ଲବୀ ଛାତ୍ର ନେତା ଭାବରେ ୧୯୫୫ ମସିହାରେ ସେ କାରାବରଣ କରିଥିଲେ। ମନୋଜ ଦାସ ବିଶ୍ୱ କଥା ସାହିତ୍ୟର ଜଣେ ନାୟକ। ତାଙ୍କ କବିତା ଓ ପ୍ରବନ୍ଧ ଗଭୀର ଆତ୍ମିକ ଅନ୍ୱେଷାବୋଧ ଏବଂ ଛାନ୍ଦମୟ। ଉପନ୍ୟାସରେ ସମାଜର ସବୁ ଦିଗନ୍ତ ଓ ପରିଧିର ଭାବକୁ ରୂପାୟନ କରି ସମସ୍ତ



ପାଠକ ମହଲରେ ସେ ବିଜୟ ଲାଭ କରିଛନ୍ତି ହୃଦୟର ଭଲ ପାଇବା। ଏହି ସାହିତ୍ୟ ସନ୍ନ୍ୟାସୀ ବହୁ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଭ୍ରମଣ କାହାଣୀ, କବିତା ଓ ଇତିହାସ ସଂସ୍କୃତି ରଚନା କରି ପ୍ରଜ୍ଞାପୁରୁଷ ଭାବେ ସାମଜରେ ପ୍ରଶଂସିତ ହୋଇଛନ୍ତି। ଉପନ୍ୟା ଗୁଡିକହେଲା - ଗୋଧୂଳିର ବାଘ (୧୯୯୫), ବୁଲଡୋଜର୍ସ (୧୯୮୯), ଅମୃତ ଫଳ (୧୯୯୭), ଆକାଶର ଇସାରା (୧୯୯୭), ଚନ୍ଦ୍ରାଲୋକର ପ୍ରହରୀ (୨୦୦୦), ଦ ଏସ୍କେପିଷ୍ଟ, ଏ ଟାଇଗର ଆଟ୍ ଟ୍ୱିଲାଇଟ୍, କନକ ଉପତ୍ୟକାର କାହାଣୀ, ଶେଷ ତାନ୍ତ୍ରିକର ସନ୍ଧାନରେ। ଗଳ୍ପ ସଙ୍କଳନ ସମୁଦ୍ରର କ୍ଷୁଧା (୧୯୫୨), ଜୀବନର ସ୍ୱାଦ (୧୯୫୩), ବିଷକନ୍ୟାର କାହାଣୀ (୧୯୫୪), ଆରଣ୍ୟକ (୧୯୭୦), ଶେଷ ବସନ୍ତର ଚିଠି (୧୯୬୫), ମନୋଜ ଦାସଙ୍କ କଥା ଓ କାହାଣୀ (୧୯୭୧), ଲକ୍ଷ୍ମୀର ଅଭିସାର (୧୯୭୪), ଆବୁ ପୁରୁଷଓ ଅନ୍ୟାନ୍ୟ କାହାଣୀ (୧୯୭୭), ମନୋଜ ପଂଚବିଂଶତି (୧୯୮୩), ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ (୧୯୮୭), ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ (୧୯୯୦), ଅବୋଲକରା କାହାଣୀ (୧୯୯୧), ମନୋଜ ଦାସଙ୍କ ଗଳ୍ପ (୧୯୯୨), ସମୁଦ୍ରକୂଳର ଏକ ଗ୍ରାମ। ଭ୍ରମଣ କାହାଣୀ - ଇନ୍ଦୋନେସିଆ ଅନୁଭୂତି (୧୯୫୭), ଦୂର ଦୂରାନ୍ତର (୧୯୭୩), ଅନ୍ତରଙ୍ଗ ଭାରତ; ପ୍ରଥମ ଭାଗ (୧୯୯୨), ଦ୍ୱିତୀୟ ଭାଗ (୧୯୯୬), କବିତା ସଙ୍କଳନ - ଶତାବ୍ଦୀର ଆର୍ତ୍ତନାଦ (୧୯୪୯), ବିପ୍ଳବୀ ଫକୀର ମୋହନ (୧୯୫୦) ପଦଧ୍ୱନି (୧୯୫୪), ନନ୍ଦାବତୀର ମାଝୀ (୧୯୫୭), ଉପନିବେଶ (୧୯୬୬) ତୁମ ଗାଁ ଓ ଅନ୍ୟାନ୍ୟ କବିତା (୧୯୯୨), ଏହିପରି ଅନେକ ସାହିତ୍ୟର ସ୍ରଷ୍ଟା ଭାବରେ ଶ୍ରଦ୍ଧା ଓ ସମ୍ମାନ ଅର୍ଜନ କରିଛନ୍ତି ତାହା ଆଉ କୌଣସି ଆଧୁନିକ ଓଡିଆ ଗଳ୍ପ ନାୟକଙ୍କ ପକ୍ଷରେ ସମ୍ଭବ ନୁହେଁ। ସାଧନା, ଚେଷ୍ଟା, ପରାକାଷ୍ଠା ଓ ନିପୁଣତା ଯୋଗୁ ଏହି ମହାନ୍ ସାରସ୍ୱତ ସାଧକ ଅନେକ ପୁରସ୍କାରର ଅଧିକାରୀ ହୋଇଥିଲେ। ମନୋଜ ଦାସ ଓଡିଶା ସାହିତ୍ୟ ଏକାଡେମୀ ଓ ଅତିବଡି ପୁରସ୍କାର ୧୯୭୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ୧୯୮୦ରେ ଶାରଳା ପୁରସ୍କାର, ୨୦୦୧ ମସିହାରେ ପଦ୍ମଶ୍ରୀ ଓ ୨୦୨୦ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ। ସେ ତାଙ୍କର ଉପନ୍ୟାସ ଅମୃତ ଫଳ ପାଇଁ ସରସ୍ୱତୀ ସମ୍ମାନ ଲାଭ କରିଥିଲେ।

ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଲେଖକ ବିଶିଷ୍ଟ କଥାକାର, ସାଧକ, ପଦ୍ମଭୂଷଣ ମନୋଜ ଦାସ ୮୭ ବର୍ଷ ବୟସରେ ୨୦୨୧ ମସିହା ଏପ୍ରିଲ୍ ୨୭ ତାରିଖ ମଙ୍ଗଳବାର ଦିନ ଶ୍ରୀ ଅରବିନ୍ଦ ଆଶ୍ରମ ନର୍ସିଂହୋମ୍‌ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ଆବର୍ତ୍ତମାନରେ ଭାରତୀୟ ସାହିତ୍ୟ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଏହି ବିଶିଷ୍ଟ ସାହିତ୍ୟ ସାରଥି ଆମ୍ଭମାନଙ୍କ ମଧ୍ୟରେ ସର୍ବଦା ଅମର ହୋଇ ରହିବେ।

♥ ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
(ମୋ) ୯୯୩୭୬୯୧୪୭୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୭ ଏପ୍ରିଲ ୨୦୨୫
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



ଦୃଷ୍ଟିକୋଣ-୧୧

# ନାରୀ : ସ୍ନେହ ସମ୍ମୋହନର ଚିରନ୍ତନୀ ଦୟା ଓ ଅନୁକମ୍ପାରେ ମୂର୍ତ୍ତିମନ୍ତ ଦେବୀ



♥ ଡ. କାଳୀପଦ ପଣ୍ଡା

ସ୍ରଷ୍ଟାଙ୍କ ସୃଷ୍ଟିରେ ସର୍ବଶ୍ରେଷ୍ଠ ସୃଷ୍ଟି 'ନର' ନୁହେଁ 'ନାରୀ'। ଯଦିଓ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ନର ଓ ନାରୀ ବୋଲି ବିବେଚନା କରାଯାଇଆସିଛି କିନ୍ତୁ ନାରୀ ଯେ ସୃଷ୍ଟିର ସର୍ବୋତ୍ତମ, ଏହାକୁ ସବୁକାଳେ ପ୍ରତିପାଦିତ କରାଯାଇଛି।

ପୁରୁଷ ଯେବେ ନୈତିକ ପତନ ଆଡ଼କୁ ଅଗ୍ରସର ହୁଏ, ସେତେବେଳେ ସେହି ସମୟରେ ନାରୀ ତାକୁ ସହାୟତା ପ୍ରଦାନ କରି ନୈତିକତାର ମାର୍ଗରେ ପରିଚାଳିତ କରାଏ। ଏ ନେଇ ବୌଦ୍ଧଜାତକରେ କୁହାଯାଇଛି - "ଚନ୍ଦ୍ରମା ବଳବାନ, ସୂର୍ଯ୍ୟ ବଳବାନ, ଶ୍ରମଣ ଓ ବ୍ରାହ୍ମଣ ବଳବାନ, ସମୁଦ୍ରର ଲହରୀ ମଧ୍ୟ ବଳବାନ କିନ୍ତୁ ସ୍ତ୍ରୀମାନେ ତାଠୁଁ ବେଶି ବଳବାନ। ସେ ନିଜର ସନ୍ତାନ ଭିତରେ ସଂସ୍କାର ପ୍ରତିରୋପଣ କରେ। ଯୁବସମାଜକୁ ଦିଶାବୋଧ ସହ ବରିଷ୍ଠଙ୍କୁ ଚିତ୍ତଚାଞ୍ଚଲ୍ୟକୁ ପ୍ରତିହତ କରିବାରେ ସମର୍ଥ ହୋଇଥାଏ।" କାରଣ, ନାରୀ ହେଉଛି ସକଳ ସୃଷ୍ଟି ମଧ୍ୟରେ କମନୀୟ ତଥା ମହନୀୟ ଗୁଣାବଳୀରେ ଅମୃତମୟୀ। ତା'ର ସୁଲଳିତ ମଧୁସ୍ରାବୀ ସମ୍ଭାଷଣରେ ଥାଏ ଆକର୍ଷଣ। ସେ ଆକର୍ଷଣ ସୃଷ୍ଟିକରେ ସମର୍ପଣ ଭାବ। ସେଥିପାଇଁ ବିଶ୍ୱକବି ରବିନ୍ଦ୍ର ନାଥ ଟାଗୋର ଏକଦା କହିଥିଲେ - "ସ୍ତ୍ରୀ ବିନା ବାଲ୍ୟାବସ୍ଥା ଅସହାୟ, ଯୁବାବସ୍ଥା ଆନନ୍ଦଶୂନ୍ୟ ଏବଂ ବୃଦ୍ଧାବସ୍ଥା ସାନ୍ତ୍ୱନାଶୂନ୍ୟ ହୋଇଥାଏ। ଏ ଦିଗରେ ଶାସ୍ତ୍ରରେ କୁହାଗଲା- ଶତ୍ରୁ ନାଶର ଅଫୁରନ୍ତ ଶକ୍ତିର ଉତ୍ସ ନାରୀ। ପତନରୁ ଉଦ୍ଧାର କରି ସେ ହୋଇଥାଏ ପତ୍ନୀ। ଗୃହର ସ୍ଥିତିକୁ ସ୍ଥିରକରି ରଖିପାରିଥିବାରୁ ସେ ସ୍ତ୍ରୀ ନାମ ଧାରଣ କରେ। ପ୍ରମାଦ ମୁକ୍ତ କରିପାରୁଥିବାରୁ ସେ ପ୍ରମୋଦା। ଘରର ସକଳ ଭାର ସମ୍ଭାଳି ପାରେ ବୋଲି ଭାର୍ଯ୍ୟା ଭାବେ ସମ୍ବୋଧିତା। ଗୃହର କାନ୍ତା ଯେ, ସୌନ୍ଦର୍ଯ୍ୟର ଗନ୍ତା, ଏଣୁ ନାମବହେ କାନ୍ତା।

> ସେ ଦେବୀ, ଚିର ଆରାଧ୍ୟା। ସେ ଗଛଟିଏ ପରି ବାଣ୍ଟିଚାଲେ ଚେନା ଚେନା ହସ ତାର ଉଦରେ ଚାପି ସବୁ ଦୁଃଖ ଓ କ୍ଲେଶ। ସେ ଶିଶୁର ମନଜିଣା, ଯୁବ ହୃଦୟଚୋରା ପୁଣି ବୃଦ୍ଧର ଆଶାବାଡ଼ି। ସଂସାର ସାରଭୂତା ହେତୁ ସେ ରମଣୀ। ତା'ର ଗର୍ଭଗୃହେ ବଢ଼ି ଜଗତ ଦେଖାଯାଏ। ଏଣୁ ସେ ସବୁକାଳେ ଅରାଧ୍ୟା, ପ୍ରଣମ୍ୟା, ପୂଜ୍ୟା।

ବାସ୍ତବରେ ସେ ପ୍ରେମ-ପ୍ରୀତିର ଉତ୍ସ। ଶାନ୍ତି-ଶୀଳତାର ପ୍ରଲେପ। ନାରୀ ସୃଜନଶୀଳ ଚେତନା। ତାର ନୈସର୍ଗିକ ପ୍ରକୃତି ହେଲା ସ୍ନେହ, କରୁଣା, ମମତା ଓ ସେବା। ବିଶେଷଭାବେ ଭାରତୀୟ ନାରୀର ମହାନତା କେବଳ ମୋହିନୀଶକ୍ତି ନୁହେଁ, ବରଂ ତାର ସୃଜନ ଓ ସଂହାରର ଯେଉଁ ସହସ୍ର ସହସ୍ର ବର୍ଷଧରି ପ୍ରଲମ୍ବିତ ଇତିହାସ ତାର ରହିଛି ତାହାକୁ ଅବଲୋକନ କଲେ ଭାରତୀୟନାରୀର ପରାକାଷ୍ଠା ଯେ କେତେ ବିଶ୍ୱଜନମୁଖୀ ତାହା ଜାଣିହୁଏ। ସକଳ ଶାନ୍ତି ଓ ସଂହତିର ନିର୍ମାଣଠାରୁ ସମସ୍ତ ବିଘଟନର ପରିସମାପ୍ତିରେ ସେ ମହାମାୟା ରୂପେ ଆବିର୍ଭୂତା ହୋଇଛି। ସକଳ ବନ୍ଧନର ସେ ଉତ୍ସ। ସେ ରସମୟ, ପ୍ରତିମୟ। ସେ ତା'ର ସ୍ନେହର ନିଳୟରେ ଓ ମମତାର ପଣତରେ ବାନ୍ଧିରଖେ ସାରା ସଂସାରକୁ। ଜୀବନତମାମ କେତେକେତେ ବୋଝ ମୁଣ୍ଡାଇ ଜିଇଁ ଚାଲିଥାଏ କେବେକେବେ କୃତ୍ରିମତାର ହସ ହସି। ତା' ମନତଳେ କେତେ ଅକୁହା ବେଦନାକୁ ଚାପିରଖି ସତେଅବା ସେ ଫୁଟାଇଚାଲେ ହସର ଫୁଆରା। ଯାତନାର ଜତୁଗୃହରେ ଥିଲେ ବି ସଂସାରର ମଙ୍ଗଳକାମନା ସେ କରି ଚାଲିଥାଏ। କିନ୍ତୁ ସେ ସଂସାର କଣ୍ଟକବନେ କୁସୁମିତା ଲତାସମ ଗୁଡ଼େଇ ହେଉଥାଏ ସଂସାର ଉଦ୍ୟାନରେ। ସେ ସ୍ନେହ ସମ୍ମୋହନର ଚିରନ୍ତନୀ, ଦୟା ଓ ଅନୁକମ୍ପାର ସେ ମୂର୍ତ୍ତିମନ୍ତ ଦେବୀ। କେବେ ପାପୀଷ୍ଠଙ୍କୁ ସଂହାର କରିବାକୁ ବା କାମାସକ୍ତ ମହିଷାଙ୍କୁ ଅକାଳ ନିଧନ ପାଇଁ ମୋହିନୀରୂପ ବି ଧାରଣ କରିନିଏ। ସେ ଅବଳା ବା ଦୁର୍ବଳା ନୁହେଁ। ସେ ସକଳଶକ୍ତିର ମୂଳାଧାର। ମହାମାୟା ଓ ମହାଶକ୍ତି ରୂପେ ସାରା ସଂସାର ସଂରଚନାର ଆଦ୍ୟ ସ୍ଥିତି। ସେ ସବୁରି କାର୍ଯ୍ୟ-କାରଣ। ତା' ବିନା ଜଗତ ଅପୂର୍ଣ୍ଣ। ସଂସାର ଉଦ୍ୟାନରେ ସେ ପାରିଜାତ ସମ। ତା'ର ସନ୍ଦର୍ଶନରେ ଭରିଯାଏ ତୃପ୍ତିର ଚରମ ସୁଖ। ସେ ହିଁ ପୁରୁଷର କର୍ମକ୍ଳାନ୍ତ ଜୀବନବେଦୀରେ ଭରିଥାଏ ଅନନ୍ତ ରୋମାଞ୍ଚ। ସେ ଦେବୀ, ଚିର ଆରାଧ୍ୟା। ସେ ଗଛଟିଏ ପରି ବାଣ୍ଟିଚାଲେ ଚେନା ଚେନା ହସ ତାର ଉଦରେ ଚାପି ସବୁ ଦୁଃଖ ଓ କ୍ଲେଶ। ସେ ଶିଶୁର ମନଜିଣା, ଯୁବ ହୃଦୟଚୋରା ପୁଣି ବୃଦ୍ଧର ଆଶାବାଡ଼ି। ସଂସାର ସାରଭୂତା ହେତୁ ସେ ରମଣୀ। ତା'ର ଗର୍ଭଗୃହେ ବଢ଼ି ଜଗତ ଦେଖାଯାଏ। ଏଣୁ ସେ ସବୁକାଳେ ଅରାଧ୍ୟା, ପ୍ରଣମ୍ୟା, ପୂଜ୍ୟା। ସେ ଚେତନାର ସ୍ଫୁଲିଙ୍ଗ ଭଳି ପ୍ରେରଣାର ଦୀପାଳି ଜଳାଏ। ରାଗ, ଅନୁରାଗ, ମାନ, ଅଭିମାନର ଏବଂ ପ୍ରେମ ଓ କରୁଣାର ଭରପୂର ଭଣ୍ଡାର। ଧୈର୍ଯ୍ୟର ବି ହିମାଳୟ। ସେ ସହେ କେତେ କେତେ ଅଝଟ, ଗେହ୍ଲାପଣେ ଆବୋରି ନେଇ ବୁହାଇଦିଏ ସ୍ନେହ ଆଶିଷର ନିରନ୍ତର ନିର୍ଝର।

ସେ ପୁଣି ମନେ ଭରିଦିଏ କେତେକେତେ ଉପମା। ନାହିଁ ତା' ଭଳି ଉପମା ଭଣ୍ଡାର। ଯେତେ ଲେଖୁଥିଲେ ବି ସେ ହୋଇଯାଉଥାଏ ଅଲେଖା। ଯେତେ ବର୍ଣ୍ଣନା କଲେ ବି ଅବର୍ଣ୍ଣନୀୟା। ସେ ଲୋଚନାନନ୍ଦା।

ସେ ପୁଣି ଭାବନଦୀର ଉଚ୍ଛଳ ତରଙ୍ଗର ହିଲ୍ଲୋଳ ସୃଷ୍ଟିକାରିଣୀ। ସମ୍ମୋହନର ନିରବଧି ବାରିଧାରା ସଦୃଶ। ପ୍ରଣୟନଦୀର କୁଳୁକୁଳୁ ନାଦ ସମ। ପ୍ରୀତିର କଦମ୍ବ ଏବଂ ପ୍ରତ୍ୟୟର ଅନନ୍ତ ଉତ୍ସ। ସେ ଚିରକାଳ କଥା ଓ କାହାଣୀ। କାବ୍ୟ-କବିତାର ପ୍ରାଣକେନ୍ଦ୍ର। ମନ ଓ ପ୍ରାଣରେ ଭରେ ଅପୂର୍ବ ମାଦକତା, ସ୍ୱପ୍ନ-ସ୍ୱପ୍ନଭଙ୍ଗ, ପ୍ରାପ୍ତି ଓ ଅପ୍ରାପ୍ତିର ବଳୟରେ ସେ ଚିର ବନ୍ଦନୀୟା। ସତେଅବା ଜୀବନବେଦୀର ସମ୍ପଦସାର। ସୁଖ ସନ୍ତୋଷର ଦିବ୍ୟ ଜୀବନିକା। ତାର ପବିତ୍ର ପୟୋଧର ନିରବଧି ପୂତ ମନ୍ଦାକିନୀ। ଶକ୍ତି ସର୍ଜନାର ସମ୍ଭାର। ଆବେଗର ସୂକ୍ଷ୍ମସ୍ପର୍ଶରେ ସେ ଖେଳାଏ ଆନନ୍ଦାୟିତ ତରଙ୍ଗ। ସେ ସମ୍ମୋହନର ସୌରଭରେ ଭରିଦିଏ ଉନ୍ମାଦନାର ବୈଭବ। ଯେମିତିକି ପ୍ରାଣପୁଲକର ଆଧାର। ସେ ହିଁ ଏକ ନାମେ ଅନେକ ଉପମାର ଅଧିକାରିଣୀ।

ସୂନାରୁଇ, ବି.କଟିସାହି, ସିଂଲା
ବାଲିଆପାଳ, ବାଲେଶ୍ୱର-୭୫୬୦୨୩
(ମୋ) .:୯୪୩୭୦୮୯୨୪୧

## ଚିନ୍ତନ

# କାଶ୍ମୀରୀୟତ ଓ ସୟଦ ଆଦିଲ ହୁସେନ





କାଳିକିଙ୍କର

> କାଶ୍ମୀର କଣ ଓ କାଶ୍ମୀରୀୟତ କଣ ଏହା ପହଲଗାଁଓରେ ଆତଙ୍କବାଦୀଙ୍କୁ ଆପ୍ରାଣ ପ୍ରତିରୋଧ କରିବାକୁ ଯାଇ ପ୍ରାଣ ହରେଇଥିବା ସୟଦ ଆଦିଲ ହୁସେନଙ୍କ ତ୍ୟାଗ ଓ ବଳିଦାନରୁ ବୁଝିହୁଏ । ପରିବାରର ଏକମାତ୍ର ଉପାର୍ଜନକ୍ଷମ ଅଠେଇଶ ବର୍ଷର ଅଶ୍ୱଚାଳକ ଆଦିଲ। ଆଦିଲର ଦିଲ ବା ମନ- ହୃଦୟ ହେଉଛି କାଶ୍ମୀରୀୟତ । କାଶ୍ମୀରୀୟତ ସୌନ୍ଦର୍ଯ୍ୟ ଓ ଭଲପାଇବାର ।

କାଶ୍ମୀରର ପହଲଗାଁଓରେ ଯେଉଁ ଗଣହତ୍ୟା ଆତଙ୍କବାଦୀମାନେ କଲେ ସେ ଘଟଣାରେ ସାରା ବିଶ୍ୱ ଆଜି ସ୍ତବ୍ଧ । ଏମିତି ଘଟଣା କାହିଁକି ହେଲା ଓ କିଏ କଲା ଏ ବିଷୟ ଯେତିକି ଗୁରୁତ୍ୱପୂର୍ଣ୍ଣ- ଏ ଘଟଣା କେମିତି ହେଲା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାଶ୍ମୀରର ଏହି ସୌନ୍ଦର୍ଯ୍ୟମୟ ଅଞ୍ଚଳକୁ ବୁଲିବାକୁ ଆସି ଆନନ୍ଦରେ ସମୟ ବିତାଉଥିବା ପର୍ଯ୍ୟଟକଙ୍କ ସୁରକ୍ଷାର ଚିନ୍ତା କଣ କାହାକୁ ନ ଥିଲା ? କେନ୍ଦ୍ର ସରକାର ହେଉ କି ରାଜ୍ୟ ସରକାର ହେଉ- ଏମିତି ସ୍ୱର୍ଗକାତର ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କାହିଁକି କରା ଯାଇ ନ ଥିଲା ଏ ପ୍ରଶ୍ନ ପ୍ରତ୍ୟେକ ଭାରତୀୟଙ୍କୁ ଆନ୍ଦୋଳିତ କରୁଥିବ ନିଶ୍ଚୟ । ଏଥିରେ ତ୍ରୁଟି ଓ ଚ୍ୟୁତି ନିଶ୍ଚୟ ଘଟିଛି ଯାହାର ମୂଲ୍ୟ ଏ ଦେଶକୁ ଆଜି ଦେବାକୁ ପଡିଲା । ଯିଏ ଯାହା କୁହନ୍ତୁ ନା କାହିଁକି ଏମିତି ଅବହେଳା କୌଣସି ସରକାରଙ୍କୁ କରିବାର ନ ଥିଲା । ଆଜି ଯିଏ ଆଖି ଆଗରେ ତାର ଆପଣାର ଲୋକର ହତ୍ୟା ଦେଖିଛି ସେ ଯେ କେମିତି ବଞ୍ଚୁଛି ଓ ବଞ୍ଚିବ ସେ କଥା ଅନୁଭବ କରିବା ମଧ୍ୟ ଯନ୍ତ୍ରଣାଦାୟକ ।

ସତରେ କେତେ ଅସହାୟ ଥିଲା ସେ ମୁହୂର୍ତ୍ତ । ଭୂସ୍ୱର୍ଗରେ ନର୍କ ଯନ୍ତ୍ରଣା । ଆସ୍ଥା, ବିଶ୍ୱାସ, ସାହସ ଓ ଶୌର୍ଯ୍ୟର ପ୍ରତୀକ ଭାରତୀୟ ସୈନିକ ବେଶରେ କେହି ଆସି ଯଦି ନାଁ ପଚାରେ ତେବେ କାହିଁକି କିଏ ଅବା କୁଣ୍ଠିତ ହେବ ବା ସନ୍ଦେହ କରିବ ଉତ୍ତର ଦେବାକୁ । ତାପରେ ଯେତେବେଳେ ସେହି ସୈନିକ ବେଶ ଭିତରେ ସୈତାନ ବାହାରି ନିରୀହ ମଣିଷର ମୁଣ୍ଡକୁ ଗୁଳିମାଡ କରେ ସେତେବେଳେ ସ୍ୱର୍ଗ ନିଶ୍ଚୟ ଛିଡି ପଡିଥିବ । ପରିବେଶ ଭିତରେ କେମିତି ଭୟ ଓ ଆତଙ୍କ ଖେଳି ଯାଇଥିବ ତାହା ସହଜରେ ଅନୁମାନ କରାଯାଇପାରେ । ସୈତାନମାନେ ତାପରେ ଯାହାକୁ ହିନ୍ଦୁ ଭାବିଲେ ତା' ଛାତିରେ- ମୁଣ୍ଡରେ ଗୁଳି ମାରିଲେ । କେହି ଯଦି ଭୟରେ ଜୀବନ ବଞ୍ଚେଇବାପାଇଁ ମୁସଲମାନ କହିଲା ତେବେ ତାକୁ କଲମା ପଢିବାକୁ କହିଲେ । ଏମିତିକି ଯଦି କେହି କଲମା ପଢି ମଧ୍ୟ ତାଙ୍କ ସନ୍ଦେହଭିତରକୁ ଆସିଲା ତାର ପେଣ୍ଟ ଖୋଲିବାକୁ କହିଲେ । ଏମିତି ବାଛି ବାଛି ଧର୍ମନାମରେ ହତ୍ୟା ମାନବ ଇତିହାସରେ ଏକ ଘୃଣିତ ଅପରାଧ ।

କିନ୍ତୁ ଏ ଅପରାଧ କରୁଥିବା ମାତ୍ର କେତେଜଣ କିଶୋର ବା ଯୁବକଙ୍କୁ ବିଭ୍ରାନ୍ତ କରି ନିଜର ଘୃଣିତ ଇଚ୍ଛାକୁ ଯେଉଁମାନେ ଚରିତାର୍ଥ କରୁଥିଲେ ସେମାନେ ସୁରକ୍ଷିତ ଦୂରତାରେ ରହି ଏହାକୁ ସୈତାନ ବା ଆତଙ୍କବାଦୀଙ୍କ ହେଲମେଟରେ ଲଗାଯାଇଥିବା କେମେରାରେ ଉଠୁଥିବା ଚିତ୍ର ଦେଖି ଆନନ୍ଦିତ ହେଉଥିଲେ ଓ ସେହି ହେଲମେଟର ଭିତର ଭାଗରେ ପ୍ରାୟ ଲାଗିଥିବା ଶବ୍ଦ ଯନ୍ତ୍ରରେ ନିର୍ଦ୍ଦେଶ ଦେଉଥିଲେ ।

ଏମାନେ କେବଳ ପୁରୁଷଙ୍କୁ ହତ୍ୟା କରୁଥିଲେ । ସ୍ତ୍ରୀ ଓ ପିଲାମାନଙ୍କୁ ଛାଡି ଦେଉଥିଲେ । କେହି ଆପଣାର ପ୍ରିୟତମ ମଣିଷଙ୍କୁ ହରେଇ ଯେତେବେଳେ ଏ ସୈତାନମାନଙ୍କୁ ମୃତ୍ୟୁ ମାଗୁଥିଲା ସେତେବେଳେ ସୈତାନଙ୍କର ସର୍ଦ୍ଦାର ନିର୍ଦ୍ଦେଶ ଦେଉଥିଲା ନା, ଏମାନଙ୍କୁ କହ ଯେ ସେ ଯାଇ ମୋଦିକୁ କହୁ । ଏହାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଭାରତରେ ଯେଉଁ ହିନ୍ଦୁ ମୁସଲମାନଙ୍କ ଭିତରେ ଭାତୃଭାବ ବା ପ୍ରେମଭାବ ଅଛି ତାକୁ ବିଷାକ୍ତ କରିବା । ହିନ୍ଦୁଙ୍କ ମନରେ ମୁସଲମାନମାନଙ୍କ ପ୍ରତି ଘୃଣା ସୃଷ୍ଟି କରିବା । ଭାରତରେ ହିନ୍ଦୁ ମୁସଲମାନ ଦଙ୍ଗା ସୃଷ୍ଟିକରି ଭାରତର ଏକତା ଓ ଅଖଣ୍ଡତାକୁ କ୍ଷତି ପହଞ୍ଚେଇବା । ଭାରତକୁ ଧର୍ମନାମରେ ଆଉଥରେ ବିଭାଜିତ କରିବା ।

ଯେହେତୁ ଭାରତରେ ଶାସନ କ୍ଷମତାରେ ଥିବା ବିଜେପି ସରକାର କାଶ୍ମୀରରୁ ୩୭୦ର ସ୍ୱତନ୍ତ୍ର ଧାରା ଉଚ୍ଛେଦ କରିଛନ୍ତି, ୟୁନିଫର୍ମ ସିଭିଲ କୋଡ଼ର କଥା କହୁଛନ୍ତି, ଏବେ ଏବେ ବକ୍ଫବୋର୍ଡ଼ ନେଇ ବିଲ ପାସ ହୋଇଛି ତେଣୁ ଏ ସମୟରେ ଏମିତି କିଛି କାମ କଲେ ଭାରତରେ ହିନ୍ଦୁମାନେ ମୁସଲମାନମାନଙ୍କର ଶତ୍ରୁ ହୋଇଯିବେ । ହଣାକଟା ଆରମ୍ଭ ହୋଇଯିବ ଭାରତରେ। ଆଉ ଏ ଦେଶର ଶତ୍ରୁମାନେ ତାର ପାଇଦା ନେବାରେ ଲାଗିପଡିବେ ।

ଅବଶ୍ୟ ଏହି ସୈତାନମାନଙ୍କୁ ଆମ ଦେଶର କିଛି ନେତା, ମନ୍ତ୍ରୀ ଓ କେତେକ ବ୍ୟକ୍ତି ବିଶେଷ ପ୍ରକାରାନ୍ତରେ ସାହାଯ୍ୟ କରି ଦେଉଛନ୍ତି । ପହଲଗାଁଓ ଘଟଣାର ଚବିଶ ଘଣ୍ଟା ବିତି ନ ଥିଲା ବିଜେପି ଟ୍ୟୁଟର ହେଣ୍ଡେଲରୁ ଏକ କାର୍ଟୁନ ବାହାରି ଆସିଲା ଯେଉଁଥିରେ ଲେଖାଥିଲା ସେମାନେ ଧର୍ମ ପଚାରିଲେ ଜାତି ନୁହେଁ। ସେମିତି କିଛି ନେତା ଓ ବ୍ୟକ୍ତି ବିଶେଷ ଯେମିତି ହିନ୍ଦୁ ଓ ମୁସଲମାନଙ୍କ ଭିତରେ ବିଭେଦ ସୃଷ୍ଟିକରି ନିଜର ରାଜନୈତିକ ସ୍ୱାର୍ଥ ହାସଲ କରିବାର ଘୃଣ୍ୟ ମାନସିକତା ପ୍ରଦର୍ଶନ କରିଛନ୍ତି ତାହା ଦେଶର ଶତ୍ରୁଙ୍କୁ ସାହସ ଯୋଗାଉଛି । ଭାରତ ଏକ ହିନ୍ଦୁ ବହୁଳ ଦେଶ ସତ୍ୟ କିନ୍ତୁ ଏ ଦେଶର ମହତ୍ତ୍ୱ ଓ ବିଶେଷତ୍ୱ ହେଉଛି ଏ ଦେଶରେ ସବୁ ଧର୍ମପ୍ରତି ସମାନ ସମ୍ମାନ ଓ ଆଦର । ପୃଥିବୀର ଯେ କୌଣସି ମୁସଲମାନ ବା ମୁସଲମାନ ବହୁଳ ଦେଶର ନାଗରିକଙ୍କଠୁ ଆମ ଦେଶର ମୁସଲମାନ ଅଧିକ ଦେଶଭକ୍ତ ଓ ସ୍ୱଚ୍ଛଳ । ସମସ୍ତେ ଏ ଦେଶକୁ ଆପଣାର ମଣନ୍ତି ଓ ଆନନ୍ଦରେ ମିଳିମିଶି ଚଳନ୍ତି । ଏହାହିଁ ଆମ ପଡୋଶୀଙ୍କର ଗାତ୍ରଦାହ ।

କାଶ୍ମୀରକୁ ହାତେଇବାର ବୃଥା ପ୍ରୟାସ ସେମାନଙ୍କର ସବୁ ସମୟରେ ଲାଗି ରହିଥାଏ । ଯୁଦ୍ଧକରି ସେମାନେ ଦୁଇ ଦୁଇଥର ଶୋଚନୀୟ ଭାବରେ ପରାଜୟ ଲାଭ କଲାପରେ ଆତଙ୍କବାଦକୁ ଅସ୍ତ୍ର ଓ କାଶ୍ମୀରୀୟତକୁ କ୍ଷତ ବିକ୍ଷତ କରି ଆପଣାର ସ୍ୱାର୍ଥ ହାସଲ କରିବେ ବୋଲି ଭାବିଛନ୍ତି । କାଶ୍ମୀରର ଲୋକେ ପ୍ରଥମରୁ ବୁଝି ନେଇଥିଲେ ପାକିସ୍ତାନର ଏ ଘୃଣ୍ୟ ପ୍ରୟାସ । ଏମିତିକି ଭାରତ ବିଭାଜନ ବେଳେ ଯେଉଁ ମୁସଲମାନମାନେ ଭାରତ ଭୂଇଁରୁ ପାକିସ୍ତାନ ଚାଲିଯାଇଥିଲେ ସେମାନେ ଆଜି ପର୍ଯ୍ୟନ୍ତ ଦ୍ୱିତୀୟ ଶ୍ରେଣୀର ନାଗରିକ ସେ ଦେଶରେ । ସେମାନଙ୍କର ଏକମାତ୍ର ଉଦ୍ଦେଶ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା କାଶ୍ମୀରକୁ ନିଜ କବଳକୁ ନେବା ଓ କାଶ୍ମୀରର ଲୋକଙ୍କ ଉପରେ ଅତ୍ୟାଚାର କରିବା । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ପାକିସ୍ତାନ ଅଧିକୃତ କାଶ୍ମୀର ଅଞ୍ଚଳ ଯେଉଁଠି ଲୋକମାନେ ଆଜି ପାକିସ୍ତାନର ଅତ୍ୟାଚାରରେ ତ୍ରସ୍ତ ।

କାଶ୍ମୀର କଣ ଓ କାଶ୍ମୀରୀୟତ କଣ ଏହା ପହଲଗାଁଓରେ ଆତଙ୍କବାଦୀଙ୍କୁ ଆପ୍ରାଣ ପ୍ରତିରୋଧ କରିବାକୁ ଯାଇ ପ୍ରାଣ ହରେଇଥିବା ସୟଦ ଆଦିଲ ହୁସେନଙ୍କ ତ୍ୟାଗ ଓ ବଳିଦାନରୁ ବୁଝିହୁଏ । ପରିବାରର ଏକମାତ୍ର ଉପାର୍ଜନକ୍ଷମ ଅଠେଇଶ ବର୍ଷର ଅଶ୍ୱଚାଳକ ଆଦିଲ । ଆଦିଲର ଦିଲ ବା ମନ- ହୃଦୟ ହେଉଛି କାଶ୍ମୀରୀୟତ । କାଶ୍ମୀରୀୟତ ସୌନ୍ଦର୍ଯ୍ୟ ଓ ଭଲପାଇବାର ।

♥ ବିଶ୍ୱଶ୍ରୀ ପ୍ରେସ, ଫକୀରମୋହନ କଲେଜ ରୋଡ଼, ବାଲେଶ୍ୱର-୭୫୬୦୦୧, ମୋ-୮୨୪୯୨୧୬୦୬୭ ।

## ଶ୍ରଦ୍ଧାଞ୍ଜଳି : ହେମନ୍ତ ଦାସ

ଅଭୟ କୁମାର ଦାସ



ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନିଖୁଣ ଅଭିନୟ ଓ ସାଧାରଣ ସରଳ ଜୀବନଯାପନକୁ ନେଇ ଚର୍ଚ୍ଚିତ ଚଳଚ୍ଚିତ୍ରରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ସମର୍ଥ ହୋଇଥିବା ହେମନ୍ତ ଦାସ ଜଣେ ଖ୍ୟାତନାମା ଓଡ଼ିଆ ସିନେ ଅଭିନେତା। ଓଡ଼ିଆ ଫିଲ୍ମର କଳାଧଳା ଯୁଗ ଠାରୁ ଆଜିର ଅତ୍ୟାଧୁନିକ ଚଳଚ୍ଚିତ୍ର ସମୟରେ ସବୁବେଳେ ହେମନ୍ତ ଦାସଙ୍କ ଜୀବନ୍ତ ଅଭିନୟ ଦର୍ଶକମାନଙ୍କ ହୃଦୟରେ ରହିପାରିଛି। ଚଳଚ୍ଚିତ୍ରର କାହାଣୀ ପରି ହେମନ୍ତ ବାବୁଙ୍କ ବ୍ୟକ୍ତିଗତ ଜୀବନ ବି ଅତ୍ୟନ୍ତ ଘଟଣା ବହୁଳ ଥିଲା। କଟକର ବାଙ୍ଗୀ ସନ୍ନିକଟ ଖମାରଙ୍ଗ ଗାଁରେ ୧୯୩୪ରେ ସେ ଜନ୍ମ ଗ୍ରହଣ କରିଥିଲେ। ୧୯୫୪ ମସିହାରେ ପ୍ରଥମେ ଗୌର ଘୋଷଙ୍କ 'ଭାଇ ଭାଇ' ଚଳଚ୍ଚିତ୍ରରେ ସେ ଅଭିନୟ କରିଥିଲେ। ୫୦ରୁ ଉର୍ଦ୍ଧ୍ୱ କେବଳ ଓଡ଼ିଆ ନୁହେଁ ହିନ୍ଦୀ ଓ ବଙ୍ଗଳା ସିନେମାରେ ଅଭିନୟ କରି ଅନେକ ପୁରସ୍କାର ଓ ସମ୍ମାନ ପାଇଛନ୍ତି। 'ତ୍ରିମୂର୍ତ୍ତି' ଛଦ୍ମ ନାମରେ ନିର୍ଦ୍ଦେଶନା ଦେଇଥିଲେ ସେ। ଫକୀର ମୋହନଙ୍କ ବହୁ ଚର୍ଚ୍ଚିତ 'ପେଣ୍ଟେଡ ମେଡ଼ିସିନ୍' ନେଇ ସୁଲୋଚନା ନାମରେ କରୁଥିବା ଚଳଚ୍ଚିତ୍ରକୁ ସମ୍ପୂର୍ଣ୍ଣ କରିବା ତାଙ୍କର ଶେଷ ଲକ୍ଷ୍ୟ ଥିଲା। ଏହି ଚଳଚ୍ଚିତ୍ର ପାଇଁ ସେ ଅନେକ କଷ୍ଟ ସହି ପ୍ରାରମ୍ଭିକ ଭାବରେ କିଛି ବାଟ ଆଗେଇ ଯାଇଥିଲେ। 'ଯାଯାବର' ଚଳଚ୍ଚିତ୍ର ତାଙ୍କ ନିର୍ଦ୍ଦେଶିତ ସୁପରହିଟ୍ ସିନେମା ଅଟେ। ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ଅବଦାନ ପାଇଁ ତାଙ୍କୁ ଜୟଦେବ ପୁରସ୍କାର, ସ୍ୱତନ୍ତ୍ର ଜୁରି ପୁରସ୍କାର, ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଆଦିରେ ସମ୍ମାନିତ କରାଯାଇଥିଲା। ୨୦୧୦ ମସିହା ଅପ୍ରେଲ ୨୭ ତାରିଖରେ ସେ ମୃତ୍ୟୁବରଣ କରିଥିଲେ ଓ ତାଙ୍କ ଇଚ୍ଛାନୁଯାୟୀ ଗାଁ ଜନ୍ମ ମାଟିରେ ହିଁ ସେ ଶେଷ ବିଶ୍ରାମରେ ସତେଯେପରି ଶୋଇ ଯାଇଥିଲେ ଓ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ହେମନ୍ତ ବାବୁଙ୍କ ନିଖୁଣ ଅଭିନୟ ଅଗଣିତ ଚଳଚ୍ଚିତ୍ରପ୍ରେମୀଙ୍କୁ ଚିରକାଳ ପାଇଁ ସ୍ମରଣୀୟ କରି ନିଶ୍ଚୟ ରଖିବ।

♥ ଗୋତରା, ମାହାଙ୍ଗା, କଟକ,
(ମୋ) : ୯୪୩୭୧୪୨୭୧୭

## ପଢିବା ପରେ...

# ମୋ ଗାଁ ନଈଧାରେ ତୋ ଗାଁ ବାଟ




ନଈ ହିଁ ସଭ୍ୟତାର ଜନ୍ମଦାତ୍ରୀ। ନଈକୁ ନେଇ ଅନେକ କଥା ଅନେକ କାହାଣୀ, ଅନେକ ଗଳ୍ପ, ଅନେକ କବିତା। ତ୍ରେତୟାର ସରଜୁ ନଈଠୁଁ ଦ୍ୱାପରର ଯମୁନା ନଈ ଯାଏଁ, ସିନ୍ଧୁ ନଦୀର ସଭ୍ୟତାଠୁଁ ଦୟାନଦୀ କୂଳର କଳିଙ୍ଗ ଯୁଦ୍ଧ ଯାଏଁ ଅନେକ ଘଟଣା ଦୁର୍ଘଟଣାର ମୂକ ସାକ୍ଷୀ ଏଇ ନଈ। ନଈ କଥା କହିଲା ବେଳେ ଯିଏ ଆଖିରେ ନାଚେ ସେ ହେଉଛି ଗାଁ, ଆମ ସଭ୍ୟତାର ଅନ୍ତୁଡ଼ିଶାଳ। ନଈଟିଏ ଥିଲେ ଗାଁଟିଏ ଥାଏ। ଗାଁ କଥା କହିଲା ବେଳେ ବେଶି ମନେପଡ଼ନ୍ତି ସଚ୍ଚି ରାଉତରା ଆଉ ତାଙ୍କର କାଳଜୟୀ 'ଛୋଟ ମୋର ଗାଁଟି' ଆଉ ବାଙ୍କୀର ସତ୍ୟବାଦୀ ରାଉତ ଆଉ ତାଙ୍କ ଚର୍ଚ୍ଚିତ କବିତା ସଂକଳନ 'ନଈରେ ନଈଏ ପାଣି ମାଛ ପରି ପହଁରୁଛି ଜହ୍ନ', ଆଉ ଏବର ଯୁବପିଢ଼ିର ରଜୀତ ଦାସ। ଏବେ ଏବେ ପ୍ରକାଶିତ ହୋଇଛି ସତ୍ୟବାଦୀଙ୍କ ମୁଖବନ୍ଧ ଆଉ ରଜୀତ ଦାସଙ୍କ କବିତାର ଏକ ସୁନ୍ଦର ଯୁଗଳବନ୍ଦୀ 'ମୋ ଗାଁ ନଈ ଧାରେ ତୋ ଗାଁ ବାଟ' ଆଉ ଏହାର ପ୍ରକାଶକ ହେଲେ ସୁନାମଧନ୍ୟ ପ୍ରକାଶକ ପଶ୍ଚିମା ପବ୍ଲିକେଶନ୍ସ।

କବି ଶୈଶବରେ ହରେଇଥିଲେ ମା' କୁ, କୈଶୋରରେ ଅଲଗା ହୋଇଥିଲେ ଗାଁଠୁଁ। ତେଣୁ ତାଙ୍କର ଅଧିକାଂଶ କବିତା ମାଟି ମନସ୍କ, ଗାଁ ମନସ୍କ ଯେଉଁଥିରେ ଥାଏ ଭଳିକି ଭଳି ଭାବର ଭଗ୍ନାଂଶ, ବଉଳବେଣୀର ବାସ୍ନା, ମୌସୁମୀ ଆଉ ମଧୁମାସ ଇତ୍ୟାଦିର ଚୁମ୍ବନର ଚୁକ୍ତିନାମା।



. ଭିଟାମାଟି ହରେଇ ଲୁହ ଲହୁକୁ ବୁଜୁଳି କରି ଜୀବନର ବାଟ ଚାଲୁଥିବା ସାଉଁରି ବୁଢ଼ୀର ଜୀବନ ଯନ୍ତ୍ରଣାର ଜଳଛବି ପ୍ରଥମ କବିତା ଫଗୁଣର କାନଭାସ ପାଠକଙ୍କୁ ଭିଜେଇବ ଲୁହର ଶ୍ରାବଣରେ।

ପୁଣି ଫେରିଲା ସାଉଁରି / ତାକୁ ବିସ୍ଥାପିତ କରି ତା ଜମିରେ ତା ଜମିରେ ଗଢ଼ି ଉଠିଥିବା / ବାଲିମେଳା ପ୍ରୋଜେକ୍ଟ ର / ସରକାରୀ ବାବୁଙ୍କ ଘରୁ /ପାଇଟି କରି..

( ଫଗୁଣର କାନଭାସ, ପୃ : ୧୪)

ଗାଁରୁ ଗାଁ ଆଜି ବିସ୍ଥାପିତ। ପାହାନ୍ତାରୁ ଶୁଭୁନି ହ ଟେଇ ଟେଇ ଶବ୍ଦ, ବାସୁନି ପୋଡ଼ା ବାଇଗଣର ମିଠା ବାସ୍ନା, କଞ୍ଚା ଲଙ୍କା, ଆମ୍ବୁଲ ଆଉ ରସୁଣ ଦଳାର ପାଗ । ହିଡ଼ ଦାଢ଼ରେ ଆଉ ହସୁନି ଭୂଆସୁଣୀ ଘାସ ଫୁଲ। ଗଉଣି କି ନଉତି ଧରି ମାପୁନାଇଁ ମକରା ଧାନ ମୂଲ। ଥୁଣ୍ଟା ମୂଳ ସବୁ ଗାଁରେ, ଡାଳ, ଫୁଲ ସବୁ ସହରରେ। କେମିତି ଝଲସିବ ଗାଁ ?

ହଜିଗଲା ସେ କଅଁଳ ଖରାରେ / ଶୁଖୁଥିବା ଅଧାସିଆଁ କନ୍ଥା / ସମୟ ସ୍ରୋତରେ ଭାସିଗଲା / ଠିଆପୁଚି ନାରଙ୍ଗ ଗୋଡ଼ ଦୁଇଟା ସାରଙ୍ଗର ଗୀତ..

( ରଜ, ପୃ : ୭୮)

ନାହିଁ ନାହିଁ ଭିତରେ ବି ମତୁଆଲା କରେ ଗାଁ। ଯଦି ସେ ଗାଁ ହୋଇଥାଏ ପ୍ରେମିକାର ଆଉ ଋତୁ ହୋଇଥାଏ ଶ୍ରାବଣ।

ତମ ଗାଁ ମେଘ,/ ଆକାଶର ନଈକୁ ପାରି ହେଉ ହେଉ / ଢାଳି ଦିଏ ଅସରାଏ ଲୁହ ଆମ ଗାଁ ନଈପଠା ସାରା / ଓ ଅଲକ୍ଷ୍ୟରେ କହିଦେଇ ଯାଏଁ / ସେ ବିତେଇଥିବା ବେଦନାର କିଛି ସିକ୍ତ ଅନୁଭୂତି।

( ତନୁ ଗାଁରେ ବର୍ଷା : ପୃ ୩୬)

ବର୍ଷାରେ କଦମ୍ବ ଫୁଲର ବାସ୍ନା, ଜହ୍ନରାତିରେ ରୂପା ଜ୍ୟୋସ୍ନାର ବର୍ଷା ଓ ଶୀତରାତିରେ କମ୍ବଳ ଭିତରର ଚେନାଏ ଉଷୁମ ପ୍ରେମ ଗ୍ରାମ୍ୟ ଜୀବନକୁ କରେ ଆହୁରି ଉପଭୋଗ୍ୟ।

ମାଟିକାନ୍ଥ ଦେହେ ଝୋଟି ଝଟକୁଛି ଆସି ମଗୁଶିର ଶୀତ/ ଦି'ଅଣ୍ଡା ଧାନରେ ବେଣୀ ତିଆରୁଛି ମାଣ ବସେଇବ ନେତ../ଶୀତ ପଖଳା ମୋ ପଉଷ ସଞ୍ଜରେ ଉହ୍ନେଇ ଜାଳୁଛି ଜେଜ / ମାଘ ଜାଡ଼ ପାଇଁ ପେଟେରାରେ ଥିବା କମ୍ବଳ ହେଉଛି ସଜ

( ଶୀତର ସନେଟ, ପୃ : ୧୭)

ଗାଁରେ ନଥାଏ ଗୁପଚୁପ୍, ଚାଟ ଖିଆ ପରି ଫାଷ୍ଟ ଫୁଡ୍ ପ୍ରେମ। ପ୍ରେମିକଟିଏ ଅହରହ ଝୁରୁଥାଏ ତା ପ୍ରେୟସୀକୁ। ରାତି ସରିଯାଏ, ଜହ୍ନ ବୁଡିଯାଏ, ପ୍ରତୀକ୍ଷା ସରେନି, ପ୍ରେମ ମରେନି

ତମେ ଥରେ ଆସନ୍ତ କି ଫେରି / ଚୁପଚାପ ଅମଡ଼ା ବାଟରେ / ଚାଲିଯାନ୍ତେ ଏପ୍ରିଲର ହାଲକା ଖରାରେ / ରଙ୍ଗମଖା ଆକାଶକୁ ଚିରି / ହଜିଯାନ୍ତେ କେଉଁ ଏକ ଦୂର ଦିଗନ୍ତରେ..

( ମୋ ଗାଁ ନଈଧାରେ ତୋ ଗାଁ ବାଟ, ପୃ : ୪୫)

ରଜୀତ ଦାସଙ୍କ କବିତା ସବୁ ପହିଲି ବର୍ଷାରେ ଭିଜାମାଟିର ବାସ୍ନା ପରି ଅନ୍ୟମନସ୍କ କରିବ ପାଠକଙ୍କୁ। ସହରୀ ମଣିଷକୁ ଗାଁକୁ ଫେରେଇ ଆଣିବ। ଯେଉଁଠି ଅହରହ ଶୁଭୁଥିବ ଭଜୁ ବୋଉର ଢ଼ିଙ୍କିକୁଟା ଶବ୍ଦ, ନେତ ବୁଢ଼ୀର ପୋଡ଼ା ବାଇଗଣର ବାସ୍ନା, ମକରାର ଧାନକଟା ବେଳର ଗୀତ ଆଉ ମକରା ମାଇପ ନଖିର କୁଂଚାଏ ଚାଉଳ ପାଇଁ ଲହୁ ଲୁହାଣ ହେବାର କାହାଣୀ। କବିତା ସବୁପାଠକଙ୍କୁ ମାଟିମନସ୍କ, ନଈମନସ୍କ ଆଉ ଗାଁମନସ୍କ ନିଶ୍ଚୟ କରିବ।♥



ସମୀକ୍ଷା : ବିପ୍ଳବ
ମକୁନ୍ଦପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

# ଖୋର୍ଦ୍ଧାଠାରେ ଜିଲ୍ଲାସ୍ତରୀୟ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ



ଖୋର୍ଦ୍ଧା, ୨୬/୪ (ନି.ପ୍ର): ପିଲା ଦିନରୁ ମହାରାଜା ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେବ ସୁଖ, ପ୍ରାଚୁର୍ଯ୍ୟ , ରାଜକୀୟ ଐଶ୍ୱର୍ଯ୍ୟ ଛାଡ଼ି ସାଧାରଣ ଲୋକଙ୍କ ସହ ମିଶନ୍ତି । ଲୋକଙ୍କ ସମସ୍ୟା କଣ ଅଛି ସେ ସମ୍ବନ୍ଧରେ ଅବଗତ ହୁଅନ୍ତି । ଓଡ଼ିଶାକୁ ସମୃଦ୍ଧ ରାଜ୍ୟ ଗଢିବାରେ ଉତ୍କଳ ମଣି ଗୋପବନ୍ଧୁ, ମଧୁସୂଦନ ଦାସ ଏବଂ ଫକୀରମୋହନ ସେନାପତିଙ୍କ ସହ ଉତ୍କଳ ସମ୍ମିଳନୀରେ ସେ ପ୍ରମୁଖ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ୧ଏପ୍ରିଲ ୧୯୩୬ ମସିହାରେ ଓଡ଼ିଶାକୁ ସ୍ୱତନ୍ତ୍ର ଭାଷା ଭିତ୍ତିକ ରାଜ୍ୟର ମାନ୍ୟତା ଦେବାରେ ଗଜପତିଙ୍କ ଅତୁଳନୀୟ ଅବଦାନ ପାଇଁ ଚିର ସ୍ମରଣୀୟ ହୋଇ ରହିବେ ବୋଲି ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମହାରାଜା ଶ୍ରୀ କୃଷ ଚନ୍ଦ୍ର ଗଜପତି ନାରାୟଣ ଦେବ ଙ୍କ ୧୩୪ ତମ ଜନ୍ମ ଜୟନ୍ତୀ ରେ ମୁଖ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାଫାଲ୍ୟ ମଣ୍ଡିତ ପ୍ରଧାନ ପ୍ରକାଶ କରିଛନ୍ତି । ଓଡ଼ିଶାର ଜନସାଧାରଣଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ଏମ କେ ସି ଜି ଭେଷଜ ମହାବିଦ୍ୟାଳୟ ,ଏସ ସି ବି ମେଡିକାଲ କଲେଜ ଓ ହସପିଟାଲ,ସି ଆର ଆର ଆଇ, ଉତ୍କଳ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା,ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ସହ ଜଳସେଚନ, କ୍ରୀଡା ଆଦି କାର୍ଯ୍ୟକ୍ରମ ବିକଶିତ ଓଡ଼ିଶା ଗଠନରେ ଗଜପତିଙ୍କ ଅନବଦ୍ୟ ପ୍ରଚେଷ୍ଟା ଚିର ସ୍ମରଣୀୟ ହୋଇ ରହିବ ବୋଲି କହିବା ସହ ତାଙ୍କର ତ୍ୟାଗ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କଲେ ଓଡ଼ିଶା ସମଗ୍ର ଭାରତ ବର୍ଷରେ ସୁଖ୍ୟାତି ଅର୍ଜନ କରିବ ବୋଲି ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗବେଷକ, ସାହିତ୍ୟିକ, ଲେଖକ ତଥା ଅବସର ପ୍ରାପ୍ତ , ପ୍ରାଣ ନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ଶ୍ରୀଯୁକ୍ତ ଗୋପାଳ କୃଷ୍ଣ ଦାସ ଯୋଗଦେଇ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ଇତିହାସରେ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଙ୍କ ତ୍ୟାଗ, କର୍ତ୍ତବ୍ୟ ସର୍ବାଗ୍ରେ ରହିବବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ମହାରାଜାଙ୍କର ଖୋର୍ଦ୍ଧା ମାଟି ସହ ନିବିଡ଼ ସମ୍ପର୍କ ଥିଲା । ଓଡ଼ିଶାର ଅସ୍ମିତା, ଭାଷା , ସାହିତ୍ୟକୁ ମଜବୁତ୍ କରିବା ପାଇଁ ମୟୂରଭଞ୍ଜ ରାଜା ଙ୍କ ସହ ସେ ନିବିଡ଼ ସମ୍ପର୍କ ରଖି ଥିଲେ। ଓଡ଼ିଆ ଏକ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଁ ସେ ଖୁବ୍ ପ୍ରଚେଷ୍ଟା ଓ ଲଢେଇ କରିଥିଲେ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ର ଗଜପତି ମହାରାଜା ପୁରୋଧା ଥିଲେ । ଓଡ଼ିଶାରେ ଶିକ୍ଷା, ଶିଳ୍ପ, ଅର୍ଥ ନୈତିକ ମେରୁଦଣ୍ଡକୁ ସୁଦୃଢ କରିବା, ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସୁଧାର ଆଣିବା ପାରଳା ମହାରାଜାଙ୍କ ଅବଦାନ । ସେ ମଧ ବିହାର ଓ ଓଡ଼ିଶା ପକ୍ଷରୁ ଲଣ୍ଡନରେ ରାଉଣ୍ଡଟେବୁଲ ବୈଠକରେ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ପାଇଥିଲେ । ତାଙ୍କର ବ୍ୟକ୍ତିତ୍ୱ ଅନନ୍ୟ ଓ ଅସାଧାରଣ ବୋଲି ବକ୍ତବ୍ୟରେ ଉପସ୍ଥାପନ କରି ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେବ ଙ୍କ ଉତ୍କଳୀୟ ଭଲପାଇବା ଓ ନିଜ ମାଟିକୁ ଭଲପାଇବା ଦିବସରେ ସମସ୍ତ ଙ୍କ ପାଇଁ ଧେୟ ହେଉବୋଲି ବକ୍ତବ୍ୟ ରଖିଥିଲେ । ଦିବସରେ ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ, ଖୋର୍ଦ୍ଧା,ଶ୍ରୀ କିଶୋର କୁମାର ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହରାଜ ଯୋଗଦେଇ ଗଜପତି ମହାରାଜା ଶ୍ରୀ କୃଷ୍ଣ ଚନ୍ଦ୍ର ଦେବଙ୍କ ତ୍ୟାଗ ଆଦର୍ଶରେ ବ୍ରତିହେଲେ ଆମ ରାଜ୍ୟ ଏକ ସୁନ୍ଦର ଓଡ଼ିଶା ଭାବେ ଗଢ଼ି ଉଠିବ ବୋଲି କହିଥିଲେ । ପ୍ରାରମ୍ଭରେ ମୁଖ୍ୟ ଅତିଥି ସମ୍ମାନସ୍ପଦ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ସମ୍ମାନିତ ଅତିଥି ଉପଜିଲ୍ଲାପାଳ ଶ୍ର କିଶୋର କୁମାର ପଣ୍ଡା,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହରାଜ ଗଜପତିଙ୍କ ଫଟ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଜିଲାସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସଭା ସଞ୍ଚାଳନ କରିବା ସହ ସ୍ୱାଗତ ଭାଷଣ ଓ ଧନ୍ୟବାଦ ପ୍ରଦାନ କରିଥିଲେ । ଦିବସରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଧାନ ଶିକ୍ଷୟତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, କ୍ରୀଡାବିତ୍,ଯୁବକ ସମାଜ, ବୁଦ୍ଧିଜୀବୀ, ଗଣମାଧମ ପ୍ରତିନିଧି ବୃନ୍ଦ ଯୋଗ ଦେଇଥିଲେ ।

# ଜିଲ୍ଲାପରିଷଦଙ୍କ ବସିବା ସ୍ଥାନକୁ ନେଇ ବାଲିଆପାଳ ପଞ୍ଚାୟତ ସମିତି ସ୍ୱତନ୍ତ୍ର ବୈଠକରେ କଥା କଟାକଟି

## ଦ୍ୱିତୀୟଥର ପାଇଁ ବନ୍ଦ ହେଲା ବିକଶିତ ଗାଁ ଓ ବିକଶିତ ଓଡିଶା କାର୍ଯ୍ୟକ୍ରମର ପ୍ରକଳ୍ପ ଚୟନ ପ୍ରକ୍ରୀୟା
## ପଞ୍ଚାୟତ ସମିତି ବୈଠକ ସ୍ଥଗିତ ଯୋଗୁଁ ଜନ ପ୍ରତିନିଧିଙ୍କ ଅସନ୍ତୋଷ



ବାଲିଆପାଳ, ୨୬/୪ (ନି.ପ୍ର): ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ କାର୍ଯ୍ୟକ୍ରମ ମାଧ୍ୟମରେ ଚୂଡାନ୍ତ ପ୍ରକଳ୍ପ ଚୟନକୁ ନେଇ ବାଲିଆପାଳ ପଞ୍ଚାୟତ ସମିତି ବୈଠକ ରେ ଆଜି ଅନୁଷ୍ଠିତ ହେଉଥିବା ସ୍ୱତନ୍ତ୍ର ବୈଠକ ଆରମ୍ଭରୁ ବନ୍ଦ ହୋଇଛି । ପ୍ରକଳ୍ପ ଚୟନକୁ ନେଇ ବୈଠକରେ ଜନପ୍ରତିନିଧିଙ୍କ ବସିବା ଏବଂ ସ୍ଥାନ ପରିବର୍ତ୍ତନ କୁ ନେଇ ଦୁଇ ଦୁଇଥର ବୈଠକ ବନ୍ଦ ହେବା ଘଟଣା କୁ ବୁଦ୍ଧିଜୀବି ମହଲରେ ତୀବ୍ର ନିନ୍ଦା କରାଯାଇଛି । ଗତ ଫେବୃୟାରୀ ମାସରେ ଏହି ପ୍ରକଳ୍ପ ଚୟନ ପାଇଁ ଆହୁତ ବୈଠକରେ ସାଂସଦ ପ୍ରତିନିଧି କୁ ନେଇ ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରେ କଥାକଟାକଟି ଓ ହାତାହାତି ହୋଇଥିଲେ । ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି ଙ୍କ ମୁଣ୍ଡ ଫାଟି ରକ୍ତ ବୋହିଥିଲା ଏହାକୁ ନେଇ ବୈଠକ ବନ୍ଦ ହୋଇଥିଲ । ଆଜି ଦ୍ୱିତୀୟ ଥର ପାଇଁ ସକାଳ ଆଠଟାରେ ବୈଠକ ଆହୁତ ହୋଇଥିଲା ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକ ଆରମ୍ଭରୁ ମଞ୍ଚ ଉପରେ ଚେୟାର ପକାଇବାକୁ ନେଇ ଅସନ୍ତୋଷ ଆରମ୍ଭ ହୋଇଥିଲା। ମଞ୍ଚ ଉପରେ କେବଳ ବିଧାୟିକା,ବ୍ଲକ ଅଧକ୍ଷା, ସାଂସଦ ଏବଂ ବ୍ଲକ ଉପାଧକ୍ଷଙ୍କ ପାଇଁ ଚେୟାର ପଡ଼ିଥିଲା। କିନ୍ତୁ ବହୁ ଦିନରୁ ଚାଲିଆସିଥିବା ପ୍ରଥା ଓ ପରମ୍ପରା ଅନୁଯାୟୀ ପ୍ରଥମ ଥର ପାଇଁ ଜିଲ୍ଲା ପରିଷଦ ମାନଙ୍କୁ ଉପେକ୍ଷା କରାଯାଇ ମଞ୍ଚ ଉପରେ ତାଙ୍କ ପାଇଁ ଚେୟାର ପଡ଼ି ନଥିଲା ଓ ଚିଠି ମାଧ୍ୟମରେ ମିଟିଂ ଡ଼ାକିଥିବା ବିଡ଼ିଓ ମଧ ମଞ୍ଚ ତଳେ ବସିଥିଲେ। ଏହାକୁ ନେଇ ବିଜୁ ଜନତା ଦଳ ପକ୍ଷରୁ ପ୍ରତିବାଦ କରାଯାଇଥିଲା। ଏହି ସମୟରେ ସମ୍ମିଳନୀ କକ୍ଷରେ ଭୀଷଣ ପାଟିତୁଣ୍ଡ ହୋଇଥିଲା। ବିଜେଡ଼ି ଜିଲ୍ଲା ପରିଷଦ ମାନେ ଏହାର ପ୍ରତିବାଦ କରି କକ୍ଷ ତ୍ୟାଗ କରି ବାହାରକୁ ଚାଲିଯାଇଥିଲେ। ଏହାର କିଛି ସମୟ ପରେ ବିଡ଼ିଓ ଏବଂ ବ୍ଲକର ଅନ୍ୟ ପଦାଧିକାରୀ ମାନେ ଯାଇ ସେମାନଙ୍କୁ ବୁଝାସୁଝା କରି ମଞ୍ଚ ଉପରେ ସେମାନଙ୍କ ପାଇଁ ଚେୟାର ବ୍ୟବସ୍ଥା କରି ବସାଇଥିଲେ। କିନ୍ତୁ ବିଡ଼ିଓଙ୍କ ଏହି କାର୍ଯ୍ୟ ପାଇଁ ବ୍ଲକ ଅଧକ୍ଷା ପ୍ରତିବାଦ କରି ସମ୍ମିଳନୀ କକ୍ଷ ଛାଡିଥିଲେ ଏବଂ ତାଙ୍କ ସହିତ କଂଗେସ ଓ ବିଜେପି ଦଳର ସରପଞ୍ଚ ଏବଂ ସଦସ୍ୟ ସଦସ୍ୟାମାନେ ମଧ ସମ୍ମିଳନୀ କକ୍ଷ ଛାଡ଼ି ଉଠି ଆସିଥିଲେ।ଫଳରେ କକ୍ଷ ମଧ୍ୟରେ କେବଳ ବିଜେଡ଼ି ଦଳର ସରପଞ୍ଚ, ସଦସ୍ୟ ସଦସ୍ୟା ଓ ଜିଲ୍ଲାପରିଷଦ ସଦସ୍ୟ ସଦସ୍ୟା ବସିରହିଥିଲେ। ଫଳରେ ବାଲିଆପାଳ ବିଡ଼ିଓ ଆଜିର ବୈଠକକୁ ସ୍ଥଗିତ ରଖିଥିଲେ। ତେବେ ଏସମ୍ପର୍କରେ ଭାରପ୍ରାପ୍ତ ବିଡିଓ ଶ୍ରି ସେଠୀ ଙ୍କୁ ପଚାରିବାରୁ ଜିଲ୍ଲାପରିଷଦ ଆସନ କେଉଁଠି ପଡିବ ସେ ନେଇ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ ପରେ ପୁନଃର୍ବାର ବୈଠକ ସ୍ଥିର କରାଯିବ ବୋଲି କହିଛନ୍ତି । ତେବେ ଆଜିର ଏହି ଘଟଣାକୁ ବିଜେଡି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଥିବା ବେଳେ ପଞ୍ଚାୟତ ସମିତି ବୈଠକରେ ନିଷ୍ପତ୍ତି ନେବା ବ୍ଲକ ଅଧକ୍ଷା ଙ୍କ ଦାୟିତ୍ୱ ବୋଲି ବ୍ଲକ ଅଧକ୍ଷା ରଞ୍ଜିତା ନାୟକ କହିଛନ୍ତି ।

## ତିହିଡି ନାଇସ ହାଇଟେକ ସ୍କୁଲର ୧୫ ତମ ବାର୍ଷିକ ଉତ୍ସବ

ଭଦ୍ରକ, ୨୬/୪ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡି ବଜାର ସ୍ଥିତ ନାଇସ ହାଇଟେକ ସ୍କୁଲର ୧୫ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇ ଯାଇଛି । ଏହି ଅବସରରେ ସ୍କୁଲର ଅଧକ୍ଷ ଦୁର୍ଗା ପ୍ରସନ୍ନ ନାୟକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ ସୋମନାଥ ପାଢ଼ୀ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ କୃପାସିନ୍ଧୁ ଖୁଂଟିଆ, ସମ୍ମାନିତ ଅତିଥି ଭାବେ ତକ୍ଷଳପଦା ମହିଳା ମହାବିଦ୍ୟାଳୟର ଅଧାପକ ଗିରିଶ ଚନ୍ଦ୍ର ସାହୁ ଓ ବରାଙ୍ଗ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରଶାନ୍ତ ମହଲା ଯୋଗଦେଇ ପିଲାମାନଙ୍କୁ ଭଲ ମଣିଷ କରିବାକୁ ଶିକ୍ଷକ, ଶିକ୍ଷୟତ୍ରୀଙ୍କ ସମେତ ଅଭିଭାବକଙ୍କର ମଧ ଗୁରୁ ଦାୟିତ୍ୱ ରହିଛି ବୋଲି କହିଥିଲେ । ଏହି ଅବସରରେ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଓ ଅଭିଭାବକ ଅଭିଭାବିକା ମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିଥିଲେ । ଏହି ଅବସରରେ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ସ୍କୁଲ ପିଲାମାନେ ନୃତ୍ୟ, ସଂଗୀତ, କମେଡି ପରିବେଷଣ କରି ନିଜ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ପିଲା ମାନଙ୍କ ସଂଗୀତ,ନୃତ୍ୟ, ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ବିମୋହିତ କରିଥିଲା ।ଏଥିସହ ପିଲାମାନଙ୍କୁ ମୋବାଇଲ ଠାରୁ ଦୂରେଇ ରଖିବା ପାଇଁ 'ଏକ ଶିକ୍ଷଣୀୟ ନାଟକ ''ରୁବିର ମୋବାଇଲ ନିଶା' ମଂଚସ୍ଥ ହୋଇଥିଲା । ଏହି ଅବସରରେ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଓ ଅଭିଭାବକ ଅଭିଭାବିକା ମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିଥିଲେ । ସ୍କୁଲ ପକ୍ଷରୁ ନିବେଦିତା ଲେଙ୍କା,ସୁକାନ୍ତି ଦାସ, ଧୀରେନ୍ଦ୍ର ମହାନ୍ତି, ନନ୍ଦନ ଦାସ, ଦେବସ୍ମିତା ତ୍ରିପାଠୀ, ଇତିଶ୍ରୀ ସାମଲ, ସବିତା ପ୍ରଧାନ, ସୂର୍ଯ୍ୟକାନ୍ତ ମଲିକ, ଲିଜାରାଣୀ ବଳ, ପ୍ରମୁଖ ପରିଚାଳନକ୍ଷରେ ସହଯୋଗ କରିଥିଲେ । ଏହି ବାର୍ଷିକ ଉତ୍ସବରେ ସ୍କୁଲର ସମସ୍ତ ଛାତ୍ର ଛାତ୍ରୀ ,ଅଭିଭାବକ ଓ ଅଭିଭାବିକା ମାନେ ଯୋଗଦେଇଥିଲେ ।

**AFFIDAVIT**

An affidavit before Notary Public Baliapal, Balasore, I, Gitanjali Rout, D/o- Ananta Jena of Vill- Ratai, Po. - Badakaurda, Via- Langleswar, Ps- Baliapal, Dist- Balasore, PIN- 756024, Aadhaar Card No- 963169520000 declare that my name is Gitanjali Rout which is mentioned my Aadhaar Card No- 963169520000 but mistakenly my name is mentioned/ printed as Girarani Rout, W/o- Rama Chandra Rout in my UCO Bank, Langaleswar Branch Passbook, Account No- 11970110054413 and IFSC- UCBA0001197. Both Gitanjali Rout and Gitarani Rout are one and same person. Gitanjali Rout, W/o- Rama Chandra Rout is my true, correct and genuine man.

Gitanjali Rout

# ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଂଶୁଘାତ ଜନିତ ସଚେତନତା ଓ ଜଳାଦାନ ଶିବିର ଅନୁଷ୍ଠିତ



ଜଳେଶ୍ୱର, ୨୬/୪ (ନି.ପ୍ର): ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳୀକୋଠା ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନାଙ୍କ ନେତୃତ୍ୱରେ ଅଂଶୁଘାତ ଜନିତ ସଚେତନତା ଓ ଜଳାଦାନ ଶିବିର ଶାଳିକୋଠା ଛକ ନିକଟରେ ଅନୁଷ୍ଠିତ ହୋଇ ଯାଇଛି ।ଏହି ଶିବିରକୁ ଆନୁଷ୍ଠାନିକ ଭାବରେ ଆରୁହା ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ତପନୀ ଭୂୟାଁ ଉଦଘାଟନ କରିଥିଲେ ।ମୁଖ୍ୟ ଅତିଥି ଭାବରେ ଆରୁହା ପଞ୍ଚାୟତର ସମିତି ସଦସ୍ୟା ଶ୍ରୀମତୀ ମଧୁମୀତା ମହାନ୍ତି,ମୁଖ୍ୟ ବକ୍ତା ଭାବେ ସାମ୍ବାଦିକ ମନୋଜ କୁମାର ଭୂୟାଁ,ସମ୍ମାନିତ ବକ୍ତା ଭାବେ ବିଦ୍ୟାଳୟର ଜେ.ଆର.ସି କାଉନସିଲର ଆଶିଷ କୁମାର ଦତ୍ତ ଓ ବରିଷ୍ଠ ଶିକ୍ଷକ ସଞ୍ଜୀବ କୁମାର ପ୍ରମାଣିକ ପ୍ରମୁଖ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ବିଭିନ୍ନ ପଦକ୍ଷେପମାନ ନିଜ ନିଜର ବକ୍ତବ୍ୟ ମାଧ୍ୟମରେ ଉପସ୍ଥାପନା କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ,ଶିକ୍ଷା କର୍ମଚାରୀ ସ୍କୁଲ ପରିଚାଳନା କାମିଟିର ସଦସ୍ୟ ସଦସ୍ୟା ଓ ଅଞ୍ଚଳର ବୁଦ୍ଧିଜୀବି ମାନେ ଭାଗ ନେଇଥିଲେ। ଜଳେଶ୍ୱର କପାସିଆ ରାସ୍ତାରେ ଯାଉଥିବା ୨ ହଜାରରୁ ପଥଯାତ୍ରୀଙ୍କୁ ଥଣ୍ଡା ପାନୀୟ ଜଳ,ଗ୍ଲୋକଜ ପାଣି, ସରବତ ଆଦି ପ୍ରଦାନ କରା ଯାଇଥିଲା। ବିଦ୍ୟାଳୟର ଶିକ୍ଷୟତ୍ରୀ ଅନୁରାଧା ରାଉଳ, ଶୁଭଶ୍ରୀ ଭୂୟାଁ, ମମତା ଭଞ୍ଜ, ଦେବସ୍ମିତା ଗିରି, ସବିତା ସାମଲ,ଆଦ୍ୟାଶା ହେମ୍ବ୍ରମ, ପ୍ରଣତିବାଳା ଦତ୍ତ, ଶିକ୍ଷକ ବାବୁଲା ମୁର୍ମୁ, ସେଖ ନେସାର ଅହମ୍ମଦ,ଶିକ୍ଷା କର୍ମଚାରୀ ପ୍ରଦୀପ କୁମାର ଦାସ, ଅମ୍ବରୀ ପାତ୍ର, ମୌସୁମୀ ପାଳ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇ ଆନନ୍ଦ ଅନୁଭବ କରିଥିଲେ। କେବଳ ଜଳାଦାନ କଲେ ସମସ୍ୟା ସମାଧାନ ନୁହେଁ,ଗୃହ ପ୍ରାଙ୍ଗଣରେ ଓ ଛାତ ଉପରେ ପଶୁ ପକ୍ଷୀଙ୍କ ପାଇଁ କୌଣସି ପାତ୍ରରେ ପାଣି ରଖିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ ।ବିଦ୍ୟାଳୟର ଏତାଦୃଶ୍ୟ କାର୍ଯ୍ୟକ୍ରମକୁ ଜନସାଧାରଣ, ଅଞ୍ଚଳବାସୀ ପ୍ରସଂଶା କରିବା ସହିତ ଏହିଭଳି ଭାବେ ଅନ୍ୟ ବିଦ୍ୟାଳୟ ମାନେ ଅନୁପ୍ରାଣୀତ ହେଉ ବୋଲି ଆଶା ପୋଷଣ କରିଥିଲେ। ଶେଷରେ ଶିକ୍ଷକ ସତ୍ୟ ରଞ୍ଜନ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବୟାନ ଦେଲେ...

କ୍ଷମା ପ୍ରାର୍ଥନା କରୁଛି। ସୂଚନାଯୋଗ୍ୟ, ସୁଲତା ଦେଓ କହିଥିଲେ ଯେ, ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣ ଘଟଣାରେ ଯେତିକି ସମୟରେ ଲୋକେ ମରିଛନ୍ତି ସେତିକି ସମୟରେ କାହାର ଧର୍ମ ପଚାରି ହେବନାହିଁ। କୌଣସି ଆତଙ୍କବାଦୀ କେବେ ଧର୍ମ ଓ ଜାତି ସହ ବନ୍ଧା ନଥାନ୍ତି। ଗୋଟିଏ ପଟେ ହିନ୍ଦୁ କି ନୁହେଁ ପଚାରି ଆତଙ୍କବାଦୀ ଗୁଳି ମାରିଚାଲିଥିଲେ ବୋଲି ମୃତକଙ୍କ ପରିବାର କହୁଥିବା ବେଳେ ସାଂସଦ ସୁଲତାଙ୍କ ବିବାଦୀୟ ମନ୍ତବ୍ୟ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଗତ ମଙ୍ଗଳବାର ଦିନ ଜମ୍ମୁ କଶ୍ମୀରର ଅନନ୍ତନାଗ ଜିଲ୍ଲା ପହଲଗାମରେ ପର୍ଯ୍ୟଟକମାନେ ପ୍ରାକୃତିକ ପରିବେଶ ସହିତ ସମୟ ବିତାଉଥିବା ବେଳେ ଆତଙ୍କବାଦୀମାନେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୨ ଜଣ ଓଡ଼ିଆଙ୍କ ସମେତ ମୋଟ ୨୬ ଜଣ ପର୍ଯ୍ୟଟକଙ୍କର ମୃତ୍ୟୁ ଘଟିଥିଲା। ମୃତକମାନଙ୍କ ମଧ୍ୟରେ ୨ ଜଣ ବିଦେଶୀ ନାଗରିକ ଥିଲେ। ସେହିପରି ମୃତ ୨୬ ଜଣଙ୍କ ମଧ୍ୟରୁ ଜଣେ ଅଣ ହିନ୍ଦୁ ଥିବା ବେଳେ ଅନ୍ୟମାନେ ହିନ୍ଦୁ ସଂପ୍ରଦାୟର ବୋଲି ମଧ କୁହାଯାଉଛି। ସୁଲତାଙ୍କ ମନ୍ତବ୍ୟ ନେଇ ବିଜେଡିର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର ପ୍ରତିକ୍ରିୟା ରଖିଛନ୍ତି। ଶ୍ରୀ ମିଶ୍ର କହିଛନ୍ତି, ଯେଉଁମାନେ ଉପହାସ କରୁଛନ୍ତି ସେମାନେ ନିଜେ ଉପହାସ ଯୋଗ୍ୟ। ତାଙ୍କୁ ଲୋକମାନେ ଉପହାସ କରିବା କଥା। ଦୁଃଖର କଥା ଜଣଙ୍କର ଦୁଃଖ ବେଳେ ଆଦୌ ଉପହାସ କରିବା ଉଚିତ ନୁହେଁ। ଆମ ସଂସ୍କୃତି ଆମକୁ ଏହା ଶିକ୍ଷା ଦେଇନି। ଏହିଭଳି କଥା ଆଦୌ ଶୋଭନୀୟ ନୁହେଁ ବୋଲି କହିବା ସହ ସାଂସଦଙ୍କ ବୟାନକୁ ସେ ନିନ୍ଦା କରିଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି। ବିଜେଡି ରାଜ୍ୟସଭା ସାଂସଦ ଏହି ବୟାନକୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିନ୍ଦା କରିଛନ୍ତି। ମନ୍ତ୍ରୀ କହିଛନ୍ତି, ଏଭଳି ଦୁଃସମୟରେ ଉପହାସ କରିବା ନିନ୍ଦନୀୟ। ଏଭଳି ଲୋକ ରାଜନୀତି କରିବାକୁ ଯୋଗ୍ୟ ନୁହଁନ୍ତି।

### ପହଲଗାମ୍ ଆତଙ୍କୀ...

କେତେ ସମୟ ଧରି ସେମାନେ ଆତଙ୍କ ଖେଳାଇଥିଲେ ? ସେହି ସମୟରେ ସ୍ଥାନୀୟ ଲୋକ ବା ଦୋକାନୀମାନଙ୍କ ବ୍ୟବହାର କେମିତି ଥିଲା ? ଏମିତି ଅନେକ ପ୍ରଶ୍ନ ଏନଆଇଏ ଟିମ୍ ପଚାରି ପାରେ । ଏହି ଘଟଣାର ତଦନ୍ତ ଘଓଇ କରୁଥିବାରୁ ବାଲେଶ୍ୱରରେ ଆସି ପହଞ୍ଚିଛି । ଏହି ପଚରାଉଚରାରୁ ଏନଆଇଏକୁ ଆତଙ୍କବାଦୀଙ୍କ ସଂପର୍କରେ ଅଧିକ ତଥ୍ୟ ବା କିଛି ସୁରାକ୍ ମଧ ମିଳିପାରେ । ଆତଙ୍କବାଦୀଙ୍କ ଏହି ବର୍ବରୋଚିତ କାଣ୍ଡକୁ ନିଜ ଆଖିରେ ଦେଖିଛନ୍ତି ମୃତ ପ୍ରଶାନ୍ତଙ୍କ ପତ୍ନୀ ଓ ପୁଅ । ଜମ୍ମୁ-କାଶ୍ମୀର ପହଲଗାମ୍‌ରେ ରକ୍ତର ହୋଲି ଖେଳିଛନ୍ତି ଆତଙ୍କବାଦୀ । ଏଥର ସେନା ନୁହେଁ, ପର୍ଯ୍ୟଟକଙ୍କୁ କରିଛନ୍ତି ଟାର୍ଗେଟ୍ । ପର୍ଯ୍ୟଟକଙ୍କ ଉପରେ ବର୍ଷିଥିଲା ଗୁଳି । ଆତଙ୍କବାଦୀଙ୍କ ଅତର୍କିତ ଗୁଳିମାଡ଼ରେ ୨୬ ଜଣ ପର୍ଯ୍ୟଟକଙ୍କ ଜୀବନ ଯାଇଥିବା ବେଳେ ମୃତକଙ୍କ ମଧ୍ୟରେ ରହିଛନ୍ତି ବାଲେଶ୍ୱରର ପ୍ରଶାନ୍ତ ଶତପଥୀ, ଯିଏକି ନିଜ ପତ୍ନୀ ଓ ୮ ବର୍ଷର ପୁଅ ସହ ପହଲଗାମ୍ ବୁଲିବାକୁ ଯାଇଥିଲେ । ତେବେ କେଉଁଠି ଓ କିପରି ଏହି ଭୟଙ୍କର ଆକ୍ରମଣ ହେଲା, କେତେବେଳେ ଘଟିଲା, ସେସବୁର ଛାତିଥରା ଚିତ୍ର ବଖାଣିଥିଲେ ମୃତ ପ୍ରଶାନ୍ତଙ୍କ ପତ୍ନୀ ପ୍ରିୟଦର୍ଶିନୀ ଶତପଥୀ । ପ୍ରିୟଦର୍ଶିନୀ ଶତପଥୀ ଗଣମାଧ୍ୟମକୁ କହିଥିଲେ, ''ଦିନ ସାଢେ ୧୨ଟା ଆକ୍ରମଣ ହୋଇଥିଲା । ମୁଁ, ମୋ ସ୍ୱାମୀ ଓ ପୁଅ ରୋପ୍‌ୱେରେ ବୁଲୁଥିଲୁ । ହଠାତ୍ ବାଣ ଫୁଟିବା ଭଳି ଢୋ ଢା ଶବ୍ଦ ହୋଇଥିଲା । ଆତଙ୍କବାଦୀମାନେ ଅତର୍କିତ ଭାବେ ଅନ୍ଧାଧୁନ୍ ଗୁଳିବର୍ଷା କରିଥିଲେ । ପ୍ରଶାନ୍ତଙ୍କ ବାମ ମୁଣ୍ଡରେ ଗୁଳି ବାଜିଥିଲା । ମୋ ଆଖି ସାମ୍ନାରେ ସବୁ ଘଟିଥିଲା ।''

### ଘାଟିରେ ଟେରରିଷ୍ଟ ନେଟୱର୍କକୁ ...

ଭାରାତ-ପାକିସ୍ତାନ ଭିତରେ ବଢୁଛି ଟେନସନ୍। ଉତ୍ତେଜନା ବଢୁଥିବାରୁ ଏଲଓସିରେ ପ୍ରସ୍ତୁତ ହେଲାଣି ବଙ୍କର। ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ପୁଞ୍ଚରେ ଥିବା ବଙ୍କର ଦ୍ୱାର ଖୋଲି ସଫାସୁତୁରା କରାଯାଉଛି। ସେଇଠି ଆସବାବପତ୍ର ନେଇ ବି ରଖିଲେଣି ସ୍ଥାନୀୟ ଲୋକ। ପହଲଗାମ୍ ଆକ୍ରମଣର ତଦନ୍ତ କରୁଛି ଏନଆଇଏ। ଆକ୍ରମଣ ସ୍ଥଳରୁ ତଥ୍ୟ ପ୍ରମାଣ ଯୋଗାଡ଼ ପରେ ଏବେ ଆକ୍ରମଣରେ ମୃତକଙ୍କ ପରିବାର ଲୋକଙ୍କୁ ଭେଟୁଛନ୍ତି। ଆଜି ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ବାଲେଶ୍ୱରର ପ୍ରଶାନ୍ତ ଶତପଥୀଙ୍କ ପତ୍ନୀ ପ୍ରିୟଦର୍ଶିନୀଙ୍କୁ ପଚରାଉଚରା କରିଛି ଏନଆଇଏ ଟିମ୍। ତାଙ୍କ ବୟାନ ରେକର୍ଡ କରି ଟିମ୍ ଫେରି ଯାଇଛି। ସେନାର ସର୍ଚ୍ଚ ଅପରେସନ୍ ଭିତରେ କୁପୱାରାରେ ଆଜି ଆତଙ୍କବାଦୀଙ୍କ ଏକ ଆଡ୍ଡା ସ୍ଥଳୀ ଠାବ ହୋଇଛି। ସେଠାରୁ ୫ଟି ଏକେ୪୭, ୮ଟି ଏକେ ୪୭ ମାଗଜିନ୍ ସହ ବିପୁଳ ଗୁଳିଗୋଳା ମିଳିଛି।

### ପୋପ୍ ଫ୍ରାନ୍ସିସ୍‌ଙ୍କ ଅନ୍ତିମ...

ଭାବରେ ସାକ୍ଷାତ କରିଥିଲେ ଏବଂ ଉପଯୋଗୀ ଆଲୋଚନା କରିଥିଲେ। ତଥାପି, ସେ କଥାବାର୍ତ୍ତା ବିଷୟରେ ଅଧିକ କିଛି ପ୍ରକାଶ କରି ନାହାନ୍ତି। ଆସୋସିଏଟେଡ୍ ପ୍ରେସ୍ ଜଣେ ୟୁକ୍ରେନୀୟ ଅଧିକାରୀଙ୍କ ସୂତ୍ରରୁ ସୂଚନା ଦେଇ କହିଛି ଯେ, ଦୁଇ ନେତା ଶୀଘ୍ର ପୁଣି ଥରେ ସାକ୍ଷାତ କରିବାକୁ ରାଜି ହୋଇଛନ୍ତି। ଏହା ଦୁଇ ନେତାଙ୍କ ମଧ୍ୟରେ ପରିସ୍ଥିତିକୁ ସଜାଡ଼ିବ ବୋଲି ଆଶା କରାଯାଉଛି। ଚଳିତ ବର୍ଷ ଫେବ୍ରୁଆରି ଶେଷ ଭାଗରେ, ଜେଲେନସ୍କି ଟ୍ରମ୍ପ୍ ପ୍ରଶାସନ ସହିତ ଏକ ଖଣିଜ ଚୁକ୍ତି ବିଷୟରେ ଆଲୋଚନା କରିବା ପାଇଁ ଆମେରିକା ଗସ୍ତ କରିଥିଲେ। ହ୍ୱାଇଟ୍ ହାଉସରେ ଉଭୟ ଦଳ ମଧ୍ୟରେ ଆଲୋଚନା ଚାଲିଥିଲା। ଏହି ସମୟ ମଧ୍ୟରେ, ୟୁକ୍ରେନ-ରୁଷିଆ ଯୁଦ୍ଧ ପ୍ରସଙ୍ଗରେ ଟ୍ରମ୍ପ୍ ଏବଂ ଜେଲେନସ୍କି ମୁହାଁମୁହିଁ ହୋଇଥିଲେ । ଏକ ଘମାଘୋଟ ବିତର୍କ ପରେ, ବୈଠକକୁ ସଂକ୍ଷିପ୍ତ କରାଯାଇଥିଲା ଏବଂ ଜେଲେନସ୍କିଙ୍କୁ ବିନା ଚୁକ୍ତିନାମାରେ ଫେରିବାକୁ ପଡିଥିଲା। ଏହି କାରଣରୁ, ଦୁହିଁଙ୍କ ମଧ୍ୟରେ ସମ୍ପର୍କ ଖରାପ ହୋଇଥିଲା। ଖ୍ରୀଷ୍ଟିଆନ କ୍ୟାଥୋଲିକ ଧାର୍ମିକ ନେତା ପୋପ୍ ଫ୍ରାନ୍ସିସ୍‌ଙ୍କ ଅନ୍ତିମ ସଂସ୍କାର ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନସ୍କିଙ୍କ ଯେଉଁ ଫଟୋ ସାମ୍ନାକୁ ଆସିଛି, ତାହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ, ଦୁଇ ନେତାଙ୍କ ମଧ୍ୟରେ ସମ୍ପର୍କରେ ଉନ୍ନତି ଆସିଛି। ଫଟୋରେ, ଉଭୟ ନେତା ବହୁତ ଆରାମଦାୟକ ଏବଂ କଥାବାର୍ତ୍ତାରେ ମଗ୍ନ ଦେଖାଯାଉଛନ୍ତି। ପୋପ୍ ଫ୍ରାନ୍ସିସ୍‌ଙ୍କ ଅନ୍ତିମ ସଂସ୍କାର ପାଇଁ ସାରା ବିଶ୍ୱର ନେତାମାନେ ରୋମ୍‌ରେ ପହଞ୍ଚିଛନ୍ତି। ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୋପ୍ ଫ୍ରାନ୍ସିସଙ୍କ ଅନ୍ତିମ ସଂସ୍କାରରେ ଯୋଗ ଦେଇଛନ୍ତି।

# ବାପା ପରେ ଦୁର୍ଘଟଣାରେ ଚାଲିଗଲା ମା': ବେସାହାରା ପୁଅକୁ ସାହା ହେବ କିଏ ?

ଭଦ୍ରକ, ୨୬/୪ (ନି.ପ୍ର): ମଣିଷ ଉପରେ ଯେତେବେଳେ ଦୁଃଖ ପଡେ ସେତେବେଳେ ଆଗପଛ ହୋଇ ଆସିଥାଏ । ଏହି ଦୁଃଖର ଭାରରେ ଅନେକ ଭାଙ୍ଗି ପଡିବାର ନଜିର ହୋଇଥିବା ବେଳେ ଅନେକଙ୍କ ଜୀବନର ଗତିପଥ ବଦଳାଇ ଦେଇଥାଏ । ସେହିପରି ଏକ ଦୁଃଖଦ ଘଟଣା ଘଟିଛି ବନ୍ତ ଥାନା ଅଧିନ ପଳସା ଗ୍ରାମରେ । ଚଳିତ ମାସ ୨୦ ତାରିଖ ୫୨୦ନଂ. ଜାତୀୟ ରାଜପଥରେ କୋଇଡା ପାର୍ଶ୍ୱରୁ ଗୁଆଲି ଆଡକୁ ଆସୁଥିବା ଏକ ହାଇୱା ଟ୍ରକ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ହୋଟେଲକୁ ମାଡି ଯାଇଥିଲା । ଫଳରେ ଏହି ବ୍ଲକ ଛୟାଳସିଂ ପଂଚାୟତ ହୋଟେଲ ମାଲିକାଣୀ ସୁଷମା ରଣା(୪୭)ଙ୍କର ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ଘଟାଇବା ପରେ ହାଇୱା ଡ୍ରାଇଭର ଜଣକ ଫେରାର ହୋଇଯାଇଥିଲା । ଘଟଣା ସ୍ଥଳରେ ରୁଗୁଡି ପୋଲିସ ପହଂଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ । ବଡବିଲ ତହସିଲ ପ୍ରଶାସନ ପକ୍ଷରୁ ମୃତକ ପରିବାରକୁ କେବଳ ରେଡକ୍ରସରୁ ୩୦ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଥିଲା । ହେଲେ ପୂର୍ବରୁ ବାପା ଏବେ ମାଆକୁ ହରାଇ ପୁଅ ସୌରଭ ଏବେ ବେସାହାରା ହୋଇପଡିଛି । ପ୍ରକାଶ ଯେ, ଗତ ୨୦ ବର୍ଷ ତଳେ ବନ୍ତ ଥାନା ଛୟାଳସିଂହ ପଂଚାୟତ ଅଧିନ ପଳସା ଗ୍ରାମର କୃତିବାସ ରଣା କେନ୍ଦୁଝର ଜିଲା ଗୁଗୁଡି ଥାନା ଅଧିନ ଗୁଆଲି ନଦୀଡିହି ଛକ ଠାରେ ଏକ ହୋଟେଲ ଆରମ୍ଭ କରିଥିଲେ । ସେଠାରେ ସେ ପତ୍ନୀ, ଦୁଇ ଝିଅ ଓ ଏକମାତ୍ର ପୁଅକୁ ନେଇ ରହିଆସୁଥିଲେ । ହୋଟେଲରୁ ଯାହା ରୋଜଗାର ହୁଏ ସେଥିରେ ସେ ବହୁ କଷ୍ଟରେ ପରିବାର ଚଳାଇ ଆସୁଥିଲେ । ଧାର କରଜ କରି ଦୁଇ ଝିଅଙ୍କୁ ବିବାହ ଦେବା ସହ ପୁଅକୁ ଫାର୍ମାସୀ ପଢାଉଥିଲେ । ଏହାରି ଭିତରେ ଗତ ୪ ବର୍ଷ ତଳେ କୃତିବାସଙ୍କର ଅକାଳ ବିୟୋଗ ଘଟିଲା । ସ୍ୱାମୀଙ୍କ ମୃତ୍ୟୁ ପରେ ପତ୍ନୀ ସୁଷମାଙ୍କ ଉପରେ ସମସ୍ତ ବୋଝ ବଢି ଯାଇଥିଲା । ଦୁଇ ଝିଅଙ୍କ ବିଭାଘର ଓ ପୁଅ ପାଠ ପଢାରେ ହୋଇଥିବା ଋଣ କିପରି ସୁଝିବେ ସେ ଚିନ୍ତାରେ ସୁଷମା ରହୁଥିଲେ । କେବଳ ହୋଟେଲର ରୋଜଗାରକୁ ଆଶ୍ରା କରି ସେ ପରିବାର ଚଳାଇ ଆସୁଥିଲେ । ଏହାରି ଭିତରେ ସୁଷମା ଦୁର୍ଘଟଣାରେ ଆରପାରିକୁ ଚାଲିଗଲେ । ଏକମାତ୍ର ପୁଅ ସୌରଭ(୨୩) କେନ୍ଦୁଝରସ୍ଥିତ ଏକ ଫାର୍ମାସୀ କଲେଜରେ ଗତ ବର୍ଷ ଫାର୍ମାସୀ ପାସ କରି ଘରେ ବସିଥିବା ବେଳେ ବାପାଙ୍କ ପରେ ମାଆଙ୍କ ଅକାଳ ବିୟୋଗ ତାଙ୍କୁ ବେସାହାରା କରିଦେଇଛି । ଭଉଣୀ ବିଭାଘର ବେଳେ ବାପା କରିଥିବା ଧାରକରଜ କିପରି ସୁଝାଯିବ ଏବଂ ସେ ନିଜେ କିପରି ଚଳିବେ ସେ ଚିନ୍ତାରେ ଏବେ ସୌରଭ ଅଛନ୍ତି । ତାଙ୍କର କୌଣସି ଜମିବାଡି ନଥିବା ଏବଂ ରୋଜଗାରକ୍ଷମ ହୋଇନଥିବାରୁ ରାଜ୍ୟ ସରକାର ତଥା କେନ୍ଦୁଝର ଜିଲା ପ୍ରଶାସନ ତାଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଇ ସରକାରୀ ସହାୟତା ପ୍ରଦାନ ସହ ଯୋଗ୍ୟତା ଭିତିରେ ତାଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି । ଉପରୋକ୍ତ ସମ୍ବେଦନଶୀଳ ଘଟଣା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ରାଜ୍ୟ ସରକାର ଓ କେନ୍ଦୁଝର ଜିଲ୍ଲା ପ୍ରଶାସନ ସହଯୋଗ ର ହାତ ବଢାଇବାକୁ ବୁଦ୍ଧିଜୀବି ମହଲରେ ଦାବୀ ହୋଇଛି ।

ରବିବାର, ଏପ୍ରିଲ ୨୭, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଜିଲ୍ଲାସ୍ତରୀୟ କନିଷ୍ଠ ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୫ମ ଦିନ



ବାରିପଦା , ୨୬/୪ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଜିଲ୍ଲା ସ୍ତରୀୟ କନିଷ୍ଠ ପୁରୁଷ (୧୬ ଓ ୧୯ ବର୍ଷରୁ କମ) କ୍ରିକେଟ ଟୁର୍ଣ୍ଣାମେଣ୍ଟର ୫ମ ଦିନର ମ୍ୟାଚରେ ମୟୁରଭଞ୍ଜ ରେଡ ମୟୁରଭଞ୍ଜ ଗ୍ରୀନକୁ ୧୮ ରନରେ ପରାସ୍ତ କରିଥିଲା ଓ ପ୍ରଥମେ ବ୍ୟାଟିଂ କରି ମୟୁରଭଞ୍ଜ ରେଡ ୩୦ ଓଭରରେ ୭ ଉଇକେଟ ହରାଇ ୧୫୯ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଲୋକନାଥ ପୃଷ୍ଟି ୪୭ ଓ ତରୁଣ ମାର୍ଣ୍ଡି ୩୭ ରନ କରିଥିବା ବେଳେ ବିପକ୍ଷ ଦଳର ଦିବ୍ୟ ରଞ୍ଜନ ସାହୁ ୩ଟି ଉଇକେଟ ଅକ୍ତିଆର କରିଥିଲେ ଓ ଉତ୍ତରରେ ମୟୁରଭଞ୍ଜ ଗ୍ରୀନ ସମସ୍ତ ଉଇକେଟ ହରାଇ ୧୪୧ ରନ ସଂଗ୍ରହ କରିପାରିଥିଲେ । ଦଳ ପକ୍ଷରୁ ମାନସ ମାଲାକାର ୩୬, ବ୍ରିଜେଶ ମିଶ୍ର ୩୩ ଓ ଜୀତ ଦେ ୩୦ ରନ କରିଥିବା ବେଳେ ବିପକ୍ଷ ଦଳର ମନ୍ଟୁନ ସାନ୍ତରା ୪ଟି ଉଇକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦିଲ୍ଲୀପ ଦାସ ଓ ସୁଶାନ୍ତ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ ଓ ପୂର୍ବତନ ଜିଲ୍ଲା ସ୍ତରୀୟ କ୍ରିକେଟ ଖେଳାଳି ପ୍ରଭାସ ଚନ୍ଦ୍ର ଘଡେଇ , କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ ଓ ଅମ୍ବିକା ରାଉତ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଆସନ୍ତା କାଲି ମୟୁରଭଞ୍ଜ ଗ୍ରୀନ ଓ ବି ସି ଏ କ୍ଲବ ମଧ୍ୟରେ ଖେଳ ହେବ।

# ନୀଳଗିରି ପୂର୍ତ୍ତବିଭାଗ ଲୋକଙ୍କ ଜୀବନ ସହ ଖେଳୁଛି ଖେଳ: ଇଂରେଜ ଅମଳରୁ ନିର୍ମିତ ଅସୁରକ୍ଷିତ ପୋଲରେ ଧନ ଜୀବନହାନି ଆଶଙ୍କା



ନୀଳଗିରି, ୨୬/୪ (ନି.ପ୍ର): ଇଂରେଜ ଅମଳରୁ ନିର୍ମିତ ଶେରଗଡ-ଝରଣଘାଟି ରାସ୍ତାର ଝରଣଘାଟି ଠାରେ ଥିବା ପୋଲଟି ଦୀର୍ଘଦିନଧରି ଅସୁରକ୍ଷିତ ଅବସ୍ଥାରେ ଥିବାବେଳେ, ପୂର୍ତ୍ତବିଭାଗ ୨ବର୍ଷତଳେ ଉକ୍ତ ପୋଲଟି ଅସୁରକ୍ଷିତ ବୋଲି ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ ।କିନ୍ତୁ ରାଜନୈତିକ ଇଚ୍ଛାଶକ୍ତି ଅଥବା ପ୍ରଶାସନିକ ଅବହେଳା ପାଇଁ ତାହା ଅଦ୍ୟାବଧି ସମ୍ପୂର୍ଣ୍ଣ କରାଯାଇ ପାରୁନାହିଁ ।ଯାହାକୁ ନେଇ ଉଠିଛି ବିରାଟ ପ୍ରଶ୍ନବାଚି । ଯାହା ଫଳରେ ଉକ୍ତ ରାସ୍ତାଦେଇ ଗମନାଗମନ କରୁଥିବା ଭାରିଯାନ ଯଥା ବସ, ଟ୍ରକ, କାର, ଜିପ୍, ମଟରସାଇକେଲ ତଥା ସାଧାରଣ ପଥଚାରୀ ଯାତାୟତରେ ନିଜକୁ ନିରାପଦ ମଣୁନାହାନ୍ତି । ଏଭଳି ସ୍ପର୍ଶକାତର ଘଟଣାରେ ପୂର୍ତ୍ତବିଭାଗ ନୀରବ ରହିବା କେତେଦୂର ଯଥାର୍ଥ ।ଏଥି ପାଇଁ ପ୍ରଶାସନକୁ ଲୋକମାନେ ଦାୟୀ କରିଛନ୍ତି । ପ୍ରତିଦିନ ଶହଶହ ଭାରିଯାନ ଉକ୍ତ ରାସ୍ତାଦେଇ ବାଲେଶ୍ୱରରୁ ଉଦଳା, ବାଲେଶ୍ୱରରୁ କପ୍ତିପଦା , ଉଦଳା ,ଶରତ, କେଉଁଝର ଓ ବାରିପଦାକୁ ଯିବାଆସିବା କରିଥାଏ ।ପୂର୍ତ୍ତ ବିଭାଗ ବ୍ରିଟିଶ ଅମଳରୁ ଅସୁରକ୍ଷିତ ପୁରୁଣାପୋଲ ସମ୍ମୁଖରେ ସୂଚନାଫଳକ ମଧ୍ୟ ନଲଗାଇବା ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ ଚକିତକରିଛି । ତେବେ ନୂତନ ପୋଲନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବା ବେଳେ ଏହି ପୁରୁଣା ପୋଲରେ ଯାନବାହାନ ଯାତାୟାତ କରୁଛି । ପୋଲରେ ଅଧିକାଂଶ ସ୍ଥାନରେ ଫାଟ ପଡ଼ିଥିବା ଦେଖାଯାଇଛି । ଏପରିକି ପୋଲଟି ହଲୁଥିବାର ଅଭିଯୋଗ ମଧ ହୋଇଛି । ଏବେ ଗୋଟିଏ ସ୍ଥାନରେ ପଥର ଖସିଯାଇଥିବା ବେଳେ ସେଠାରେ ଦୁଇଗୋଟି ବାଉଁଶ ଓ ବାଲିବସ୍ତା ଠେକଣା ଦିଆଯାଇଥିବା ଦେଖିବାକୁ ମିଳିଛି । ଏଭଳି ବିପଦପୂର୍ଣ୍ଣ ଅବସ୍ଥାରେ ଉକ୍ତ ପୋଲରେ ଯିବାଆସିବା କରିବା ଆଗାମୀ ଦିନରେ ଏକ ମହାବିପତ୍ତିକୁ ପ୍ରଶାସନ ନିମନ୍ତ୍ରଣ କରୁଥିବା ଅଭିଯୋଗ ହୋଇଛି । କେନ୍ଦ୍ରସରକାର ଶେରଗଡରୁ -ଝରଣଘାଟି ପର୍ଯ୍ୟନ୍ତ ୪ ଥାକିଆ ରାସ୍ତା ନିର୍ମାଣ ପାଇଁ ୧୨୫କୋଟି ଟଙ୍କା ମଞ୍ଜୁର କରିଥିଲେ ହେଁ, ପୋଲ କିମ୍ବା ରାସ୍ତାକାର୍ଯ୍ୟ ସରିପାରୁନି । ଆଗାମୀଦିନରେ ଉକ୍ତ ବିପଦପୂର୍ଣ୍ଣ ପୋଲରେ ବହୁ ଧନଜୀବନ ନଷ୍ଟ ହେବାସହିତ ଏକ ବିରାଟ ଜନଆନ୍ଦୋଳନର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ ବୋଲି ବୁଦ୍ଧିଜୀବି ମାନେ ମତପ୍ରକାଶ କରିଛନ୍ତି।

## ଓଡ଼ିଶାରେ ବହୁ ପାକିସ୍ତାନୀ ଗୁପ୍ତରେ ଅଛନ୍ତି : ଜୟନାରାୟଣ ମିଶ୍ର

ଭୁବନେଶ୍ୱର, ୨୬/୪ (ନି.ପ୍ର): ଓଡ଼ିଶାରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ନେଇ ପ୍ରତିକ୍ରିୟା ରଖିଛନ୍ତି ବରିଷ୍ଠ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର। ସେ କହିଛନ୍ତି ଯେ ଓଡ଼ିଶାରେ ୧୨ ପାକିସ୍ତାନୀ ଥିବା ନେଇ ତାଲିକା କେନ୍ଦ୍ରରୁ ଆସିଥିଲା। କିନ୍ତୁ ଆହୁରି ଅଧିକ ଗୁପ୍ତରେ ଅଛନ୍ତି। ସେହିପରି ରାଜ୍ୟରେ ବାଲାଂଦେଶୀ ଙ୍କ ସଂଖ୍ୟା ବଢ଼ିଲାଣି। କେବଳ ଭୁବନେଶ୍ୱରରେ ୧୦ ହଜାର ଥିବେ। ସବୁ ବିଦେଶୀ ନାଗରିକଙ୍କୁ ବାହାର କରିବା କଥା। ବାଲାଂଦେଶୀ ମୁସଲିମ ସମସ୍ୟା ସୃଷ୍ଟି କରୁଛନ୍ତି। ବର୍ମାର ରୋହିଙ୍ଗ୍ୟା ବି ଆସିଲେଣି। ଉପକୂଳ ଜିଲ୍ଲା ଗୁଡିକରେ ବହୁତ ବିଦେଶୀ ନାଗରିକ ହୋଇ ଗଲେଣି। ଯଦି ଆମ ସ୍ଥାନରେ ଆମେ ସଂଖ୍ୟା ଲଘୁ ହେଇଯିବା ତାହେଲେ କଣ ହେବ ? ସରକାର ସେମାନଙ୍କୁ ବାହାର କରୁ ଏବଂ ମୁର୍ସିଦାବାଦ ପରିଚୟ ପତ୍ର ଓଡ଼ିଶାରେ ବ୍ୟାନ କରାଯାଉ। କାରଣ ପଶ୍ଚିମବଙ୍ଗ ସରକାର ସେମାଙ୍କୁ ପରିଚୟ ପତ୍ର ଦେଉଛନ୍ତି ଏବଂ ସେମାନେ ଓଡିଶା ଆସି ରହି ଯାଉଛନ୍ତି ବୋଲି କହିଛନ୍ତି ଜୟନାରାୟଣ।

# କାଶ୍ମୀରରେ ଆତଂକୀ ଗୁଳିରେ ନିହତଙ୍କ ପ୍ରତି ବସ୍ତା ସାହିତ୍ୟ ପରିଷଦର ଶ୍ରଦ୍ଧାଞ୍ଜଳି

ବସ୍ତା , ୨୬/୪ (ନି.ପ୍ର): ଜାମ୍ମୁ କାଶ୍ମୀରର ପହେଲଗାମ ଠାରେ ପାକିସ୍ଥାନୀ ସମର୍ଥିତ ଆତଙ୍କବାଦୀଙ୍କ ଦ୍ୱାରା ନିହତ ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦଗତି ପାଇଁ ବସ୍ତା ସାହିତ୍ୟ ସଂସ୍କୃତି କଳା ପରିଷଦ ତରଫରୁ ଶୋକ ପ୍ରକାଶ କରାଯାଇଛି। ପରିଷଦର ମାସିକ କବିତା ଆସରରେ ବାଲେଶ୍ୱରର ପ୍ରଶାନ୍ତ ଶତପଥୀଙ୍କ ସମେତ ୨୬ ଜଣଙ୍କ ପାଇଁ ନୀରବ ପ୍ରାର୍ଥନା କରିବା ସହ ମୃତ ବ୍ୟକ୍ତିଙ୍କ ପରିବାର ଓ ଆତ୍ମୀୟ ସ୍ୱଜନଙ୍କ ପ୍ରତି ସମବେଦନା ଜ୍ଞାପନ କରାଯାଇଥିଲା। ଏହି ସଭାରେ ସଭାପତିତ୍ୱ କରିଥିଲେ କୁମୁଦ ରଞ୍ଜନ ଗିରି। ଅନ୍ୟ ମାନଙ୍କ ମଧ୍ୟରେ ଶ୍ୟାମାପ୍ରସାଦ ବେହେରା,ବିଜୟ କୁମାର ପରିଡା, ଜଗନ୍ନାଥ ଗିରି, ପ୍ରଶାନ୍ତ ଦାସ, ଜୟନ୍ତୀ ବେହେରା, ଅରୁଣ ଦାସ, ରଜନୀକାନ୍ତ ବାରିକ, ଜୟନ୍ତ ପାଣିଗ୍ରାହୀ, ନମିତା ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

# ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ସମାରୋହ ଅନୁଷ୍ଠିତ




ବାଲେଶ୍ୱର, ୨୬/୪ (ନି.ପ୍ର): ଜିଲ୍ଲା ସଦର ମହକୁମାସ୍ଥିତ ସଭାବନା ସଭାଗୃହରେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି ଓ ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ହେମନ୍ତ ସିଂ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଡ଼. ମଧୁସ୍ମିତା ସାମନ୍ତରାୟ, ମୁଖ୍ୟ ବକ୍ତା ତଥା ବିଶିଷ୍ଟ କବି ଶ୍ରୀ ପ୍ରଶାନ୍ତ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତଙ୍କ ସମେତ ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଓ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ସମନ୍ୱୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସଭା ପ୍ରାରମ୍ଭରେ ପହଲଗାମ ଆତଙ୍କୀ ଆକ୍ରମଣରେ ପ୍ରାଣ ହରାଇଥିବା ଅମର ଆତ୍ମାଙ୍କ ସଦ୍ଗତି ପାଇଁ ଏକ ମିନିଟର ନିରବ ପ୍ରାର୍ଥନା କରାଯାଇଥିଲା । ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୀବନୀ ଅନେକ ଜୀବନକୁ ସୃଜନଶୀଳ କରିବାକୁ ପ୍ରୋତ୍ସାହିତ କରି ଓଡିଆ ଭାଷା, ସାହିତ୍ୟ, ସଂସ୍କୃତିକୁ ଆଗକୁ ବଢେଇବାରେ କର୍ଣ୍ଣଧାର ସାଜିଥିଲା ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ କହିଥିଲେ । କୃଷ୍ଣଚନ୍ଦ୍ର ଗଜପତି ଓଡ଼ିଶାର ଭାଷା ବଞ୍ଚେଇବା ପାଇଁ ଲଢେଇ କରିଥିଲେ । କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୀବନରୁ ସାଲିଶ ବିହୀନ ମାନସିକତାକୁ ହଟେଇ ଅନ୍ୟାୟ ବିରୁଦ୍ଧରେ ମୁହଁ ଖୋଲି ଆଗକୁ ବଢିବାକୁ ଶିଖିବା ଦରକାର ବୋଲି ସେ କହିଥିଲେ । ବରପୁତ୍ରଙ୍କ ଜୀବନୀ ଜାଣିବାରେ କୁଣ୍ଠା ବୋଧ ନ କରିବାକୁ ବର୍ତ୍ତମାନର ଯୁବପିଢୀକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସିଂ ଉପଦେଶ ଦେଇଥିଲେ । କୃଷ୍ଣଚନ୍ଦ୍ର ଗଜପତି ଖଣ୍ଡ ବିଖଣ୍ଡିତ ଓଡ଼ିଶାକୁ ଏକତ୍ରିକରଣର ବୀଜ ବୁଣିଥିଲେ ବୋଲି ସେ କହିଥିଲେ । ମୁଖ୍ୟ ବକ୍ତା ଶ୍ରୀ ଦାସ ନିଜ ବକ୍ତବ୍ୟରେ ଅତୀତକୁ ଜାଣିବା ଏବଂ ଅତୀତକୁ ମନେ ପକେଇ ଆଗକୁ ବଢିବାକୁ କହିଥିଲେ । ଅତୀତରେ ଆମ ପୂର୍ବ ପୁରୁଷଙ୍କ ବଳିଦାନ ଯୋଗୁଁ ଆମ ଭବିଷ୍ୟତ ଖୁବ ସୁମଧୁର ହେଇଥିବାରୁ ସେମାନଙ୍କ ସ୍ମୃତିଚାରଣ ହେଲେ ତାଙ୍କ ତ୍ୟାଗକୁ ଆମେ ଯଥେଷ୍ଟ ସମ୍ମାନ ଦେଇପାରିବା ବୋଲି ସେ କହିଥିଲେ । ଉପଖଣ୍ଡ ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଗୋବର୍ଦ୍ଧନ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ ।

## ଶ୍ରୀମନ୍ଦିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ବାଟାଲିୟନ

ଭୁବନେଶ୍ୱର, ୨୬/୪ (ନି.ପ୍ର): ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ବାଟାଲୀୟନ ତିଆରି କରିବା ପାଇଁ ତିନି ମାସ ଧରି ପ୍ରକ୍ରିୟା ଜାରି ରହିଛି । ବିଭିନ୍ନ ଆର୍ମ ଫୋର୍ସରୁ ଯୋଗ୍ୟ ଲୋକ ବାଛି ଶ୍ରୀମନ୍ଦିର ବାଟାଲିୟନ ପାଇଁ ନିୟୋଜିତ କରାଯାଉଛି । ସୁରକ୍ଷା ଦୃଷ୍ଟିରୁ ଶ୍ରୀମନ୍ଦିର ପାଇଁ କୌଣସି ଅସୁବିଧା ଯେମିତି ନ ରହିବ ସେଥିପାଇଁ କାର୍ଯ୍ୟକ୍ରମ କରାଯାଉଛି । ସେ ବାହ୍ୟ ଆକ୍ରମଣ ହେଉ କି ଅନ୍ୟ ଯାହା ବି ତାକୁ ମୁକାବିଲା ପାଇଁ ସରକାର ପ୍ରସ୍ତୁତ । ଶ୍ରୀମନ୍ଦିର ସ୍ୱତନ୍ତ୍ର ବାଟାଲିୟନ ପୂର୍ଣାଙ୍ଗ ହୋଇଯିବା ପରେ ଶ୍ରୀମନ୍ଦିର ସୁରକ୍ଷା ନେଇ ରାଜ୍ୟ ସରକାରଙ୍କ ସଂକଳ୍ପ ସମ୍ପୂର୍ଣ୍ଣ ହେବ ବୋଲି ଆଇନ ମନ୍ତ୍ରୀ କହିଛନ୍ତି ।

# ଜିଲ୍ଲା ଦଳିତ ମହାସଂଘ ପକ୍ଷରୁ ଡ଼ଃ ବାବା ସାହେବ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଉତ୍ସବ ପାଳିତ



ଭଦ୍ରକ, ୨୬/୪ (ନି.ପ୍ର): ଜିଲ୍ଲା ଦଳିତ ମହାସଂଘ ପକ୍ଷରୁ ଜିଲ୍ଲା ସଂସ୍କୃତି ଭବନରେ ଡ଼ଃ ବାବା ସାହେବ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଦଳିତ ମହାସଂଘ ସଭାପତି ରାଜେନ୍ଦ୍ର ପ୍ରସାଦ ଜେନାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଦଳିତ ନେତା ମାନସ କୁମାର ମଲ୍ଲିକ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଫେସର ଡ଼ଃ ଅମୂଲ୍ୟ କୁମାର ମଲ୍ଲିକ, ବରେଣ୍ୟ ଅତିଥି ଏମ ଡି ଫାରୁକ, ସମ୍ମାନିତ ଅତିଥି ଅବସରର ପ୍ରାପ୍ତ ଅଧ୍ୟାପକ କମଳା କାନ୍ତ ସ୍ୱାଇଁ, ସମ୍ମାନିତ ଆଇନଜୀବି ତାହେର ମହମ୍ମଦ, ସମ୍ମାନିତ ଅତିଥି କଂଗ୍ରେସ ନେତା ନଳିନୀ ମହାନ୍ତି ପ୍ରମୁଖ ଯୋଗଦେଇ ଡ଼ଃ ବାବାସାହେବ ଆମ୍ବେଦକରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିବା ସହ ସମଗ୍ର ଭାରତ ବର୍ଷର ବାବା ସାହେବ ଆମ୍ବେଦକର ଏକ ଉଜ୍ଜଳ ଜ୍ୟୋତି ବୋଲି ବକ୍ତବ୍ୟ ଦେଇଥିଲେ କ୍ଷକ୍ଷମୁଖ୍ୟ ଅତିଥି ମାନସ ମଲ୍ଲିକ ତାଙ୍କ ବକ୍ତବ୍ୟରେ ବାବା ସାହେବ ଙ୍କ ପାଇଁ ଆଜି ସମାଜର ତଳସ୍ତରର ଲୋକ ମାନେ ସମାଜ ମଧ୍ୟରେ ସମ୍ମାନ ର ଜୀବନ ବିତାଉ ଥିବା ବେଳେ ଧୀରେ ଧୀରେ ସେମାନଙ୍କ ଶିକ୍ଷା, ଅର୍ଥନୈତିକ,ସାମାଜିକ କ୍ଷେତ୍ରରେ ସୁଧାର ଆସୁଥିବାର ବକ୍ତବ୍ୟ ଦେଇଥିଲେ । ସେହିପରି ମୁଖ୍ୟବକ୍ତା ଡ଼ଃ ଅମୂଲ୍ୟ ମଲ୍ଲିକ ତାଙ୍କ ବକ୍ତବ୍ୟରେ ସମାଜର ଗରିବ ଶ୍ରେଣୀର ଲୋକ ମାନଙ୍କୁ ସାମାଜିକ ମୁଖ୍ୟ ସ୍ରୋତରେ ସାମିଲ କରିବା ଓ ସେମାନଙ୍କୁ ନ୍ୟାର୍ଯ୍ୟ ଅଧିକାର ଦେବା ପାଇଁ ବାବା ସାହେବ ଆମ୍ବେଦକର ଙ୍କ ସଂଘର୍ଷ, ସଂଗ୍ରାମ ଅତୁଳନୀୟ ବୋଲି ଭାଷଣ ଦେଇ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବ ନେତା ଜୟରାମ ମଲ୍ଲିକ, ମଦନ ମଲ୍ଲିକ, କ୍ଷୀରୋଦ ସେଠୀ ପ୍ରମୁଖ ବକ୍ତବ୍ୟ ଦେଇଥିବା ବେଳେ ଶଶିକାନ୍ତ ଜେନା, ଦୀନବନ୍ଧୁ ଦାସ, ଧରିତ୍ରୀ ଜେନା, ନାରୀନେତ୍ରୀ ଜ୍ୟୋସ୍ନାରାଣୀ ଜେନା, ମନୋଜ ଜେନା ପ୍ରମୁଖ ଯୋଗଦେଇଥିଲେ । ଜୟନ୍ତୀ ଉତ୍ସବ ପାଳନ ପ୍ରାରମ୍ଭରେ ଆତଙ୍କବାଦୀ ହମଲାରେ ପ୍ରଣାବଳୀ ଦେଇଥିବା ମୃତକ ଙ୍କ ଉଦେଶ୍ୟରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ପରେ ଆମ୍ବେଦକରଙ୍କ ଫୋଟ ଚିତ୍ରରେ ମୁଖ୍ୟ ଅତିଥି ସମ୍ମାନିତ ଅତିଥି ପୁଷ୍ପ ମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୟୋଳନ କରିଥିଲେ । ଆୟୋଜିତ ଏହି ଉତ୍ସବକୁ ଯୁବନେତା ରଞ୍ଜନ ଜେନା ପରିଚାଳନା କରିବା ସହ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଢେଇ ବର୍ଷରେ ୧୦ ଲକ୍ଷ ଯୁବକ ଯୁବତୀଙ୍କୁ ମିଳିଲାଣି ନିଯୁକ୍ତି

ଭୁବନେଶ୍ୱର, ୨୬/୪ (ନି.ପ୍ର): ବିଗତ ଅଢେଇ ବର୍ଷରେ ୧୦ ଲକ୍ଷ ଯୁବକ ଯୁବତୀଙ୍କୁ ନିଯୁକ୍ତି ମିଳିଛି। ଦେଶର ବିକାଶରେ ଯୁବପିଢୀଙ୍କ ଭାଗିଦାରୀକୁ କେନ୍ଦ୍ର ସରକାର ନିଶ୍ଚିତ କରିଛନ୍ତି ବୋଲି କହିଛନ୍ତି ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ହର୍ଷ ମାଲହୋତ୍ରା। ଓଡିଶା ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି ୨୦୧୪ ପୂର୍ବର ସରକାରଙ୍କ ତୁଳନାରେ ମୋଦିଙ୍କ ନେତୃତ୍ୱରେ ଦେଢଗୁଣା ନିଯୁକ୍ତି ଦିଆଯାଇଛି। ଆମ ସରକାରରେ ନିଯୁକ୍ତି କ୍ଷେତ୍ରରେ ଭ୍ରଷ୍ଟାଚାର ହେଉନି। ବିଜ୍ଞାପନ ଠାରୁ ଆରମ୍ଭ କରି ନିଯୁକ୍ତି ପତ୍ର ମିଳିବା ଯାଏ ସମୟସୀମା ନିର୍ଦ୍ଧାରଣ କରି ରୋଜଗାର ଦିଆଯାଉଛି। ନିଯୁକ୍ତି ପାଇଁ ଯୁବକ ଯୁବତୀଙ୍କୁ ଆଉ ଅପେକ୍ଷା କରିବାକୁ ପଡୁନି ।

# କଟୁଆପଡା ପୀର ବାବାଙ୍କ ବାର୍ଷିକ ଉତ୍ସବ ପାଳନ



ବାଲିଆପାଳ, ୨୬/୪ (ନି.ପ୍ର): ବାଲିଆପାଳ ବ୍ଲକ କଟୁଆପଡ଼ା ଗ୍ରାମରେ ଥିବା ହପିଜ୍ ବଦିରୋଦିନ ବାବାଙ୍କ ବାର୍ଷିକ ଉତ୍ସବ ଓ ଜଲସା ଗୁରୁବାର ଧୁମ ଧାମରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବହୁ ମୁସଲିମ ଭାଇଭଉଣୀ ମାନେ ବିଭିନ୍ନ ସ୍ଥାନରୁ ଆସି ବାବାଙ୍କ ପାଖରେ ମାନସିକ ପୂରଣ ପାଇଁ ଚାଦର ଚଢ଼ାଇଥିଲେ। ରାତି ୧୦ଟାରୁ ପିର ବାବାଙ୍କ ମସଜିଦ ନିକଟରେ ଇସଲାମୀୟ ଧର୍ମ ସମ୍ବନ୍ଧୀୟ ଉର୍ଦ୍ଦୁ ଭାଷାରେ ପ୍ରବଚନ ଓ ଭଜନ ପରିବେଷଣ କରାଯାଇଥିଲା । ଏହାକୁ ଦେଖିବା ପଇଁ ବେଶ ଭିଡ ଲାଗିଥିଲା। କାର୍ଯ୍ୟକ୍ରମକୁ କାଦରୀ କମିଟି କଟୁଆପଡାର ସଭାପତି ଜୁମା ଶାହା, ସମ୍ପାଦକ ଫିରୋଜ ଶାହା, ଇନତାଜ ସାହା, ସେକ୍ ହାବିଲ, ସେକ କାବିଲ, ଲାୟସ ଶାହା,ସେକ୍ ବୁଲୁ,ସେକ୍ ଜହର ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ପହଲଗାମ ମୃତକଙ୍କ ଉଦ୍ଦେଶ୍ୟରେ ମହମବତୀ ଶୋଭାଯାତ୍ରା




ବାରିପଦା, ୨୬/୪ (ନି.ପ୍ର): ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ପହଲଗାମ ଠାରେ ଆତଙ୍କ ବାଦୀଙ୍କ ଗୁଳିରେ ଶହିଦ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଏବଂ ମହମବତୀ ଶୋଭାଯାତ୍ରା ପ୍ରତିଷ୍ଠାତା ସଭାପତି ଶରତ ଚନ୍ଦ୍ର ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ନିକଟରେ ଜାମ୍ମୁ କାଶ୍ମୀର ପରିଭ୍ରମଣରେ ଯାଇଥିବା ୨୮ ଜଣ ତୀର୍ଥଯାତ୍ରୀଙ୍କୁ ଆତଙ୍କବାଦୀ ମାନେ ଅତି ନିର୍ଦ୍ଦୟ ଭାବେ ହତ୍ୟା କରିଥିଲେ। ଏହି ଅମାନୁଷିକ ଘଟଣାକୁ ଉପସ୍ଥିତ ସଦସ୍ୟ ସଦସ୍ୟା ମାନେ ଦୃଢ ନିନ୍ଦା କରି ନିଜର ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ୨ ମିନିଟ ନିରବ ପ୍ରାର୍ଥନା କରିବା ସହ ମହାରାଜା ଶ୍ରୀରାମଚନ୍ଦ୍ର ଙ୍କ ପ୍ରତମୂର୍ତ୍ତି ସ୍ଥଳରୁ ଛଉ ପଡିଆ ଯାଏ ଏକ ମହମବତୀ ଶୋଭାଯାତ୍ରା କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରାରେ ସଦସ୍ୟ ପିତାମ୍ବର ମଲ୍ଲିକ, ପଣ୍ଡିତ ଭାଗବତ ପଣ୍ଡା, କୃତି ଶିକ୍ଷକ ଡ଼। ଶଶୀ ଧର ବିଶ୍ୱାଳ, ଦୀପକ କୁମାର ନାୟକ, ରାଜକିଶୋର ମହାନ୍ତ, ଦିଲ୍ଲୀପ ପାତ୍ର, ଗୋଲୋକ ମହାନ୍ତି, ମହମ୍ମଦ ଇସ୍ମାଇଲ, ଜତିନ ଚନ୍ଦ୍ର ଗିରି, ସୁନୀଲ ମହାନ୍ତ, ପ୍ରଦୀପ ପଲେଇ, ସତ୍ୟ ନାରାୟଣ ସାହୁ, କମଲ ବେହେରା, ଗୋପାଳ ଚନ୍ଦ୍ର ସାଓ, ଏମ ସାଇ ଜ୍ୟୋତି, ଏମ। ସାଇ ପ୍ରୀତି ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ପାକିସ୍ତାନ ନାଗରିକଙ୍କୁ ଲିଭ୍ ଇଣ୍ଡିଆ ନୋଟିସ୍ କରାଯାଇଛି : ଡିସିପି

ଭୁବନେଶ୍ୱର, ୨୬/୪ (ନି.ପ୍ର): ଭୁବନେଶ୍ୱରରେ ପାକିସ୍ତାନୀ ନାଗରିକ ରହିବା ନେଇ ପ୍ରତିକ୍ରିୟା ରଖିଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମୀନା। ସେ କହିଛନ୍ତି ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ପାକିସ୍ତାନୀ ଚିହ୍ନଟ ହେଉଛନ୍ତି। ଚିହ୍ନଟ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ମଧ୍ୟ ଚିଠି ହୋଇଛି। ରେକର୍ଡ ଅନୁସାରେ ଜଣେ ପାକିସ୍ତାନ ନାଗରିକ ଭୁବନେଶ୍ୱରରେ ଅଛନ୍ତି। ସେ କାଲି ଚିହ୍ନଟ ହୋଇଥିଲେ। ତାଙ୍କୁ ୨୭ ଏପ୍ରିଲ ସୁଦ୍ଧା ଦେଶରୁ ଯିବାକୁ କୁହାଯାଇଛି। ତାଙ୍କୁ ଲିଭ୍ ଇଣ୍ଡିଆ ନୋଟିସ କରାଯାଇଛି। ସେ ଫେବୃଆରୀରୁ ଏକଜିଟ ପରମିଟ ପାଇଁ ଆବେଦନ କରିଥିଲେ। ତାଙ୍କୁ ଅନୁମତି ଦିଆଯାଇଛି।

# ଆଜିଠୁ ସ୍ନାନ ପୂର୍ଣ୍ଣିମା ଯାଏ ରତ୍ନଭଣ୍ଡାର ମରାମତି କାମ ବନ୍ଦ

ଭୁବନେଶ୍ୱର, ୨୬/୪ (ନି.ପ୍ର): ଆଜିଠୁ ସ୍ନାନ ପୂର୍ଣ୍ଣିମା ଯାଏ ରତ୍ନଭଣ୍ଡାର ମରାମତି କାମ ବନ୍ଦ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଆଉ ୫୦ ରୁ ୬୦ ଘଣ୍ଟାର କାମ ପରେ ରତ୍ନ ଭଣ୍ଡାରର ମରାମତି କାର୍ଯ୍ୟ ଶେଷ ହେବ । ଭିତର ରତ୍ନ ଭଣ୍ଡାର କାମ ସରିଛି ବାହାର ରତ୍ନ ଭଣ୍ଡାର କାମ ଅଳ୍ପ ବାକି ରହିଛି । ଆଉ ମାତ୍ର ୫୦ ରୁ ୬୦ ଘଣ୍ଟା ର କାମ ପରେ ତାହା ବି ଶେଷ ହୋଇଯିବ । ଏବେ ଠାକୁରଙ୍କ ଚାପ ଖେଳ ସମୟ ଏବଂ ଅନ୍ୟ ନୀତିକାନ୍ତି ଯୋଗୁ ଆଜି ଠୁ ମରାମତି କାର୍ଯ୍ୟ ବନ୍ଦ ରହିଛି । ଆସନ୍ତା ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରଖିବା ପାଇଁ କୁହାଯାଇଛି । ତା ପରେ କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହେବ । ଅତ୍ୟନ୍ତ ଖରାପ ସ୍ଥିତିରେ ଥିଲା ଭିତର ରତ୍ନ ଭଣ୍ଡାର ସ୍ଥିତି । ପଥର ଖସିବା ଭଳି ସ୍ଥିତିରେ ଥିଲା । ତେଣୁ ଆମେ ରତ୍ନ ଭଣ୍ଡାର ଦୀର୍ଘ କାଳୀନ ମରାମତି କରିବାକୁ ନିଷ୍ପତ୍ତି ନେଇଛୁ । ଆମ ପାଇଁ ସମୟ ନୁହେଁ ସୁରକ୍ଷା ବଡ଼ । ତାକୁ ଆଖି ଆଗରେ ରଖି କାମ ହେଉଛି ବୋଲି ମନ୍ତ୍ରୀ କହିଛନ୍ତି।

# ରବି ଋତୁରେ ୨୦ଲକ୍ଷ ମେଟ୍ରିନଟନ ଧାନ କିଣିବାକୁ ଟାର୍ଗେଟ ରଖିଛନ୍ତି ସରକାର

ଭୁବନେଶ୍ୱର, ୨୬/୪ (ନି.ପ୍ର): ରବି ଋତୁ ପାଇଁ ଯୋଗାଣ ବିଭାଗ ପ୍ରସ୍ତୁତି ଆରମ୍ଭ କରିଛି ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସର୍ଭେ କାମ ଚାଲିଛି। ଆଗରୁ ୧୭ ଜିଲ୍ଲା ଭାଗ ନେଉଥିବା ବେଳେ ଏବେ ୨୦ ଜିଲ୍ଲା ଭାଗନେବେ। ୨୦ରୁ ଜିଲ୍ଲାରେ ରବି ଫସଲ ହେଉଛି, ଆମେ ଫସଲ କିଣିବୁ । କୃଷକ ମାନଙ୍କଠାରୁ କୁଇଂଟାଲ ପିଛା ୩୧୦୦ଟଙ୍କା ଦରରେ ଧାନ କିଣିବୁ ଫଳରେ ସେମାନେ ଲାଭବାନ ହେବେ। ପାଖାପାଖି ୨୦ଲକ୍ଷ ମେଟ୍ରିନଟନ ଧାନ କିଣିବାକୁ ଟାର୍ଗେଟ ରଖିଛନ୍ତି ସରକାର। ଖରିଫରେ ୭୪ଲକ୍ଷ ମେଟ୍ରିକ ଟନ ଧାନ କିଣିଥିଲୁ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida